ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 14/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 52 | ମୂଲ୍ୟ ₹୭/-




## ପ୍ରେମରେ ପଡ଼ିଲେ ଦିଶା

ଟାଇଗର ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ୍ ପରେ ଅଭିନେତ୍ରୀ ଦିଶା ପଟାନି ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି।

୦୨

୧୨

## ଟେନିସ୍‌ରୁ ରାଓନିକ୍‌ଙ୍କ ଅବସର

କାନାଡ଼ାର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ ମିଲୋସ ରାଓନିକ୍ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି।



# ୪ ଦିନରେ କେନ୍ଦ୍ର ଦେଲାଣି ୪,୬୦୦ କୋଟିର ଅନୁଦାନ

**ଭୁବନେଶ୍ୱର,୧୩।୧ (ରବିନାରାୟଣ ଜେନା)**

ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ କିଭଳି ତ୍ୱରାନ୍ୱିତ ହେବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏଥିପାଇଁ କେନ୍ଦ୍ରୀୟ ଅନୁଦାନର ବଡ଼ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ୨୦୨୬ ଜାନୁଆରୀରେ ମାତ୍ର ୪ ଦିନରେ ଯୋଜନାର ଅଂଶଧନ ବାବଦକୁ ୪ ହଜାର ୬୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଏହାକୁ ନେଇ ସରକାରୀସ୍ତରରେ ଚର୍ଚ୍ଚା ଏବେ ଜୋର୍ ଧରିଛି। ପୋଲିସକୁ ଅଧିକ ଗତିଶୀଳ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ଇଂଲିଶ ନୂଆବର୍ଷରେ କେନ୍ଦ୍ର ସରକାରଙ୍କ କେତେକ ଲୋକାଭିମୁଖୀ ଯୋଜନାରେ କେନ୍ଦ୍ରୀୟ ଅଂଶଧନ ବାବଦକୁ ଓଡ଼ିଶାକୁ ୪,୬୦୦ କୋଟି ଟଙ୍କାର ଅନୁଦାନ ଆସିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଜାନୁଆରୀ ୯ରେ ୭ଟି ପର୍ଯ୍ୟାୟରେ ପ୍ରାୟ ୪,୫୭୦ କୋଟି ମିଳିଥିବାବେଳେ ଅବଶିଷ୍ଟ ୩୦ କୋଟି ଟଙ୍କା ୧୨ ତାରିଖରେ ମିଳିଛି। ସେଥିମଧ୍ୟରେ ଗୃହ ବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଅସ୍ତ୍ରଶସ୍ତ୍ରର ଅତ୍ୟାଧୁନିକୀକରଣ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଲାଗି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପ୍ରଭୃତି ରହିଛି।

ଓଡ଼ିଶାକୁ ଆସିଥିବା କେନ୍ଦ୍ରୀୟ ଅନୁଦାନ ତଥ୍ୟ ଅନୁଯାୟୀ, ଜାନୁଆରୀ ୯ରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୭ଟି ପର୍ଯ୍ୟାୟ ଯଥାକ୍ରମେ ୧୭୧୪.୦୯ କୋଟି, ୧୨୮୪.୬୪ କୋଟି, ୧୩୩୯.୩୫ କୋଟି, ୨୧୧.୭୬ କୋଟି, ୪୩.୯୯ କୋଟି, ୬.୬୩କୋଟି ଏବଂ ୧୩ ଲକ୍ଷ ଟଙ୍କା ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୨ରେ ଅବଶିଷ୍ଟ ଅର୍ଥ ଆସିଛି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ରାଜ୍ୟ ସରକାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍‌ବାଟରେ ଖର୍ଚ୍ଚ କରିବାରେ ସକ୍ଷମ ହେବେ ତେବେ କେନ୍ଦ୍ରୀୟ ଅନୁଦାନ ସେହି ହାରରେ ଅଧିକ ଆସିପାରିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଜନା(ସ୍ୱର୍ଣ୍ଣ) ମାଧ୍ୟମରେ ଟଙ୍କାର ଚିଜିନିଖ୍ ହିସାବ ରଖାଯାଉଛି। ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ କେନ୍ଦ୍ରୀୟ ଅନୁଦାନକୁ କେତେପରିମାଣରେ ☞ପୃଷ୍ଠା-୪

# ଇରାନ୍ ଯୋଗୁ ଆଉ ୨୫% ଟାରିଫ୍

## ଭାରତ ବିରୋଧରେ ଅତିରିକ୍ତ ଦଣ୍ଡାତ୍ମକ ଶୁଳ୍କ ଘୋଷଣା କଲେ ଟ୍ରମ୍ପ୍

ପଶ୍ଚିମ ଏସୀୟ ଇସ୍‌ଲାମିକ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଯୋଗୁ ୨୦୨୫ ଡିସେମ୍ବର ଦ୍ୱିତୀୟାର୍ଦ୍ଧରୁ ମୁଣ୍ଡ ଟେକିଥିବା ଗଣଆନ୍ଦୋଳନରେ ଅଦ୍ୟାବଧି ୨,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ରକ୍ଷଣଶୀଳ ଇରାନ୍‌ରେ ଗୃହଯୁଦ୍ଧ ସ୍ଥିତି ଉପୁଜିଥିବାବେଳେ ପୁନଃ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଏଥିରେ ହସ୍ତକ୍ଷେପ କରି ଏକ ବଡ଼ ଘୋଷଣା କରିଛନ୍ତି। ଇରାନ୍ ସହ ବାଣିଜ୍ୟିକ କାରବାର କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଟ୍ରମ୍ପ୍ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି, ଯାହାକି ତତ୍କାଳ ଲାଗୁ ହୋଇଛି। ଏଥିଯୋଗୁ ଭାରତ, ଚାଇନା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ତୁର୍କୀ, ପାକିସ୍ତାନ ଓ ଆର୍ମେନିଆ ଭଳି ତେହରାନ୍‌ର ବାଣିଜ୍ୟିକ ସହଯୋଗୀ ପ୍ରଭାବିତ ହେବେ ବୋଲି କୁହାଯାଉଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିବାବେଳେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଆଉ ୨୫% ଦଣ୍ଡାତ୍ମକ ଟିକସ ଲଗାଇଥିଲେ। ୫୦% ଟିକସର ସମ୍ମୁଖୀନ ହେବାରୁ ଆମେରିକାକୁ ଭାରତୀୟ ସାମଗ୍ରୀଗୁଡ଼ିକର ରପ୍ତାନି ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଘୋଷଣା ଆମେରିକୀୟ ବଜାରକୁ ପ୍ରବେଶ କରିବାକୁ ଥିବା ଭାରତର ସାମଗ୍ରୀଗୁଡ଼ିକ ପାଇଁ ୭୫% ଟିକସ ବୋଝ ପାଲଟିଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍/ତେହରାନ୍,୧୩।୧(ପି.ଟି./ରଏଟର୍ସ)**

ଇରାନ ସହ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହ ବାଣିଜ୍ୟ ଉପରେ ୨୫ ପ୍ରତିଶତ ଟାରିଫ୍ ଦେବାକୁ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ଇରାନର ବୃହତ ବାଣିଜ୍ୟ ସହଯୋଗୀ ଭାରତ, ଚାଇନା ଏବଂ ୟୁଏଇକୁ ପ୍ରଭାବିତ କରିପାରେ। ଏହା ଚୂଡ଼ାନ୍ତ ନିର୍ଦ୍ଦେଶନାମା ଏବଂ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ☞ପୃଷ୍ଠା-୪

## ଭାରତର ବାସମତୀ ଚାଉଳ ରପ୍ତାନି ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ଇରାନରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବ୍ୟାପୀ ଆନ୍ଦୋଳନ ଲାଗି ରହିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଆନ୍ଦୋଳନକୁ ବନ୍ଦ କରିବା ଲାଗି ଇରାନ ସରକାର ବଳ ପ୍ରୟୋଗ କରୁଥିବାରୁ ଅନେକ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ନାଗରିକ ଅଶାନ୍ତି ଯୋଗୁ ଉକ୍ତ ଦେଶକୁ ଭାରତର ବାସମତୀ ଚାଉଳ ରପ୍ତାନି ବାଧାପ୍ରାପ୍ତ ହୋଇଛି। କାରଣ ରପ୍ତାନିକାରୀମାନଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବ ହେବା ସହ ଅନିଶ୍ଚିତତା ବଢ଼ିଚାଲିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ଇରାନକୁ ୪୬୮.୧୦ ନିୟୁତ ଡଲାର ମୂଲ୍ୟର ୫.୯୯ ଲକ୍ଷ ଟନ୍ ବାସବତୀ ଚାଉଳ ରପ୍ତାନି କରିଥିବା ବାଣିଜ୍ୟ ତଥ୍ୟରୁ ଜଣାପଡ଼ିଛି। ଇରାନକୁ ଭାରତ ସର୍ବାଧିକ ବାସମତୀ ଚାଉଳ ରପ୍ତାନି କରିଥାଏ। ତେବେ ଚଳିତ ଅର୍ଥିକ ବର୍ଷ ଅସ୍ଥିରତା କାରଣରୁ ଅର୍ଡର ପଠାଇବା ଏବଂ ପେମେଣ୍ଟ ଏବଂ ଶିପ୍‌ମେଣ୍ଟ କାର୍ଯ୍ୟସୂଚୀରେ ଚାପ ବଢୁଥିବା ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ମଣ୍ଡିଗୁଡ଼ିକରେ ସ୍ପଷ୍ଟ ଦେଖିବାକୁ ମିଳିଛି। ସପ୍ତାହେ ହେଲା ଦେଶରେ ବିଭିନ୍ନ ପ୍ରକାର ବାସମତୀ ଚାଉଳ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି।

## ଋଣ ଶୁଝିବା ପାଇଁ ମାସକର ଝିଅକୁ ବିକିଦେଲେ

**ଭଣ୍ଡାରିପୋଖରୀ,୧୩।୧ (ରାଜେନ୍ଦ୍ର ଶତପଥୀ)**

ଋଣ ଶୁଝିବା ପାଇଁ ନିଜ ମାସକର ଝିଅକୁ ଅନ୍ୟକୁ ବିକ୍ରି କରିଦେଲେ। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବେନାପୁର ଗ୍ରାମରେ। ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ଜେଜେମା ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ୩୫ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ନେଇ ଦମ୍ପତି ମଧ୍ୟ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଶିଶୁକନ୍ୟାର ଜେଜେମା' ସାବିତ୍ରୀ ଦାସ ଅଭିଯୋଗରେ ☞ପୃଷ୍ଠା-୪

## ୧୮ ସୁଦ୍ଧା ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୩।୧(ସୁଚିସ୍ମିତା ସାହୁ)**

ଆସନ୍ତା ୧୮ ତାରିଖ ସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା। ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାଙ୍କୁ ମଧ୍ୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ। ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବରରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆ କରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସୋର୍ସ କୋଡ୍












ନିମ୍ନ ଆୟ ଏବଂ ଦକ୍ଷିଣ ଆମେରିକା ସହ ୟୁରୋପୀୟ ୟୁନିୟନର ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ମଙ୍ଗଳବାର ଫ୍ରାନ୍ସର କୃଷକମାନେ ୩୫୦ଟି ଟ୍ରାକ୍ଟର ନେଇ ପାର୍ଲାମେଣ୍ଟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

# ୧୦ ମିନିଟ୍ ସମୟସୀମା ହଟାଇବେ ଡେଲିଭରି କମ୍ପାନୀ

**ନୂଆଦିଲ୍ଲୀ, ୧୩।୧**

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ କୁଇକ୍ କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ୧୦ ମିନିଟ୍ ଡେଲିଭରି ସେବା ହଟାଇବାକୁ ମଙ୍ଗଳବାର ରାଜି ହୋଇଛନ୍ତି। ବ୍ଲିଙ୍କିଟ୍, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋ କମ୍ପାନୀର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବ୍ଲିଙ୍କିଟ୍ ଏହାର ବିଜ୍ଞାପନ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ତୁରନ୍ତ ୧୦ ମିନିଟ୍ ଡେଲିଭରି ଟ୍ୟାଗ୍ ହଟାଇ ଦେଇଥିବାବେଳେ ଅନ୍ୟ ଡେଲିଭରି କମ୍ପାନୀଗୁଡ଼ିକ ଏହା କାର୍ଯ୍ୟକାରୀ କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ୧୦ ମିନିଟ୍ ଡେଲିଭରି ବ୍ୟବସ୍ଥା ହଟାଇବା ସହ ପୂର୍ବ ପେଆଉଟ୍ ଢାଞ୍ଚା ପୁନର୍ବାର କାର୍ଯ୍ୟକାରୀ କରିବା ଦାବିରେ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ କରାଯାଇଥିଲା। ଇଣ୍ଡିଆନ୍ ଫେଡେରେଶନ ଅଫ୍ ଆପ୍-ବେସ୍‌ଡ ଟ୍ରାନ୍ସପୋର୍ଟ ୱାର୍କର୍ସ (ଆଇଏଫ୍ଏଟି) ବ୍ୟାନରରେ ଏହି ଧର୍ମଘଟ ହୋଇଥିଲା, ଯେଉଁଥିରେ ଡେଲିଭରି କର୍ମଚାରୀ ଏବଂ କୁଇକ୍ କମର୍ସ କମ୍ପାନୀ ସହ ସମ୍ପୃକ୍ତ ଡ୍ରାଇଭରମାନେ ସାମିଲ ହୋଇଥିଲେ।

# ଦୁଃସାହସର ଦୃଢ଼ ଜବାବ ଦିଆଯିବ: ସେନାମୁଖ୍ୟ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

## ଅପରେଶନ ସିନ୍ଦୂର ଜାରି ରହିଛି



ଉପେନ୍ଦ୍ର ଦ୍ୱିବେଦୀ

ଅପରେଶନ ସିନ୍ଦୂର ଏବେ ବି ଜାରି ରହିଛି ଏବଂ ଶତ୍ରୁପକ୍ଷର ଯେକୌଣସି ଦୁଃସାହସର ଠିକଣା ଜବାବ ଦିଆଯିବ ବୋଲି ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଙ୍ଗଳବାର କହିବା ସହ ପାକିସ୍ତାନକୁ ଦୃଢ଼ ବାର୍ତ୍ତା ପଠାଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେନାମୁଖ୍ୟ କହିଛନ୍ତି, ଚାଇନା ସହ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ସ୍ଥିର ରହିଥିଲେ ମଧ୍ୟ କ୍ରମାଗତ ସତର୍କ ରହିବାକୁ ହେବ। ଅପରେଶନ ସିନ୍ଦୂରର ବିଭିନ୍ନ ଦିଗ ଉପରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଭାରତୀୟ ସେନା ପାକିସ୍ତାନର ଆଭ୍ୟନ୍ତର ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱଂସ କରିବା ସହ ଇସଲାମାବାଦର ପରମାଣୁ ଦମ୍ଭକୁ ଭାଙ୍ଗିଥିଲା। ରଣନୈତିକ ମାନ୍ୟତା ପୁନଃସ୍ଥାପନରେ ଏହା ସହାୟକ ହୋଇଥିଲା। ସେତେବେଳେ ପାକିସ୍ତାନ କୌଣସି ଦୁଃସାହସ ଉଦ୍ୟମ କରିଥିଲେ ସଶସ୍ତ୍ର ବଳ ସ୍ଥଳଯୁଦ୍ଧ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ଥିଲା ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

# ବିକ୍ଷୋଭକାରୀଙ୍କୁ ଗୁଳି କର: ଖାମେନେଇ

**ତେହରାନ, ୧୩।୧**

## ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୨,୦୦୦



ଆୟାତୋଲା ଅଲି ଖାମେନେଇ



ଇରାନରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସରକାର ବିରୋଧୀ ବିକ୍ଷୋଭ ଲାଗିରହିଥିବାବେଳେ ଏହାକୁ ଦମନ କରିବାକୁ ବଳ ପ୍ରୟୋଗ କରାଯାଉଥିବାରୁ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ କେତେଜଣ ସୁରକ୍ଷା କର୍ମୀ ଥିବା ଏହାର ଜଣେ ଅଫିସର କହିଛନ୍ତି। ବିକ୍ଷୋଭକୁ ଦମନ କରିବାକୁ ବଳପ୍ରୟୋଗ କରାଯାଉଥିବା ନେଇ ଇରାନ କର୍ତ୍ତୃପକ୍ଷ ପ୍ରଥମ ଥର ସ୍ୱୀକାର କରିଛନ୍ତି। ଉଭୟ ବିକ୍ଷୋଭକାରୀ ଏବଂ ସୈନ୍ୟଙ୍କ ମୃତ୍ୟୁ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ଇରାନ ଅଧିକାରୀମାନେ କହିଛନ୍ତି। ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟ ଆଧାରରେ ଇରାନ ଇଣ୍ଟରନ୍ୟାଶନାଲ ଏହି ରିପୋର୍ଟ କରିଛି। ସରକାରଙ୍କ ସମସ୍ତ ୩ ବିଭାଗ ମୁଖ୍ୟଙ୍କ ସ୍ୱୀକୃତି ଏବଂ ଅନୁମୋଦନ କ୍ରମେ ସୁପ୍ରିମ ଲିଡର ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଜୀବନ୍ତ ଗୁଳିଚାଳନା କରିବାକୁ ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍ ଏବଂ ବାସିଜ ମିଲିସିଆ ପ୍ରାଇମେରିକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ କୁହାଯାଇଛି।

ଇରାନ ସରକାର ଅନ୍ୟୂନ ୩ ବର୍ଷ ହେଲା ସର୍ବବୃହତ୍ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଆସୁଛନ୍ତି। ଗତବର୍ଷ ଇସ୍ରାଏଲ ଓ ଆମେରିକା ମଧ୍ୟରେ ସଂଘର୍ଷ ପରେ ଅନ୍ତର୍ଜାତୀୟ ଚାପ ବଢ଼ିଛି। ଫଳରେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଇରାନରେ ନାଗରିକ ଅଶାନ୍ତି ବୃଦ୍ଧି ପାଇଛି। ୧୯୭୯ ଇସ୍‌ଲାମୀୟ ବିପ୍ଳବଠାରୁ ଦେଶକୁ ଶାସନ କରିଆସୁଥିବା ଇରାନର ଧର୍ମୀୟ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତି ଦ୍ୱୈତ ଆଭିମୁଖ୍ୟ ଆପଣାଇବାକୁ ଉଦ୍ୟମ କରୁଛନ୍ତି। ଆର୍ଥିକ ସମସ୍ୟାକୁ ନେଇ ହେଉଥିବା ଆନ୍ଦୋଳନକୁ ସରକାର ବୈଧ କହୁଥିବାବେଳେ ବିକ୍ଷୋଭକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରୁଛନ୍ତି। ଅପରପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍ ଅଶାନ୍ତି ସୃଷ୍ଟି କରାଉଥିବା ସରକାର ଅଭିଯୋଗ କରିଛନ୍ତି। ଅଜଣା ଆତଙ୍କବାଦୀମାନେ ବିକ୍ଷୋଭକୁ ହାଇଜାକ୍ କରୁଥିବା ସରକାର କହିଛନ୍ତି। ଶତାଧିକ ଲୋକଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହଜାରଙ୍କୁ ଗିରଫ କରାଗଲାଣି ବୋଲି ପୂର୍ବରୁ ଏକ ଅଧିକାର ସଂଗଠନ କହିଥିଲା। କିଛିଦିନ ହେଲା ଇଣ୍ଟରନେଟ୍ ସଂଯୋଗ ବନ୍ଦ ରହିବା ସହ ଯୋଗାଯୋଗ କଟକଣା ଯୋଗୁ ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାହାରକୁ ଖବର ଆସିପାରୁନାହିଁ। ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସପ୍ତାହେ ହେଲା ରାତିବେଳା ହେଉଥିବା ସଂଘର୍ଷ ଭିଡିଓରୁ ଦେଖିବାକୁ ମିଳିଛି। ଗୁଳିମାଡ଼ ସହ ହିଂସାତ୍ମକ ସଂଘର୍ଷ ସହ ଗାଡ଼ି ଏବଂ ଘର ପୋଡ଼ିଦିଆଯାଉଥିବା ଦେଖାଯାଇଛି।

# ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍ ଉପରେ ରୁଷିଆର ଆକ୍ରମଣ: ୪ ମୃତ

**କିଭ୍, ୧୩।୧**

ରୁଷିଆ ଗତ ୪ ଦିନ ମଧ୍ୟରେ ୟୁକ୍ରେନ୍ ଉପରେ ଦ୍ୱିତୀୟ ଥର ପାଇଁ ବଡ଼ ଧରଣର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣ କରିଛି। ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବାବେଳେ ଏଥିରେ ୪ ଜଣଙ୍କ ଜୀବନ ଯାଇଛି। ୪ ବର୍ଷ ହେଲା ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ନେତୃତ୍ୱରେ ଶାନ୍ତି ଉଦ୍ୟମ ଚାଲିଥିବାବେଳେ ଏହାର ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ସୋମବାର ରାତିରେ ରୁଷିଆ ୩୦୦ ଡ୍ରୋନ୍, ୧୮ ବାଲିଷ୍ଟିକ୍ ମିଶାଇଲ ଏବଂ ୭ କ୍ରୁଜ୍ ମିଶାଇଲ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋସିଆଲ ମିଡିଆରେ କହିଛନ୍ତି। ଉତ୍ତରପୂର୍ବ ଖର୍କିଭ୍ ଅଞ୍ଚଳର ଏକ ମେଲ୍ ଡିପୋରେ ହୋଇଥିବା ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କିଭ୍ ଅଞ୍ଚଳର ଅନେକ ଲକ୍ଷ ଘରକୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ରାଜଧାନୀର ତାପମାତ୍ରା ବିୟୁକ୍ତ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ରାସ୍ତାଘାଟ ବରଫରେ ଘୋଡ଼ାଇହୋଇ ରହିଛି। ୪ ଦିନ ପୂର୍ବରୁ ରୁଷିଆ ୟୁକ୍ରେନ୍ ଉପରେ ଅନେକ ଶହ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା।

# ୧ ଡଲାର= ୯୦.୨୩ ଟଙ୍କା

**ମୁମ୍ବାଇ, ୧୩।୧ (ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ମଙ୍ଗଳବାର ୬ ପଇସା ହ୍ରାସ ପାଇ ୯୦.୨୩ ଟଙ୍କାରେ ପହଞ୍ଚିଛି। ଅଶୋଧିତ ତୈଳ ଦର ପୁଣି ବଢ଼ିବା ଏବଂ ଧାତୁ ମୂଲ୍ୟ ବୃଦ୍ଧି ସାଙ୍ଗକୁ ପୁଞ୍ଜି ବଜାର ସ୍ଥିତିକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଭୂରାଜନୈତିକ ଉତ୍ତେଜନା ଏବଂ ଦୁର୍ବଳ ପୁଞ୍ଜିବଜାରକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଫଳରେ ଭାରତୀୟ ମୁଦ୍ରା ଉପରେ ଚାପ ବୃଦ୍ଧି ପାଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦.୨୪ରୁ ଆରମ୍ଭ ହୋଇ ଇଣ୍ଟ୍ରା-ଡେ'ରେ ସର୍ବନିମ୍ନ ୯୦.୩୦ରେ ପହଞ୍ଚିଥିବାବେଳେ ଶେଷରେ ୯୦.୨୩ ରହିଥିଲା। ସୋମବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୦.୧୭ ଥିଲା।

# ଭାରତରେ ସଂଖ୍ୟାଲଘୁ ବିରୋଧୀ ଘୃଣିତ ମନ୍ତବ୍ୟ ୧୩% ବଢ଼ିଛି

**ୱାଶିଂଟନ, ୧୩।୧**

## ୨୦୨୫ରେ ୧,୩୧୮ ଘୃଣିତ ମନ୍ତବ୍ୟ

ଭାରତରେ ୨୦୨୫ରେ ମୁସଲମାନ ଏବଂ ଖ୍ରୀଷ୍ଟିଆନ୍‌ଙ୍କ ସମେତ ସଂଖ୍ୟାଲଘୁଙ୍କ ବିରୋଧରେ ଘୃଣିତ ବକ୍ତବ୍ୟ ୧୩ ପ୍ରତିଶତ ବୃଦ୍ଧି ପାଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଘୃଣିତ ମନ୍ତବ୍ୟ ଦେବା ବୃଦ୍ଧି ପାଇଥିବା ୱାଶିଂଟନର ଏକ ଗବେଷଣା ସଂସ୍ଥା ମଙ୍ଗଳବାର କହିଛି। ଇଣ୍ଡିଆ ହେଟ୍ ଲାବ୍ ନାମକ ଉକ୍ତ ସଂସ୍ଥା ୨୦୨୫ରେ ୧,୩୧୮ଟି ଉଦାହରଣର ଦସ୍ତାବିଜ ପ୍ରସ୍ତୁତ କରିଛି, ଯାହାକୁ ଉକ୍ତ ସଂସ୍ଥା ଘୃଣିତ ବକ୍ତବ୍ୟ କହିଛି। ୨୦୨୪ରେ ଏଭଳି ବକ୍ତବ୍ୟ ସଂଖ୍ୟା ୧,୧୬୫ ଏବଂ ୨୦୨୩ରେ ୬୬୮ ଥିଲା। ରାଜନୈତିକ ରାଲି, ଧର୍ମୀୟ ଶୋଭାଯାତ୍ରା ଓ ସାଂସ୍କୃତିକ ସମାବେଶରେ ଏଭଳି ବକ୍ତବ୍ୟ ଦିଆଯାଇଥାଏ। ସେଥିରୁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୧୬୪ଟି ଘଟଣା ଘଟିଥିବାବେଳେ ଏଥିସହିତ ଉକ୍ତ ଦଳ କିମ୍ବା ଏହାର ସହଯୋଗୀ ସିଧାସଳଖ ସମ୍ପୃକ୍ତ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ଉପରେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସର ମତାମତ ଲୋଡ଼ାଯାଇଥିବାବେଳେ ଏହା ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ମୋଦି ଓ ତାଙ୍କ ଦଳ ଏହାକୁ ପକ୍ଷପାତ କହି ଅସ୍ୱୀକାର କରିଛି। ସରକାରଙ୍କ ଖାଦ୍ୟ ସବ୍‌ସିଡି କାର୍ଯ୍ୟକ୍ରମ ଏବଂ ବିଦ୍ୟୁତୀକରଣ ପଦକ୍ଷେପ ସବୁ ସମ୍ପ୍ରଦାୟକୁ ସୁବିଧା ପ୍ରଦାନ କରିଥିବା ଦଳ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଗତବର୍ଷ ଏପ୍ରିଲରେ ସର୍ବାଧିକ ୧୫୮ଟି ଘୃଣିତ ବକ୍ତବ୍ୟ ମଧ୍ୟରୁ ପ୍ରଥମ ୧୨ ଦିନରେ ପ୍ରାୟ ୧୦୦ ବକ୍ତବ୍ୟ ଦିଆଯାଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ବକ୍ତୃତା ସଂଖ୍ୟା ବଢ଼ିଥିଲା।

୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଥିବା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ ରାଇଟ୍ସ ୱାଚ୍ ଆଦି ଅଧିକାର ସଂଗଠନ କହିଛନ୍ତି। ଧର୍ମଭିତ୍ତିକ ନାଗରିକତ୍ୱ ଆଇନ ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯାହାକୁ ଜାତିସଂଘ ମୂଳତଃ ଭେଦଭାବପୂର୍ଣ୍ଣ ଏବଂ ଧର୍ମାନ୍ତରୀକରଣ ବିରୋଧୀ ଆଇନ ବୋଲି କହିଛି। ୨୦୧୯ରେ ମୁସଲମାନବହୁଳ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇଥିଲା ଏବଂ ମୁସଲମାନଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଭାଙ୍ଗିଦିଆଯାଇଥିଲା ବୋଲି ଏଥିରେ କୁହାଯାଇଛି। ଆମେରିକାରେ ରହୁଥିବା କଶ୍ମୀରୀ ଖବରଦାତା ରକିବ୍ ହମିଦ ନାଏକ ଇଣ୍ଡିଆ ହେଟ୍ ଲାବ୍ ପ୍ରତିଷ୍ଠା କରିଛନ୍ତି। ୱାଶିଂଟନର ଅଣଲାଭକାରୀ ଥିଙ୍କ୍‌ଟ୍ୟାଙ୍କ ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଅର୍ଗାନାଇଜ୍‌ଡ ହେଟ୍‌ର ଏହା ଏକ ପ୍ରୋଜେକ୍ଟ।

# ଶକ୍ସଗାମ୍ ଉପତ୍ୟକାକୁ ନିଜର ଦାବିକଲା ଚାଇନା

**ବେଜିଂ, ୧୩।୧ (ପି.ଟି.)**

ଶକ୍ସଗାମ୍ ଉପତ୍ୟକାକୁ ଚାଇନା ପୁନର୍ବାର ନିଜର ଦାବି କରିବା ପରେ ବିବାଦ ମୁଣ୍ଡ ଟେକିଛି। ଉକ୍ତ ଅଞ୍ଚଳରେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର ଭିତ୍ତିଭୂମି ପ୍ରକଳ୍ପକୁ ଭାରତ ବିରୋଧ କରିଥିବାବେଳେ ଚାଇନା ଏହାକୁ ଖୋଲା ପ୍ରତ୍ୟାଖ୍ୟାନ କରିଛି। ଚାଇନାର ନିର୍ମାଣ କାର୍ଯ୍ୟ ନିଜ ଅଞ୍ଚଳରେ ହେଉଥିବାରୁ ସମାଲୋଚନାର ବାହାରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ନୂଆଦିଲ୍ଲୀ ଚାଇନାର ଉକ୍ତ ଆଭିମୁଖ୍ୟକୁ ଜୋର୍‌ଦାର ବିରୋଧ କରିଛି। ଶକ୍ସଗାମ୍ ଉପତ୍ୟକା ଭାରତୀୟ ଅଞ୍ଚଳ ହୋଇଥିବାରୁ ନୂଆଦିଲ୍ଲୀ ଏହାର ସ୍ୱାର୍ଥର ସୁରକ୍ଷା କରିବ ବୋଲି କହିଛି।

# ପ୍ରେମରେ ପଡ଼ିଛନ୍ତି ଦିଶା




ଦିଶା ପଟାନି

**ମୁମ୍ବାଇ:** ପୁଣି ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ଦିଶା ପଟାନି। ଟାଇଗର ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ୍ ପରେ ଦିଶାଙ୍କୁ ମିଳିଯାଇଛି ନୂଆ ଜୀବନ ସାଥୀ। ଉଦୟପୁରରେ କ୍ରିତି ସାନନଙ୍କ ଭଉଣୀ ନୁପୁର ସେନ୍ ଏବଂ ଷ୍ଟେବିନ ବେନ୍‌ଙ୍କ ବିବାହରେ ଦିଶା ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁଙ୍କ ସହ ଅନ୍ତରଙ୍ଗ ଫଟୋ ଭାଇରାଲ ହୋଇଛି। କୁହାଯାଉଛି ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିନ୍ତୁ ଦୁହେଁ ଏନେଇ କିଛି କହିନାହାନ୍ତି।

ତଲବିନ୍ଦର ସିଂହ ସିଦ୍ଧୁ ଜଣେ ପଞ୍ଜାବୀ ଗାୟକ, ସଙ୍ଗୀତ ପ୍ରଯୋଜକ ଏବଂ ଗୀତିକାର। ସେ ପଞ୍ଜାବୀ ସଙ୍ଗୀତ ଶିଳ୍ପର ସବୁଠାରୁ ଲୋକପ୍ରିୟ ସ୍ୱାଧୀନ କଳାକାରମାନଙ୍କ ମଧ୍ୟରୁ ଜଣେ। ତଲବିନ୍ଦର ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଏକ ରହସ୍ୟମୟ ଭାବନା ବଜାୟ ରଖନ୍ତି, ଏକ ସ୍ୱତନ୍ତ୍ର ମୁହଁ ରଙ୍ଗ ସହିତ ସଙ୍ଗୀତ ପ୍ରଦର୍ଶନ କରନ୍ତି। ସେ ଏହାକୁ ବାରମ୍ବାର ଏକ କଳାତ୍ମକ ପସନ୍ଦ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନକୁ ତାଙ୍କର ସାର୍ବଜନୀନ ପରିଚୟରୁ ପୃଥକ ରଖିବାରେ ସାହାଯ୍ୟ କରେ।

ନିକଟରେ ଦିଶା ରାଜସ୍ଥାନର ଉଦୟପୁରରେ ସାନନଙ୍କ ଭଉଣୀ ନୁପୁର ସାନନଙ୍କ ବିବାହରେ ଯୋଗ ଦେଇଥିଲେ। ବିବାହର ଅନେକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦିଶା ଏବଂ ତଲବିନ୍ଦରଙ୍କ ଏକ କ୍ଲିପ୍ ମଧ୍ୟ ରହିଛି। ଏଥିରେ ଉଭୟଙ୍କ ଅନ୍ତରଙ୍ଗ ଭାବେ ଦେଖିବାକୁ ମିଳିଛି।



# ଲୋକଦେଖାଣିଆ ଆଲୋଚନା



ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ଶାସନକୁ ଆସିବା ପରେ ଲକ୍ଷ୍ୟ କରାଯାଉଛି ରାଜ୍ୟରେ ଯେପରି ବିରୋଧୀ ଶୂନ୍ୟ ହୋଇଯାଇଛି। ଶାସକ ଦଳର ଅନେକ ବିଫଳତା ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ସେଗୁଡିକ ବିରୋଧରେ ମୁହଁ ଖୋଲିବାକୁ କେହି ଆଗକୁ ଆସିପାରୁନାହାନ୍ତି। ଭବିଷ୍ୟତରେ ମଧ୍ୟ ଏହା ସମ୍ଭବ ହୋଇପାରିବ ସେକଥା ଏଯାଏଁ ମନେହେଉନାହିଁ। ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସଲାସୁତୁରା ହୋଇ ଏବଂ ଭାଜପାକୁ ସମର୍ଥନକରି କିପରି ଶାସକ ଦଳ ସହ ମେଣ୍ଟ କରାଯାଇପାରିବ ସେଥିପାଇଁ ସୁଚିନ୍ତିତ ଭାବେ ବିଜେଡି କାର୍ଯ୍ୟକ୍ରମ ଆଗକୁ ନିଆଯାଉଛି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ବିଧାୟକମାନଙ୍କ ହେଉଥିବା ଆଲୋଚନା ଏହାର ଏକ ବଡ଼ ଉଦାହରଣ। ସୂଚନାଯୋଗ୍ୟ, ନବୀନ ୧୦ ଜଣ ଲେଖା ବିଧାୟକଙ୍କୁ ଡାକି ସିଧାସଳଖ ଆଲୋଚନା କରୁଛନ୍ତି। ବୈଠକରେ ସେ ଯାହାସବୁ ଆଲୋଚନା କରୁଛନ୍ତି ସମାନ କଥା ଗଣମାଧ୍ୟମକୁ ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଖବର ପ୍ରସାରଣ ପାଇଁ ଦେଇ ଦିଆଯାଉଛି। ଫଳରେ ନବୀନ କରୁଥିବା ବୈଠକ ଅନ୍ତସାର ଶୂନ୍ୟ କେବଳ ଫଟୋ ଛାଡ଼ି ରାଜନୀତି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ବୈଠକରେ ଯୋଗଦେଉଥିବା ବିଧାୟକମାନେ କହୁଛନ୍ତି, ନବୀନଙ୍କ ସହିତ ଏଭଳି 'ସୌହାର୍ଦ୍ଦ୍ୟପୂର୍ଣ୍ଣ' ବୈଠକ ପଛରେ ଲୋକଦେଖାଣିଆ ଉଦ୍ଦେଶ୍ୟ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କ କହିବା କଥା, ଆଗକୁ ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏସବୁ ବିଜେଡି ହାତରେ ରହିଛି। ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ରାଜ୍ୟ ସଭା ଆସନରେ ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ଗୋଟିଏ ଆସନ ପାଇଁ ମୂଳତଃ ରାଜନୀତି ହେବ। ହେଲେ ୪ର୍ଥ ଆସନ ଭାଜପାକୁ ଟେକିଦେବା ଲାଗି ବିଜେଡି ଏବେଠାରୁ ଅଙ୍କ କଷିବା ଆରମ୍ଭ କରିଦେଲାଣି। ସମଦୂରତା କଥା କହି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ ନୀରବ ରହିବାକୁ କହିଦେଲେ ସରଳ ବାଟରେ ସେହି ଆସନ ଖଣ୍ଡକ ଭାଜପା ନେଇଯାଇପାରିବ। ସେଥିପାଇଁ ନବୀନ ଏବେଠାରୁ ବିଧାୟକମାନଙ୍କ ସହ ଆଲୋଚନାକରି ଗୋଟିଏ ବାର୍ତ୍ତା ଆଗ ଦେବାକୁ ଚାହୁଁଛନ୍ତି, ସେ ସିଧାସଳଖ ଦଳର ନେତାମାନଙ୍କୁ ଭେଟି କଥା ହେଉଛନ୍ତି ଏବଂ ସମସ୍ୟା ବୁଝୁଛନ୍ତି। ଫଳରେ ଭାଜପାକୁ ପରୋକ୍ଷରେ ରାଜ୍ୟ ସଭା ଆସନ ଖଣ୍ଡକ ଟେକିଦେଲା ପରେ ନବୀନ କାହା ସହିତ ଭେଟୁନାହାନ୍ତି ବୋଲି ଯେମିତି ପ୍ରଶ୍ନ ନ ଉଠିବ। ଏଥିରୁ ଗୋଟିଏ କଥା ଦିନକୁ ଦିନ ସ୍ପଷ୍ଟହେବାରେ ଲାଗିଛି ଯେତିଦିନ ବିଜେଡି ରହିବ ସେତେଦିନ ରାଜ୍ୟରେ ଭାଜପା ଏକ ପ୍ରକାର ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ନିଜର ରାଜନୈତିକ ସଫଳ ଯାତ୍ରା ଆଗକୁ ନେଇପାରିବ। କାରଣ ବିଧାନସଭାରେ ବିଜେଡିର ବର୍ତ୍ତମାନ ୫୦ ଜଣ ବିଧାୟକ ରହିଛନ୍ତି। ଦୁର୍ବଳ କାର୍ଯ୍ୟକ୍ରମ ଜରିଆରେ ଯଦି ଏତେବଡ଼ ବିରୋଧୀ ଦଳର ବିଧାୟକମାନଙ୍କୁ ଏକ ପ୍ରକାର ପଙ୍ଗୁକରି ରଖିଦିଆଯାଉଛି ତେବେ ଭାଜପା ପାଇଁ ଆଉ ସମସ୍ୟା ସୃଷ୍ଟି ହେବ ନାହିଁ। ଯଦି କେହି ବିଜେଡି ଛାଡୁଛନ୍ତି ସେମାନେ ଏମିତିରେ ଭାଜପାରେ ହିଁ ସାମିଲ ହେଉଛନ୍ତି। ରାଜ୍ୟରେ ଗୋଷ୍ଠୀକନ୍ଦଳ କାରଣରୁ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଜାତୀୟସ୍ତରରେ ମଧ୍ୟ କଂଗ୍ରେସର ନେତୃତ୍ୱ ପ୍ରତି ତାଙ୍କ ଦଳର ନେତାମାନଙ୍କ ଆସ୍ଥା ରହୁନାହିଁ; ଯେଉଁଥିଲାଗି ରାଜ୍ୟରେ କଂଗ୍ରେସର ସମ୍ଭାବନାକୁ ଏଯାଏଁ କେହି ଅନୁଭବ କରିପାରୁନାହାନ୍ତି। ବିଜେଡି ଯେପର୍ଯ୍ୟନ୍ତ ଏମିତି ଚାଲିବ ସେପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ଦଳ ବା ରାଜନୈତିକ ସମୀକରଣ ସମ୍ଭବପର ହେବ ନାହିଁ ବୋଲି ଭାଜପାର ଚିନ୍ତନ ଟିମ୍ ଭଲଭାବେ ବୁଝିସାରିଛନ୍ତି। ତେଣୁ କାହିଁକି ବିଜେଡି ନ ଭାଙ୍ଗିବା ଦରକାର ବୋଲି ବହୁ ନେତା ଏବେଠାରୁ ପ୍ରଶ୍ନ ଉଠାଇ ନୂଆ ଆଞ୍ଚଳିକ ଦଳଟିଏ ଗଠନ ହେଉ ବୋଲି ଭାବୁଛନ୍ତି। ଅନ୍ୟପଟେ କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ଥିବା ଏକ ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇ ଭାଜପାର ଲୁକ୍କାୟିତ ସହଯୋଗୀ ସାଜିଛନ୍ତି ବୋଲି ଶାସକ ଦଳର କେତେଜଣ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହୁଛନ୍ତି।

ସୂଚନାଯୋଗ୍ୟ, ଯଦି ୨୦୨୪ ପୂର୍ବ ପର୍ଯ୍ୟନ୍ତ ଦେଖାଯାଏ ଦେଶର ୩ଟି ଆଞ୍ଚଳିକ ଦଳ ଆନ୍ଧ୍ର ପ୍ରଦେଶର ଜଗନ ମୋହନ ରେଡ୍ଡିଙ୍କ ୱାଇଏସ୍‌ଆର୍ କଂଗ୍ରେସ, ତେଲଙ୍ଗାନାର କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍ ଏବଂ ଓଡ଼ିଶାର ବିଜେଡି ଅନେକ ସମୟରେ କେନ୍ଦ୍ର ସରକାରଙ୍କୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସମର୍ଥନ ଦେଇ ଆସିଲେ। ଏହି ଦଳଗୁଡିକ ଭାଜପା ସହ ମେଣ୍ଟ କରିବାକୁ ମଧ୍ୟ ବାରମ୍ବାର ଆଗ୍ରହ ଦେଖାଇଲେ। କିନ୍ତୁ ଭାଜପାକୁ ସମର୍ଥନ କରି ଆସୁଥିବା ଏହି ୩ ଆଞ୍ଚଳିକ ଦଳ ଶେଷରେ ନିପାତ ହୋଇଯାଇଛନ୍ତି। ମାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହିସବୁ ଦଳ ପାଇଁ ଶିକ୍ଷଣୀୟ ହେବା ଦରକାର ବୋଲି ଏବେ ଚର୍ଚ୍ଚା ହେଉଛି। ନିକଟରେ ମମତାଙ୍କ ଦଳ ଟିଏମ୍‌ସି(ତୃଣମୂଳ କଂଗ୍ରେସ)ର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବା ଆଇ-ପାକ୍ ସଂସ୍ଥା ଉପରେ ଭୋର୍ ସମୟରେ ଇଡି ପକ୍ଷରୁ ରେଡ୍ କରାଗଲା। ମମତା ସ୍ୱୟଂ ରେଡ୍ ଚାଲିଥିବା ସ୍ଥାନରେ ପହଞ୍ଚି ଇଡି ଚଢ଼ାଉ ନାଁରେ ତାଙ୍କ ବ୍ୟକ୍ତିଗତ ରଣନୈତିକ ଫାଇଲ୍ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗକରି ସେଗୁଡିକ ସେଠାରୁ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରକାର ରାଜନୈତିକ ମଞ୍ଚ ଜରିଆରେ ସିଧାସଳଖ ଟାର୍ଗେଟ କରୁଛନ୍ତି। ଏପରିକି ମମତାଙ୍କ ଦଳର ଏମ୍‌ପିମାନେ ନିକଟରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରେ ଯାଇ ଭାରତୀୟ ନିର୍ବାଚନ କମିଶନଙ୍କୁ କିପରି ପ୍ରଶ୍ନକଲେ ଏବଂ ଇଡି ଚଢ଼ାଉ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାସଭବନ ଘେରିଲେ ସେକଥା ଦେଶବାସୀ ଦେଖିଲେ। ଭବିଷ୍ୟତରେ ଟିଏମ୍‌ସିର ପରିସ୍ଥିତି କେଉଁଭଳି ହେବ ସେକଥା କହିବା ଏବେଠାରୁ କଷ୍ଟକର, ହେଲେ ଗୋଟିଏ ଅଞ୍ଚଳିକ ଦଳ କିପରି ନିଜର କାର୍ଯ୍ୟକ୍ରମ କରିବା ଦରକାର ଏହା ମମତାଙ୍କ ଦଳର ଏମ୍‌ପିମାନେ ମଧ୍ୟ ଦେଖାଇଦେଲେ। ବିଗତ ଦିନରେ ଲୋକ ସଭାରେ ୨୧ରୁ ୨୦ ଏମ୍‌ପି ବିଜେଡିର ଜିତିଥିଲେ। ହେଲେ ସେମାନେ ସବୁ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଣୁଥିବା ସବୁ ବିଲ୍‌କୁ ସମର୍ଥନ କରିଚାଲିଲେ। ଶେଷରେ ୨୦୨୪ରେ ଓଡ଼ିଶା ଲୋକମାନେ ଲୋକ ସଭାରେ ବିଜେଡିକୁ ଶୂନରେ ପହଞ୍ଚାଇବା ସହ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଂଖ୍ୟା ୨୦ କରିଦେଲେ।

କେତେକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନବୀନଙ୍କ ଏକାନ୍ତ ଅନୁଗତ ଥିବା ପାଣ୍ଡିଆନ୍ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ସହ ଦଳର ଅନେକ ନେତା ଯୋଗାଯୋଗରେ ଅଛନ୍ତି। ବହୁ ନେତା ତାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ମଧ୍ୟ ଯାଉଛନ୍ତି। ଯେଉଁମାନେ ତାଙ୍କୁ ଭେଟୁଛନ୍ତି ସେ ସମସ୍ତଙ୍କୁ ପାଣ୍ଡିଆନ୍ ଯେଉଁ ଗୋଟିଏ ରାଜ୍ୟ ସଭା ଆସନ ପାଇଁ ରାଜନୀତି ହେବାକୁ ଅଛି ସେ କ୍ଷେତ୍ରରେ ଦଳ ସମଦୂରତା ନୀତି ଆପଣାଇବ ବୋଲି କହୁଛନ୍ତି। ଅନ୍ୟପଟେ ୨୦୨୯ରେ ଭାଜପା ସହ ମେଣ୍ଟ ହେବ ଏବଂ ଯେଉଁମାନେ ତାଙ୍କ ସହିତ ରହିବେ ସେମାନଙ୍କୁ କିପରି ଟିକେଟ ମିଳିବ ସେ ଦାୟିତ୍ୱ ତାଙ୍କର ବୋଲି କହୁଛନ୍ତି। ତାଙ୍କ ଉପରେ ଭରସା କରିବାକୁ ହେଲେ ଯେଉଁ ଅଫିସରମାନେ ବିଜେଡି ଶାସନ ସମୟରେ ପାୱାରଫୁଲ୍ ଥିଲେ ସେମାନେ ଏବେ ସୁବିଧାରେ ନା ଅସୁବିଧାରେ ଅଛନ୍ତି ସେକଥାକୁ ଲକ୍ଷ୍ୟ କରି ସବୁକିଛି ବୁଝିଯାଆନ୍ତୁ ବୋଲି ପାଣ୍ଡିଆନ୍ କହୁଛନ୍ତି। ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ସେକଥା ମଧ୍ୟ ପାଣ୍ଡିଆନ୍ କୁଆଡ଼େ କହି ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ ପରୋକ୍ଷରେ ପ୍ରଚାର ଆରମ୍ଭ କରିଦେଲେଣି।




## ଶିମିଳିପାଳରେ ପାରଦ ପୁଣି ୧ ଡିଗ୍ରୀକୁ ଖସିଲା

ବାରିପଦା, ୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ୩ ଦିନ ପରେ ପୁଣି ପାରଦ ନିମ୍ନଗାମୀ ରହିଛି। ଉପରବାରହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୮ ଡିଗ୍ରୀ, ବରେହିପାଣିରେ ୬ ଡିଗ୍ରୀ, ଗୁଡୁଗୁଡ଼ିଆରେ ୩ ଡିଗ୍ରୀ, ରାମତୀର୍ଥୀ, ସାତକୋଶିଆରେ ଏବଂ କିଆଝରୀରେ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଶୀତରପ୍ରକୋପ ପୁନଶ୍ଚ ବୃଦ୍ଧିପାଇଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
Dreaming of restarting your career? It's time to shine, again!
ନୂଆ ଆରମ୍ଭ A New Beginning
Applications are invited for
NUA AARAMBHA: A New Beginning!
Second Career for Women Candidates
JOB OPPORTUNITIES in The Tata Power Company for its Distribution Business in Odisha
(TPCODL, TPNODL, TPSODL, TPWODL)
Tata Power, in joint venture with the Government of Odisha, manages power distribution through four DISCOMs (TPCODL, TPNODL, TPSODL, TPWODL) with a focus on reliability, customer service, and innovation across the state. Applications are invited from eligible women candidates currently on career break to apply for roles across four Odisha DISCOMs.
DEPARTMENTS
1. Operation & Maintenance 2. Commercial Function and Customer Services 3. Information Technology 4. Engineering & Quality 5. Contract & Procurement 6. HR & Administration 7. Finance & Accounts 8. Legal & Secretarial
ELIGIBILITY
- **Career Break:** Women candidates who are **currently on a career break** are encouraged to apply for the position in the departments listed above. **Note: Career break must have started on or before 1 January 2025.**
- **Professional Qualifications:** Applicants should have completed a regular full-time course in **B. Tech/ B.E/ Diploma in Electrical Engineering, MBA, LLB, MCA, CA, CS, ICWA** or any other equivalent professional qualification.
- **Academic Performance:** Candidates are required to have minimum 60% marks or above in all academic qualifications.
- **Work Experience: Minimum 2-year full time relevant work experience, post highest qualification** will be considered.
- **Age Limit:** Candidates must be **up to 40 years of age as on 1 January 2026.**
(Preference will be given to candidates who are domiciled in Odisha)
HOW TO APPLY
Last date for application: 23rd January 2026 at 11:59 PM. Scan the QR code to fill up the Application Form. You may reach out to **sandesh.centralhr@tpcentralodisha.com** for issues faced, if any. Please mention the subject as –
**"TP Odisha DISCOMs - Nua Aarambha: Second Career for Women Candidates".**
*Your Purpose.Full journey begins here!*
Scan this QR code to apply now!

# ଆଞ୍ଚଳିକ ବୈଷମ୍ୟ ଦୂରହେବ: ମୁଖ୍ୟମନ୍ତ୍ରୀ

## କେନ୍ଦୁଝରରେ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'କଫି ଟେବୁଲ ବୁକ୍'କୁ ଉନ୍ମୋଚନ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡା. ଫକୀର ଚରଣ ନାୟକ, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଏସ୍‌ପି ନୀତିନ୍ କୁଶଲକର ଉପସ୍ଥିତ ଅଛନ୍ତି।

କେନ୍ଦୁଝର, ୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ବର୍ତ୍ତମାନ ସମୟ କେନ୍ଦୁଝର ଜିଲାର ବିକାଶ ପାଇଁ ଠିକ୍ ସମୟ। ଯେବେଠୁ ମା' ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଞ୍ଜିନ ଗାଡ଼ିରେ ରକେଟ ଇଞ୍ଜିନ ଲାଗିଛି। କେନ୍ଦୁଝର କେବଳ ଏକ ଜିଲା ନୁହେଁ ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ମଙ୍ଗଳବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପାଇଁ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ତଥା ୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ଆସନ୍ତା ୩/୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲା ଭାବରେ ପ୍ରତିଷ୍ଠା ହାସଲ କରିବ। ଭାଜପା ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଆଞ୍ଚଳିକ ବୈଷମ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଭାଜପା ସରକାର ଆସିବା ମାତ୍ରେ ଲୋକଙ୍କ ଅଭିଯୋଗକୁ ସମାଧାନ ପାଇଁ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିଲା ପରେ ଏହି ୨ ବିକାଶ ପରିଷଦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ଆଞ୍ଚଳିକ ବୈଷମ୍ୟ ଦୂରହେବ, ପ୍ରତ୍ୟେକ ଅଞ୍ଚଳ ବିକଶିତ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଚଢ଼େଇ ନାମକ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳା ହିତାଧିକାରୀଙ୍କୁ ସହାୟତା ଚେକ୍ ବଣ୍ଟନ କରିଥିଲେ।

ସୂଚନା ଅନୁଯାୟୀ, ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୧୯୪ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେଶନ, ପାର୍କିଂ ଜୋନ୍, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତୀକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରି, କ୍ୟାରିଅର କାଉନସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି। ପୂର୍ବରୁ ଘୋଷଣା ଅନୁଯାୟୀ ୫୦ କୋଟି ଟଙ୍କା ବିନିଯୋଗରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର, ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଗଲା। କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର୍, ଆଇସିଟି ଲାବ୍ ଓ ବାଉଣ୍ଡରି ୱାଲର ଉଦ୍‌ଘାଟନ କରାଯାଇଛି। ଏଥିସହ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର ପ୍ରତିଷ୍ଠା, ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କୁ ସ୍କିଲ ଟ୍ରେନିଂ ଦେବା ପାଇଁ ଡିଏମ୍‌ଏଫ୍ ଖଣି ଶକ୍ତିର ଉଦ୍‌ଘାଟନ ଆଦି କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନୀତିନ୍ କୁଶଲକୁର, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୭,୧୯୦ ନୂଆ ବୁଥ୍‌କୁ ଇସିଙ୍କ ଅନୁମୋଦନ

ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକାର ସଂଶୋଧନ(ଏସ୍‌ଆଇଆର୍) ପୂର୍ବରୁ ୭,୧୯୦ଟି ନୂତନ ବୁଥ୍‌କୁ ଭାରତର ନିର୍ବାଚନ ଆୟୋଗ(ଇସି) ଅନୁମୋଦନ କରିଛନ୍ତି। ଏହି ନୂତନ ବୁଥ୍ ସହ ରାଜ୍ୟରେ ବୁଥ୍‌ସଂଖ୍ୟା ୪୫ ହଜାର ୨୫୭ରେ ପହଞ୍ଚିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩୮,୦୬୭ଟି ବୁଥ୍ ଥିଲା। ଏସ୍‌ଆଇଆର୍ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସିଇଓଙ୍କ ତରଫରୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ଆୟୋଗଙ୍କ ଅନୁମୋଦନକ୍ରମେ ବୁଥ୍‌ସଂଖ୍ୟା ଏବେ ୪୫ ହଜାର ୨୫୭ ହୋଇଛି। ଏହାଦ୍ୱାରା ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଓ ଶୃଙ୍ଖଳା ଆସିପାରିବ ବୋଲି ମିଶ୍ର କହିଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶାରେ ଏସ୍‌ଆଇଆର୍ ଲାଗୁହେବା ଲାଗି ଦୀର୍ଘ ୫ ମାସ ଧରି ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ନୂଆପଡ଼ା ଉପନିର୍ବାଚନ ଯୋଗୁ ଏସ୍‌ଆଇଆର୍ ଘୋଷଣା ତାଲିକାରୁ ଓଡ଼ିଶା ରହିଯାଇଥିଲା। ତେବେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିପାରିବେ ନାହିଁ। ତା'ଠାରୁ କମ୍ ରହିଲେ ଚଳିବ, ମାତ୍ର ଅଧିକ ହେବନାହିଁ। ଏନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ଜିଲାକୁ ତାଲିମ୍ ପ୍ରଦାନ କରାଯାଇଥିଲା।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶ୍ରୀ ଶ୍ରୀ ଠାକୁର ଗୋଖିବାବା ମେଳା କମିଟି ପକ୍ଷରୁ ମକର ଉତ୍ସବ ପାଳନ, ସ୍ଥାନ:ଗୋଖିବାବା ଆଶ୍ରମ, ସୁନ୍ଦରପଦା, ସମୟ: ସକାଳ ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର ମୁଖ୍ୟ ଫାଟକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଜନମଙ୍ଗଳ ପରିଷଦ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳନ, ସ୍ଥାନ: ଜନ ମଙ୍ଗଳ ପରିଷଦ ଧାରଣାସ୍ଥଳ, ସମୟ: ମଧ୍ୟାହ୍ନ ୧୨ଟା।
- କିଟ୍ ପକ୍ଷରୁ ଚେସ୍ ମହାକୁମ୍ଭ–ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ମେ ଫେୟାର, ଅର୍କିଡ୍ ହଲ୍, ସମୟ: ଅପରାହ୍ନ ୧ଟା।
- ଜନ ନେତ୍ରୀ ବୀଣାପାଣି ଦାସଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦସଭା ଗୃହ, ସମୟ: ଅପରାହ୍ନ ୪ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ବୈଭବ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି ପ୍ରେକ୍ଷାଳୟ, ବାରପଥର, ସମୟ: ସକାଳ ୯ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର–୭ ମର୍କତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଂହନାଥ ଦେବଙ୍କ ପ୍ରସିଦ୍ଧ ମକରମେଳା ଉତ୍ସବ, ସ୍ଥାନ: ସିଂଘନାଥ ଦେବଙ୍କ ମନ୍ଦିର ପରିସର, ଗୋପୀନାଥପୁର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ୩୪ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସିଡିଏ ସେକ୍ଟର–୬, ସମୟ: ସନ୍ଧ୍ୟା ୫ଟା ୩୦।

**ଖୋର୍ଦ୍ଧା**
- ମା' ବୁଢ଼ୀ ଭୂୟାଁଣୀ ଦେବୀଙ୍କ ମକର ଉତ୍ସବ, ସ୍ଥାନ: ବୋଲଗଡ଼, ସମୟ: ସକାଳ ୮ଟା।
- ନନ୍ଦିଘୋଷର ମକର ମିଳନ ଅବସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ନନ୍ଦିଘୋଷ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମକର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଆନ୍ତଃଜିଲା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସଭା, ସ୍ଥାନ: ବ୍ଲକ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ଜିଲା କ୍ରିକେଟ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଜହଡା ଚଉଦମାଦଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- କ୍ରିକେଟ୍ ଓ ଫୁଟବଲ ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ମା' ଦପନାୟକାଣୀଙ୍କ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ବଡଳାଶୁଣୀ ପୀଠରେ ମକର ମେଳା, ସ୍ଥାନ: ନିଳୋକ ବଡଳାଶୁଣୀ ପଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ମକର ମେଳା, ସ୍ଥାନ: ବିଦେଇପୁର, ସୁଗୋ, କଇଥା, କୁସୁନ୍ଦିବିନ୍ଧା, ଦଧିବାମନପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।
- ସଙ୍କଟ ତାରିଣୀ ପୀଠରେ ମକର ମେଳା ଆରମ୍ଭ, ସ୍ଥାନ: ଧୂନିବାଡ଼ି, କୁଆଁର୍ଦ୍ଧା, ବନ୍ତ, ସମୟ: ସକାଳ ୭ଟା।
- ମକରମେଳା, ସ୍ଥାନ: ରାଇମଣୀ, ବରପଦା, ଭଦ୍ରକ, ସମୟ: ସକାଳ ୮ଟା।
- ଅଁଳାଶୁଣୀ ଓ ଟେକାସାନ୍ତାଣୀ ପୀଠରେ ମକର ମେଳା, ସ୍ଥାନ: ସାନଶାସନ, ଦକ୍ଷିଣବାଡ଼, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମୋତିଆବିନ୍ଦୁ ପରୀକ୍ଷା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଆଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଦୋଳ ମଣ୍ଡପ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନିଳୋକ ହାଇସ୍କୁଲ, ବନ୍ତ, ସମୟ: ଅପରାହ୍ନ ୨ଟା।
- ସଂକ୍ରାନ୍ତି ମହୋତ୍ସବ ଓ ବନ୍ଧୁମିଳନ, ସ୍ଥାନ: ଗାନ୍ଧୀପଡିଆ, ଭଦ୍ରକ, ସମୟ: ଅପରାହ୍ନ ୩ଟା।

**କେନ୍ଦୁଝର**
- ଶ୍ରୀ ଦଧିବାବାନ ଜୀଉ ବିଜେ ଉପଲକ୍ଷେ ୧୫ତମ ବାର୍ଷିକ ମହୋତ୍ସବ, ସ୍ଥାନ: ବଞ୍ଚୋ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୨ଟା।
- ଭୀମ କୁଣ୍ଡ ମକର ମେଳା ଉଦ୍‌ଘାଟନ ସମାରୋହ, ସ୍ଥାନ: ପାଟଣା, ସମୟ: ଅପରାହ୍ନ ୨ଟା।

**ମୟୂରଭଞ୍ଜ**
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ଟୁସୁ ମହୋତ୍ସବ, ସ୍ଥାନ: ମେରୁ ମଠ, ସାରସକଣା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ଆନ୍ଧ୍ର ମହିଳା ସମାଜର ମକର ସଂକ୍ରାନ୍ତି, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୭ଟା।

**ଗଞ୍ଜାମ**
- ହରିହର ଭେଟ ଏବଂ ମୁଆଁ ଫିଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ବାଲିପଦର ମକର ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।

**ଢେଙ୍କାନାଳ**
- ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ମକର ମିଳିନ, ସ୍ଥାନ: ଶ୍ରୀହନୁମାନ ମନ୍ଦିର, ଅଉଖମା, ଭାପୁର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ମହୋତ୍ସବ, ସ୍ଥାନ: ଅଉଖମା ସଦର ବ୍ଲକ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ମର୍ଣ୍ଣିଂ କ୍ରିକେଟ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଜୟଦେବ ସଦନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।
- ସାହାଡ଼ା ସୁନ୍ଦରୀ ପୀଠରେ ମକରଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ତେଲୁଗୁ ସମ୍ପ୍ରଦାୟର ଲୋକମାନଙ୍କ ପକ୍ଷରୁ ପୋଙ୍ଗଲ କାର୍ଯ୍ୟକ୍ରମ, ସ୍ଥାନ: ନୋଳିଆସାହି, ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା, ଶ୍ରୀଚନ୍ଦ୍ର ମୌଳେଶ୍ୱରୀ ମନ୍ଦିର, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, ସମୟ: ପ୍ରାତଃ ୫ଟା।
- ସାର୍ବଜନୀନ ଗଙ୍ଗାପୂଜା ଓ ମକର ମେଳା, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତି, ମହାକାଳପଡ଼ା, ସମୟ: ସକାଳ ୬ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ସ୍ଥାନ: ଓଳାଶୁଣୀ ପୀଠ ପରିସର, ସମୟ: ପ୍ରାତଃ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଛତ୍ରପତି ଶିବାଜୀ ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ : ଯାଜପୁର ରୋଡ ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା୩୦।
- ମକର ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ପଳାଇସ୍ଥିତ ଗଙ୍ଗୀ ପାହାଡ଼, ସକାଳ: ୮ଟା।
- ମହାପୁରୁଷ ହାଡ଼ିଦାସଙ୍କ ୨୫୪ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚମ୍ପାପୁର, ଛତିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁନ୍ଦରିଆ ପ୍ରିମିୟମ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ସୁନ୍ଦରିଆ ମିନି ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୧ଟା।
- ଗୁରୁ ପଦ୍ମ ସମ୍ଭବଙ୍କୁ ନେଇ ଆଲୋଚନାଚକ୍ର, ସ୍ଥାନ: ବୌଦ୍ଧ ପୀଠ ଉଦୟଗିରି, ସମୟ: ଅପରାହ୍ନ ୨ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଅଖିଳଚକ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ବରୁଣେଶ୍ୱର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୫ମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ମକର ସକ୍ରାନ୍ତି ଅବସରରେ ଉତ୍ତରାୟଣୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ଅୟମାରମ୍ଭ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା।
- ଭୂୟାଁଣୀ ମକରଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ସୋଲପଟାର ମା' ଭୂୟାଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ମକରଯାତ୍ରା ଉଦ୍‌ଘାଟନ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ମକର ମେଳା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ ମ୍ୟାଚ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ମ୍ୟାଚ ଏସଟିଏଫସି କାଶ୍ମୀର ବନାମ ସାନ କ୍ଲବ ଭୁବନେଶ୍ୱର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ମକର ଯାତ୍ରା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ମୁରାରୀପୁର, ସମୟ: ଅପରାହ୍ନ ୪ଟା।
- ସୁଭଦ୍ରା ଶକ୍ତି ମେଳାର ୩ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତି ୯ଟା ୩୦।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସନ୍ଧ୍ୟା ୭ରୁ ରାତି ୧୦ଟା।

**ରାୟଗଡ଼ା**
- ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୯ଟା।
- ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ପୋଙ୍ଗଲ ଉପଲକ୍ଷେ ଫ୍ୟାନ୍ସି ଡ୍ରେସ ଓ ପାରମ୍ପରିକ ପୋଷାକ ପ୍ରତିଯୋଗିତା, ସ୍ଥାନ: କନ୍ୟାକା ପରମେଶ୍ୱରୀ ମନ୍ଦିର ନିକଟ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

**ନବରଙ୍ଗପୁର**
- ଫକୀର ମୋହନ ପାଠଶାଳର ୧୮ତମ ସ୍ୱନକ୍ଷତ୍ର ଦିବସ, ମକର ମିଳନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶହୀଦ ମିନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାପଡ଼ାହାଣ୍ଡି ଆଦିବାସୀ ସଂଗ୍ରାହଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ମକର ସଂକ୍ରାନ୍ତି ଉପଲକ୍ଷେ ଭୋଗି ପୋଡା, ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପୋଲିସ ପଡିଆ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋରା ସୁବୁଲାର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପୋଡ଼ାଗଡ଼, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।

**ସମ୍ବଲପୁର**
- ସଙ୍କଟମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବ୍ରୁକ୍ସହିଲ ଶ୍ରୀଶ୍ରୀ ହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ତିନି ଦୀପ ମହାଯଜ୍ଞ ଓ ଚଣ୍ଡୀ ହୋମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ–୨୦୨୬ ମଥୁରା ନଗରୀ ଓ ଗୋପପୁର କର୍ମକର୍ତ୍ତାଙ୍କ ବୈଠକ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୯ଟା।
- ଦଳେଇପଡା ହନୁମାନ ମନ୍ଦିର କମିଟି ଆୟୋଜନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା, ସ୍ଥାନ: ଦଳେଇପଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସିଦ୍ଧ ଠେମରା ମେଳା–୨୦୨୬ ଶୁଭାରମ୍ଭ, ସ୍ଥାନ : ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍.ଏନ୍. ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**
- ଦିବ୍ୟକଲ୍ୟାଣମ୍, ସ୍ଥାନ: ଛେଣ୍ଡ ଶ୍ରୀ ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।

# ବାର୍ଷିକ କ୍ରୀଡ଼ା ବେଳେ ୬ ଛାତ୍ରୀ ଅସୁସ୍ଥ

ଧାମନଗର/ଧୁସୁରୀ,୧୩।୧
(ସନ୍ତୋଷ କୁମାର ମହାପାତ୍ର/ଦୀପ୍ତିରଞ୍ଜନ ନାୟକ)


ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଛାତ୍ରୀ।

ଭଦ୍ରକ ଜିଲା ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କୋରୁଆ ସରକାରୀ ନୋଡାଲ ସ୍କୁଲରେ ମଙ୍ଗଳବାର ବାର୍ଷିକ କ୍ରୀଡ଼ା ଚାଲିଥିବା ବେଳେ ୬ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ବିଦ୍ୟାଳୟ ସାମ୍ନା ପଡ଼ିଆରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିଲା। ମଙ୍ଗଳବାର ଦ୍ୱିତୀୟ ଦିନରେ ପୁଚି ଖେଳ ପ୍ରତିଯୋଗିତାରେ ଭାଗ ନେଇଥିବା ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ୬ଜଣ ଛାତ୍ରୀ ହଠାତ୍ ଅଚେତ ହୋଇପଡ଼ିଥିଲେ। ଅସୁସ୍ଥ ଛାତ୍ରୀମାନେ ହେଲେ ଲଭ୍‌ଲି ବେହୁରିଆ, ଶ୍ରୀୟାରାଣୀ ନାଥ, ଶ୍ରୀୟା ବେହୁରିଆ, ଶୁଭସ୍ମିତା ନାଥ, ଦୀପଶିଖା ମହାକୁଡ଼ ଓ ସିଦ୍ଧି ମିଶ୍ର। ଖବରପାଇ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଭାଜପା ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଉଦୟକର ଦାସ କହିଛନ୍ତି, ପୁଚି ଖେଳିବା ସମୟରେ ହଠାତ୍ ୬ ଛାତ୍ରୀଙ୍କର ମୁଣ୍ଡ ବୁଲାଇଥିଲା। ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହେଲେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନେ ଘରକୁ ପଠାଯିବ। ତେବେ ଖେଳର ଆବଶ୍ୟକ ସରଞ୍ଜାମ ନ ରହିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ଉପଯୁକ୍ତ ଯତ୍ନ ନ ନେବା ଫଳରେ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

**ପ୍ରଥମ ପୃଷ୍ଠାରୁ...**

## ୪ ଦିନରେ କେନ୍ଦ୍ର...

ଖର୍ଚ୍ଚ କରୁଛି ତାହା 'ସ୍ପର୍ଶ' ମାଧ୍ୟମରେ ସେମାନେ ଅନ୍‌ଲାଇନ ଜରିଆରେ ସେଠାରେ ରହି ଜାଣିପାରୁଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ଯୋଜନାକୁ ତ୍ୱରାନ୍ୱିତ କରିବାରେ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି। ଯଦି ଟଙ୍କା ଖର୍ଚ୍ଚରେ ରାଜ୍ୟ ବିଳମ୍ବ କରିବ ତେବେ ଅନୁଦାନ ହାତଛଡ଼ା ହେବାର ସମ୍ଭାବନା ରହିଛି। ଏହାବାଦ୍ ଯଦି କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ ନ କରି ଏକକ କ୍ଷେତ୍ରୀୟ ଆକାଉଣ୍ଟରେ ଗଚ୍ଛିତ ରଖିବ, ତେବେ ରାଜ୍ୟ ସରକାରଙ୍କୁ ଏହାର ପେନାଲ୍‌ଟି ବାବଦରେ ଦେୟ ଦେବାକୁ ହେବ, ଯାହା ଯୋଜନାର କେନ୍ଦ୍ରୀୟ ଅଂଶଧନରୁ ଆପଣାଛାଏଁ କଟିଯିବ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର ଅନୁଦାନକୁ ନିୟମ ଅନୁଯାୟୀ ଖର୍ଚ୍ଚ କରାଗଲେ ରାଜ୍ୟର ବିକାଶ ଅଗ୍ରଗତି ହୋଇପାରିବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

## ଇରାନ୍ ଯୋଗୁ...

ସୋସିଆଲରେ ଏକ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଇରାନର ପ୍ରମୁଖ ବାଣିଜ୍ୟ ସହଯୋଗୀ ମଧ୍ୟରେ ଚାଇନା, ତୁର୍କୀ, ଭାରତ, ୟୁଏଇ, ପାକିସ୍ତାନ ଏବଂ ଆର୍ମେନିଆ ରହିଛି। ତେଣୁ ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେଲେ ଭାରତ ପ୍ରଭାବିତ ହେବ। ଆମେରିକା ଭାରତ ଉପରେ ପୂର୍ବରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଛି, ଯାହାକି ବିଶ୍ୱରେ ଅନ୍ୟତମ ସର୍ବାଧିକ। ସେଥିରୁ ୨୫ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ହୋଇଥିବାବେଳେ ରୁଷିଆରୁ ତୈଳ କିଣାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଟାରିଫ୍ ଲାଗୁ ହୋଇଛି।

ତେହରାନରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ଇରାନକୁ ଭାରତ ଚାଉଳ, ଚା', ଚିନି, ଔଷଧ, କୃତ୍ରିମ ଷ୍ଟାପଲ୍ ଫାଇବର, ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଓ କୃତ୍ରିମ ଅଳଙ୍କାର ରପ୍ତାନି କରିଥାଏ। ଏହା ବଦଳରେ ସେଠାରୁ ନୂଆଦିଲ୍ଲୀ ଶୁଷ୍କ ଫଳ, ଅଜୈବିକ/ଜୈବିକ ରସାୟନ ଏବଂ ଗ୍ଲାସ୍‌ୱେର ଆମଦାନି କରିଥାଏ। ଅନ୍‌ଲାଇନ ଡାଟା ଭିଜୁଆଲାଇଜେଶନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ପ୍ଲାଟ୍‌ଫର୍ମ ଅବ୍‌ଜରଭେଟୋରି ଅଫ୍ ଇକୋନୋମିକ୍ କମ୍ପ୍ଲେକ୍ସିଟି (ଓଇସି) ଅନୁଯାୟୀ, ୨୦୨୩ରେ ଭାରତ ଇରାନକୁ ୧.୧୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ୧.୦୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ସେହିବର୍ଷ ଇରାନକୁ ଭାରତ ୭୩୪ ନିୟୁତ ଡଲାରର ଚାଉଳ, ୯୬.୮ ନିୟୁତ ଡଲାର ମୂଲ୍ୟର ସୋୟାବିନ୍ ମିଲ୍, ୫୨ ନିୟୁତ ଡଲାର ମୂଲ୍ୟର କଦଳୀ ରପ୍ତାନି କରିଥିଲା। ଭାରତ ଏବଂ ଇରାନ ମଧ୍ୟରେ ଅନେକ ହଜାର ବର୍ଷର ପାରସ୍ପରିକ ସମ୍ପର୍କ ରହିଆସିଛି। ଐତିହାସିକ ଏବଂ ସଭ୍ୟତା ସଂଯୋଗର ଶକ୍ତି ସମ୍ପର୍କକୁ ମଜଭୁତ କରିଛି ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ, ବ୍ୟବସାୟିକ ଏବଂ ଯୋଗାଯୋଗ ସହଯୋଗ, ସଂସ୍କୃତି ଯୋଗୁ ଏହା ବଢ଼ିଚାଲିଛି। ଭାରତ–ଇରାନ ସମ୍ପର୍କର ମୁଖ୍ୟ ବିଶେଷତ୍ୱ ହେଲା ଚାବାହର ବନ୍ଦରର ମିଳିତ ବିକାଶ। ଯୋଗାଯୋଗ ଏବଂ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଇରାନ ଏହି ବନ୍ଦରର ବିକାଶ କରିଛନ୍ତି।

## ଋଣ ଶୁଝିବା ପାଇଁ...

ଦର୍ଶାଇଛନ୍ତି ଯେ, ସୋମବାର ସକାଳ ସାଢ଼େ ୯ଟା ବେଳେ ତାଙ୍କ ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ନେଇ ଘରୁ ବାହାରି ଯାଇଥିଲେ। ରାତି ୮ଟା ବେଳକୁ ପୁଅବୋହୂ ଘରକୁ ଫେରିଥିବା ବେଳେ ତାଙ୍କ ନାତୁଣୀ ସାଙ୍ଗରେ ନ ଥିଲା। ସେ ନାତୁଣୀ ସମ୍ପର୍କରେ ପୁଅବୋହୂଙ୍କୁ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ତାଙ୍କ ଘରେ ବୋହୂ ରୀନାଙ୍କ ମା'(ସମୁଦୁଣୀ) ରହୁଛନ୍ତି। ପୁଅବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କରିଛନ୍ତି କିମ୍ବା ମାରି ଦେଇଛନ୍ତି ବୋଲି ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିବା ସାବିତ୍ରୀ କହିଛନ୍ତି। ଏନେଇ ଏକ ମାମଲା(ନଂ.୧୭/୨୬) ରୁଜୁ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

## ୧୮ ସୁଦ୍ଧା ସୁଭଦ୍ରା...

୧ ଲକ୍ଷ ୭୮ ହଜାର ୩୯୮ ଜଣ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ନୂଆ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଊଣା ହେବନାହିଁ। ଦୀର୍ଘଦିନରୁ ଭଲ ସମ୍ପର୍କ ଥାଇ ମଧ୍ୟ ଦେଖି ପାରି ନ ଥିବା ପ୍ରିୟବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସୀ ହେବେ। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ସହଯୋଗୀର ଭୂମିକା ନିର୍ବାହ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ** ବନ୍ଧୁଙ୍କ ସାହାଯ୍ୟ,ସହଯୋଗ ଓ ସହାନୁଭୂତି ଆପଣଙ୍କ ଆଶା ଓ କାମନା ପୂରଣ ଦିଗରେ ସହାୟକ ହେବ। ଯେତେ ଭଲ କାମ କଲେ ମଧ୍ୟ ଆପଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ।

**ମିଥୁନ** ଆଜି ଆପଣଙ୍କ ପୂର୍ବ ଯୋଜନା ଅନୁଯାୟୀ କର୍ମ ଯଥାବିଧି ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଆପଣଙ୍କୁ ନିରୁତ୍ସାହିତ କରିବ। ବନ୍ଧୁ ଗହଣରେ ଭୁଲ୍ ବୁଝାମଣାଜନିତ ପାରସ୍ପରିକ ବିତର୍କଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ କାର୍ଯ୍ୟହାସଲ ଦିଗରେ ଅନ୍ତରାୟ ସୃଷ୍ଟି କରିବାର ସୂଚନା ରହିଛି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବା ପାଇଁ ମନସ୍ଥ କରିବେ। ଯାତ୍ରା, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବନାହିଁ।

**ସିଂହ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ କୌଣସି ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ଆଜି ଯେକୌଣସି ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ,କଚେରି ମାମଲାରେ ଆଶାଜନକ ଫଳ ପାଇବେ।

**ତୁଳା** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବନ୍ଧୁ ପରିଜନଙ୍କ ପ୍ରୀତିବର୍ଦ୍ଧନ କରିବ। କିନ୍ତୁ ରାହୁଙ୍କ ପ୍ରଭାବରେ କୌଣସି ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହି ନ ପାରେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଅଭିଯୋଗ ସକାଶେ ଚିନ୍ତିତ ରହିପାରନ୍ତି।

**ବିଛା** ଅନୁକୂଳଗ୍ରହ ପ୍ରଭାବରେ ଆଜି ଆପଣ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇବେ। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ** କର୍ମକ୍ଷେତ୍ରରେ ସାମ୍ୟତା ଅପରିବର୍ତ୍ତିତ ରହିବା କାରଣରୁ ମାନସିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାରେ କୌଣସି ଶୁଭେଚ୍ଛୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାମୂହିକ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରୁ ସମର୍ଥନ ଲାଭକରି ଅଭିଳଷିତ କାମକୁ ଶେଷ ପର୍ଯ୍ୟାୟକୁ ନେବାପାଇଁ ଶ୍ରବଣା ଚେଷ୍ଟିତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଆପଣଙ୍କୁ କାମରେ ନିୟୋଜିତ କରିବେ।

**କୁମ୍ଭ** ପାରିବାରିକ ଅସ୍ଥିରତା ଦୂର କରିବାରେ ଶୁଭଚିନ୍ତକ ମାର୍ଗଦର୍ଶକ ସାଜିପାରନ୍ତି। ଦୁର୍ବଳ ଆର୍ଥିକ ସ୍ଥିତି ହଠାତ୍ ବଦଳିଯିବା କାରଣରୁ ଅନେକ ଆଶା ଓ କଳ୍ପନା ମନରେ ଜାଗି ଉଠିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି। ରଚନାତ୍ମକ କାର୍ଯ୍ୟ, ସଙ୍ଗୀତ ସମାରୋହ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହୋଇପାରନ୍ତି।

**ମୀନ** ଆଜି ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ନିଜ ପରିସରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି। ପରିବାରରେ ଯୁକ୍ତିତର୍କଜନିତ ମତାନ୍ତରଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ଆଜି ଜାନୁୟାରୀ ୧୪ ତାରିଖ। ମକର ସଂକ୍ରାନ୍ତି, ଶ୍ରୀସୂର୍ଯ୍ୟଦେବଙ୍କର ଉତ୍ତରାୟଣ ବନ୍ଦାପନା, ଶୁକ୍ଳକାଳ ଆରମ୍ଭ, ମକରବୁଡ଼, ଗଙ୍ଗାସାଗର ସ୍ନାନ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ପୋଙ୍ଗଲ, ଓଳାଶୁଣି ଯାତ୍ରା, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ ବୁଧବାର। ରାଶିନକ୍ଷତ୍ର–ଅନୁରାଧା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଆ ଚାଉଳର ମୁଣ୍ଡି
ସମସ୍ତେ ହେଲେ ଶୁକିଲା ଶୁକିଲି
ରାନ୍ଧୁଣୀ କରିଚି ଗଣ୍ଡି।**

ରାନ୍ଧୁଣୀ ମହିଳାର ବର୍ଦ୍ଧିତ ଚେହେରା ହିଁ ସମସ୍ତଙ୍କ ଆଖିରେ ସନ୍ଦେହ ଏବଂ ସମାଲୋଚନାର ଖୋରାକ ଯୋଗାଇଥାଏ। ଲୁଚେଇ ଛପେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଜଗନ୍ନାଥ ବର
ତହିଁକି ଲାଗିଛି ମଲ୍ଲିଫୁଲ ହାର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇ ନ ଥାନ୍ତି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ପରିକଳ୍ପନାରେ ଜଗତର ନାଥ ଜଗନ୍ନାଥଙ୍କ ସହ ବିବାହ କରିଦିଆଯାଏ। ଏହା ଫଳରେ ତା'ର ଦୋଷାଦୋଷ କଟିଯିବାର ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଝିଅ ନେବେ ନିଜ ବିବାହ ନିଷ୍ପତ୍ତି

# ସୁସ୍ଥ ବାତାବରଣରେ ସହାୟକ ହେବ

ଝିଅ ବିବାହ ଯୋଗ୍ୟା ହେଲେ, ମା'ବାପାଙ୍କ ମୁଣ୍ଡରେ ଚିନ୍ତା ପଶେ। କିପରି ଭଲ ପାତ୍ର ଦେଖି ଝିଅକୁ ବିବାହ ଦେଇଦେବେ। ଏଇ ଚିନ୍ତାଧାରା କେଉଁ କାଳୁ ଚାଲି ଆସିଛି। କିନ୍ତୁ ଏବେ ସମୟ ପରିବର୍ତ୍ତନ ହେଲାଣି। ଯୁବତୀମାନେ ନିଜେ ଉଚ୍ଚଶିକ୍ଷିତା ସହ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ମା'ବାପାଙ୍କ ପୁରୁଣାକାଳିଆ ମାନସିକତା ଆଉ ଚଳିବ ନାହିଁ। ଝିଅଙ୍କ ଇଚ୍ଛା ବିରୋଧରେ ମା'ବାପା ଚାପ ପକାଇ ବିବାହ ସ୍ଥିର କରିପାରିବେ ନାହିଁ। ଝିଅଙ୍କ ବିବାହ କରିବାକୁ ହେଲେ ତାଙ୍କ ସମ୍ମତି ନିତାନ୍ତ ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟ ଏକ ମାମଲାର ଶୁଣାଣିରେ ରାୟ ପ୍ରଦାନ କରିଛନ୍ତି। ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ଜଣେ ଝିଅଙ୍କ ଇଚ୍ଛା ବିରୋଧରେ ତାଙ୍କ ମା'ବାପା ବିବାହ କରାଇ ଦେଇଥିଲେ। ଝିଅ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଥିଲେ। ତେଣୁ ବିବାହ ପରେ ସେ ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି କହି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ମତକୁ ଗ୍ରହଣ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଝିଅମାନେ ନିଜ ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଭବିଷ୍ୟତ ସୁରକ୍ଷିତ କରିପାରିବେ, ଯାହାକି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟିରେ ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



## ସେମାନଙ୍କ ମତରେ...

### ଝିଅମାନେ ସୁରକ୍ଷିତ ଭବିଷ୍ୟତ ସହ ଆତ୍ମନିର୍ଭର ଚାହୁଁଛନ୍ତି



ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନକୁ ନେଇ ଅଧିକାଂଶ ଝିଅ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ସୁରକ୍ଷିତ ଭବିଷ୍ୟତ ସହିତ ସ୍ୱାଭିମାନ ଓ ଆତ୍ମସମ୍ମାନର ସହ ବଞ୍ଚିବା ଦିଗରେ ଆଜିର ଝିଅମାନେ ସଚେତନ ହେଲେଣି। ବିବାହ ପାଇଁ ସେମାନଙ୍କ ମାନସିକ ପ୍ରସ୍ତୁତି ଓ ମତ ଆବଶ୍ୟକ ମନେହୁଏ। ମାତାପିତା ଏ ଦିଗରେ ଯତ୍ନଶୀଳ ହେବା ଆବଶ୍ୟକ।

**– ମୀରା ବେଉରା, ସଙ୍ଗଠନ ସମ୍ପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ**

### ଝିଅର ମତ ନେଇ ଦୁରୁପଯୋଗ କରା ନ ଯାଉ

ଭାରତୀୟ ସଂସ୍କୃତିରେ ବିବାହରେ ଝିଅର ମତ ରହିବା ଜରୁରୀ। ଝିଅର ମତ ବିରୋଧରେ ବିବାହ ହେବା ଦ୍ୱାରା ଉଭୟ ସାଂସାରିକ ଓ ସାମାଜିକ କ୍ଷେତ୍ରରେ ବିଭ୍ରାଟ ଦେଖାଦେଉଛି। ତେବେ ବିବାହ ପାଇଁ କାଗଜକଲମରେ ଝିଅର ମତ ନେଇ ଦୁରୁପଯୋଗ ନ ହେବା ଆବଶ୍ୟକ। ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।



**–ସରୋଜିନୀ ମିଶ୍ର, ସମ୍ପାଦିକା, ଅନନ୍ତ ନିର୍ଝର, ମଧୁପାଟଣା, କଟକ**

### ବିବାହ ପୂର୍ବରୁ ମତ ନେବା ଜରୁରୀ

ମା'ବାପା ଝିଅର ବିବାହ ପୂର୍ବରୁ ମତ ନେବା ଉଚିତ। ଆଜିର ସମୟରେ ଝିଅଟିଏ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ରହିଛି। ଏବେକାର ଝିଅ ଅନ୍ୟ ଉପରେ ବୋଝ ହେବାକୁ ଚାହାନ୍ତି ନାହିଁ। ତେଣୁ ଝିଅଟିଏ ବାହାହେବ ବା ନ ହେବ ସେ ଉପରେ ନିଜେ ମତ ରଖିବାର ଅଧିକାର ଝିଅର ରହିଛି। ନଚେତ୍ ସେ ସାରା ଜୀବନ କଷ୍ଟ ପାଇବ।



**– ରତ୍ନମୟୀ ବେହେରା, କର୍ମଜୀବୀ, ନେତାଜୀ ନଗର**

### ଝିଅର ଇଚ୍ଛାକୁ ସମ୍ମାନ ଦେଲେ ଅଦାଲତ



ମା'ବାପା ଝିଅର ଇଚ୍ଛା ବିରୋଧରେ ବିବାହ କରାଇ ଦେବା ପରେ ଝିଅଟି ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି ହାଇକୋର୍ଟରେ କହିଲେ। ଏହାକୁ ହାଇକୋର୍ଟ ସମ୍ବେଦନଶୀଳତାରେ ହୃଦୟଙ୍ଗମ କରି ଝିଅର ଇଚ୍ଛାକୁ ସମ୍ମାନ ଦେଲେ। ଏହି ମାମଲାଟିର ପରିଚାଳନାବେଳେ ମୋତେ ଖୁସି ଲାଗିଲା। ଏହା ନିଶ୍ଚିତ ଭାବେ ମା'ବାପାଙ୍କୁ ଝିଅର ବିବାହ ପ୍ରସଙ୍ଗରେ ଅଧିକ ସଚେତନ କରାଇବ ବୋଲି ଆଶା ରଖୁଛି।

**– ସଞ୍ଜୟ ରଥ, ଅତିରିକ୍ତ ସରକାରୀ ଓକିଲ, ଓଡ଼ିଶା ହାଇକୋର୍ଟ**

### ସହମତି ବିନା ବିବାହ ଅଶାନ୍ତି ଆଣିବ

ସବୁ ମା'ବାପା ନିଜ ସନ୍ତାନର ଖୁସି ଚାହାନ୍ତି। ମା'ବାପା ପ୍ରତ୍ୟେକ ପ୍ରସଙ୍ଗରେ ପିଲାମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ବିଶେଷ କରି ବୈବାହିକ ପ୍ରସଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ଝିଅର ସମ୍ମତିରେ ବିବାହ ନ ହେଲେ ତାହା ସମସ୍ତଙ୍କ ପାଇଁ ପାରିବାରିକ ଅଶାନ୍ତି, ସାମାଜିକ ନିନ୍ଦା ଆଣିବାର ଆଶଙ୍କା ରହିଛି।



**– ଅଳକା ମହାନ୍ତି, ଗୃହିଣୀ, ରାଜାବଗିଚା**

### ଝିଅମାନେ ଦୁନିଆକୁ ଜାଣିଲେଣି

ମା'ବାପାମାନେ ଆମକୁ ପାଠ ପଢ଼ାଇ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଉଛନ୍ତି। ସେମାନେ ଆମ ଭବିଷ୍ୟତ ପାଇଁ ସବୁପ୍ରକାର ଚିନ୍ତା କରୁଛନ୍ତି। ଏବେକାର ଝିଅମାନେ ଦୁନିଆକୁ ଜାଣିଲେଣି। ତେଣୁ ବିବାହ କ୍ଷେତ୍ରରେ ବି ମା'ବାପା ଝିଅର ମତ ନେବା ନିହାତି ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ସମସ୍ତେ ଦୁଃଖ ପାଇବେ।



**– ଅଙ୍କିତା ରାଉତ, ଛାତ୍ରୀ, ଦେଉଳସାହି, କଟକ**

### ବିବାହ ସଫଳ ପାଇଁ ଝିଅଙ୍କ ମତାମତ ଜରୁରୀ



ଗୋଟିଏ ବାହାଘରକୁ ସଫଳ କରିବା ପାଇଁ ହେଲେ ଅଭିଭାବକମାନେ ନିଜ ଝିଅର ମତାମତ ନେବାର ନିଶ୍ଚିତ ଆବଶ୍ୟକତା ରହିଛି। ଝିଅମାନେ ୧୮ ବର୍ଷରେ ଭୋଟ୍ ଦେଇ ଦେଶର ନେତା ବାଛି ପାରୁଛନ୍ତି, ତେଣୁ ନିଜ ପସନ୍ଦରେ ଜୀବନସାଥୀ ବାଛିବା କିମ୍ବା କେବେ ବିବାହ କରିବେ ତାହାର ନିଷ୍ପତ୍ତି ସେମାନେ ନେଇ ପାରିବେ। ଅଭିଭାବକ ହିସାବରେ ସେମାନଙ୍କ ଉପରେ ଚାପ ପକାଇବା ଠିକ୍ ନୁହେଁ। ଯେଉଁ ଝିଅ ପାଠ ପଢ଼ି ନିଜ କ୍ୟାରିୟର ଗଢିବାକୁ ଚାହୁଁଥିବ କିମ୍ବା କେହି କେହି ନିଜ ପସନ୍ଦର ଜୀବନସାଥୀ ବାଛି ସାରିଥିବେ ଏଭଳି ସ୍ଥିତିରେ ମା' ବାପା ତାଙ୍କ ଇଚ୍ଛା ବିରୋଧରେ ବାହା କରିଦେଲେ, ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି ହେବ।

**–ଶୁଭଶ୍ରୀ ଦାସ, ସାମାଜିକକର୍ମୀ, ଭୁବନେଶ୍ୱର**

### ବିବାହ ସମ୍ପର୍କରେ ନିଷ୍ପତ୍ତି ନେବାର ସୁଯୋଗ ମିଳିବା ଉଚିତ୍

ବିବାହ ଏକ ସାମାଜିକ ବ୍ୟବସ୍ଥା, ଜୀବନର ଲକ୍ଷ୍ୟ ନୁହେଁ। ତେଣୁ ଝିଅମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ସହିତ ବିବାହ ନେଇ ନିଷ୍ପତ୍ତି ନେବାକୁ ସୁଯୋଗ ଦେବା ଆବଶ୍ୟକ। ସେହିପରି ସଫଳ ଦାମ୍ପତ୍ୟ ପାଇଁ ଝିଅ ପୁଅ ଏବଂ ଉଭୟ ପରିବାରର ସହମତି ଆବଶ୍ୟକ। ସାଧାରଣତଃ ବିବାହ ବେଳେ ପୁଅର ମତାମତ ନିଆଯାଉଥିବାବେଳେ ଝିଅର ମତ ପଚରାଯାଏନି। ଅନେକ ସମୟରେ ଝିଅଟିଏ କେବଳ ମା' ବାପାଙ୍କ ଚାପରେ ବିବାହ କରିଥାଏ। ଆଜିକାଲିର ଝିଅମାନେ ଉଚ୍ଚଶିକ୍ଷିତା ହେବା ସହ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ତେଣୁ ନିଜକୁ ସେତିକି ସାମର୍ଥ୍ୟ କରିବା ପାଇଁ ତାଙ୍କୁ ଯେତିକି ସମୟ ଆବଶ୍ୟକ, ମାତାପିତା ହିସାବରେ ତାଙ୍କୁ ସେତିକି ସମୟ ଦେବା ଦରକାର।



**–ନବ କିଶୋର ବେହେରା, ବୁଦ୍ଧିଜୀବୀ, ଭୁବନେଶ୍ୱର**

### ଆମକୁ ଗ୍ରହଣ କରିବାକୁ ହେବ

ବିବାହ ବେଳେ ଝିଅଙ୍କ ସମ୍ମତି ଜରୁରୀ ବୋଲି ଉଚ୍ଚ ଅଦାଲତ ଦେଇଥିବା ରାୟ ପ୍ରଶଂସନୀୟ। ଏହାକୁ ସବୁ ବର୍ଗରେ ସ୍ୱାଗତ କରିବା ଜରୁରୀ। ଏହି ରାୟ ଦ୍ୱାରା ମହିଳାମାନେ ନିଜର ଇଚ୍ଛା ଏବଂ ଅଭିବ୍ୟକ୍ତିକୁ ପରିବାର ନିକଟରେ ଜାହିର କରିପାରିବେ। ବିଶେଷ କରି ଏହାଦ୍ୱାରା ମହିଳାମାନଙ୍କ ପ୍ରତି ନିର୍ଯାତନା କମିବ। ତେଣୁ ଏହି ରାୟକୁ ଗ୍ରହଣ କରିବା ସହ ଆମମାନଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ।



**–ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ**

# ମ୍ୟୁଜିୟମ ଭଳି ରହିବ ବିଧାନସଭା

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଲୋକସେବା ଭବନ ଓ ବିଧାନସଭା ଗୋଟିଏ କ୍ୟାମ୍ପସ୍‌ରେ ରଖିବେ। ୭୧.୧୩ ଏକର ଜମିରେ ପ୍ରାୟ ୩୬୨୩ କୋଟି ଟଙ୍କା ଖର୍ଚ୍ଚରେ ଏହା ନିର୍ମାଣ କରାଯିବ। ତେବେ ଏତେ ଜମି କେଉଁଠାରୁ ଆସିବ ଏବଂ ଅନେକ ନୂତନ ଅଫିସ୍ ଥିବାବେଳେ ସେଗୁଡିକ ଭାଙ୍ଗିବ ନା ନାହିଁ ତାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ଇତିମଧ୍ୟରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନ ମୁଖ୍ୟ ଅଫିସ୍। ଏହିପରି ୩ଟି ପର୍ଯ୍ୟାୟରେ କାର୍ଯ୍ୟ ହେବ। ଲୋକସେବା ଭବନର ମୁଖ୍ୟ ବିଲ୍ଡିଂ କଲେକ୍ଟରମାନଙ୍କ ଯେଉଁ କ୍ୟାମ୍ପ ଅଫିସ୍ ରହିଛି ସେଠାରେ ନିର୍ମାଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ବିଲ୍ଡିଂ ପାଇଁ ଯେତିକି ଜାଗା ଆବଶ୍ୟକତା ଅଛି ସେଠାରେ ତାହା ରହିଛି। ଲୋକସେବା ଭବନର ନୂତନ ବିଲ୍ଡିଂ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତା'ପରେ ଧୀରେ ଧୀରେ ଅଫିସ୍‌ଗୁଡିକ ଶିଫ୍ଟ ହେବ। ସେହିପରି ଲୋକସେବା ଭବନ ଏବଂ ବିଧାନସଭା ଭିତରେ ଯେଉଁ ଜାଗା ରହିଛି ତା' ମଧ୍ୟରେ ନୂତନ ବିଧାନସଭା ନିର୍ମାଣ କରାଯିବ। ଏହା ୩୦୦ ଆସନ ବିଶିଷ୍ଟ ହେବ। ହେଲେ ପୁରୁଣା ବିଧାନସଭା ବିଲ୍ଡିଂ ନ ଭାଙ୍ଗି ସେମିତି ରଖାଯିବ। ବିଧାନସଭା ମ୍ୟୁଜିୟମ ଭଳି ରହିବ। ଯଦି ଭବିଷ୍ୟତରେ କେବେ ବିଧାନ ପରିଷଦ ହୁଏ ତେବେ ସେଠାରେ ତାହା ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ଏହା ପରେ ପର୍ଯ୍ୟାୟକ୍ରମେ ଯେଉଁ ବିଲ୍ଡିଂଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି ବା ଅନ୍‌ସେଫ୍ ହୋଇଯାଇଛି ସେଗୁଡିକ ଭଙ୍ଗାଯିବ। ୯ ତାଲା ବିଲ୍ଡିଂ, ରାଜୀବ ଭବନ ଏବଂ ସେଚ ସଦନକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂଆ କରାଯିବ। ଲୋକସେବା ଭବନର କନ୍‌ଭେନସନ ସେଣ୍ଟର, ଇଆଇସି ଅଫିସ୍ ଏବଂ ଖାରବେଳ ଭବନ ସେମିତି ରହିବ। କୃଷି ଭବନକୁ ମଧ୍ୟ ନ ଭାଙ୍ଗି ସେମିତି ରଖାଯିବ। ପରବର୍ତ୍ତୀ ସମୟରେ ଏଗୁଡିକ ଉପରେ ନିଷ୍ପତ୍ତି ହେବ। ଏହିସବୁ ଅଫିସ୍ ଯେଉଁସବୁ ଅଞ୍ଚଳରେ ରହିଛି ସେଗୁଡିକ ଗୋଟିଏ କ୍ୟାମ୍ପସ୍ ଭିତରେ ରହିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ୧୭ ଯାଏ ଶୀତ ପ୍ରଭାବ

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଜାନୁଆରୀ ୧୭ ପର୍ଯ୍ୟନ୍ତ ଶୀତ ପ୍ରଭାବ ରହିବ ଏବଂ ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ତେବେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୭, ରାଉରକେଲାରୁ ୭, ଝାରସୁଗୁଡାରେ ୭.୨, ଦାରିଙ୍ଗିବାଡ଼ିରେ ୮, ସେମିଳିଗୁଡାରେ ୮.୧, ଅନୁଗୋଳରେ ୮.୮, କିରେଇରେ ୮.୯, କେନ୍ଦୁଝରରେ ୯.୪, ଚିପିଲିମାରେ ୯.୫ ଏବଂ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି।

DADLS-77
ଓଡ଼ିଶା ସରକାର



ବ୍ୟାସକବି ଫକୀର ମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୪.୦୧.୨୦୨୬ (ମକର ସଂକ୍ରାନ୍ତି)
ସକାଳ–ଘ.୮.୩୦ ମିନିଟ୍
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଛକ ଭୁବନେଶ୍ୱରସ୍ଥିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ଣ ୪ ଘଟିକା– ବ୍ୟାସକବିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ–ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସନ୍ଧ୍ୟା – ୬ ଘଟିକା ସାଧାରଣ ସଭା
ସଦୟ ଉପସ୍ଥିତି
ବାଲେଶ୍ୱର ଜିଲ୍ଲାର ବିଧାୟକ ବୃନ୍ଦ
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର–ଭୁବନେଶ୍ୱର
ବିଶିଷ୍ଟ ଅତିଥି
ଡଃ ଅମିୟ ପଟ୍ଟନାୟକ
ପ୍ରାକ୍ତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୁଖ୍ୟବକ୍ତା
ଡଃ ଲଲାଟେନ୍ଦୁ ଦାସ ମହାପାତ୍ର
ପ୍ରାକ୍ତନ ନିର୍ଦ୍ଦେଶକ, ସେଣ୍ଟର ଫର୍ ଜୁଡ଼ିସିଆଲ ଆର୍କାଇଭସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ଉପସଂହାର ବକ୍ତବ୍ୟ
ଶ୍ରୀଯୁକ୍ତ ଜୀବନ କୁମାର ମହାପାତ୍ର
ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR_

DSPL-476



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ
ଭ୍ରୁଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ
ସୂଚନା ଦାତାଙ୍କୁ ପ୍ରୋତ୍ସାହନ
ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ୨୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ୩ଟି କିସ୍ତିରେ ପ୍ରଦାନ କରାଯିବ
ସର୍ତ୍ତାବଳୀ
- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନା ଦାତାଙ୍କୁ ପ୍ରଥମ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ ମାମଲା ରୁଜୁ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
- କୋର୍ଟ ମାମଲାର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିରେ ୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନୁହେଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ
ଏହି ଆଇନ ଅନୁଯାୟୀ ସୂଚନା ଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ଷଟ୍‌ତିଳା ଏକାଦଶୀ, ଓଲାଶୁଣୀ ମେଳା ଓ ହଳ ନିଷେଧ

# ସୋର୍ସ କୋଡ୍

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି। କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ସେଥିପାଇଁ ତଥ୍ୟ ଗୋଟାଇବା ବା କାରସାଦି କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି। ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଚାଲିଛନ୍ତି। ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି। ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍‌ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍-ଅବସ୍ଥାପନ କରିବେ। ଏହା ଦ୍ୱାରା ସନ୍ଦେହାତ୍ମକ ଫୋନ୍‌କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା। ହେଲେ ଚାରିଆଡ଼ୁ ଘୋର ବିରୋଧ ହେବାରୁ ସରକାର ବୁଝାଇବାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍‌ରେ ଇନ୍‌ଷ୍ଟଲ ବା ଅନ୍‌ଇନ୍‌ଷ୍ଟଲ କରିପାରିବେ। ଏହି ଝଡ଼ ସରି ନାହିଁ। ଏବେ ପୁଣି କୁହାଗଲାଣି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି। ତାହାକୁ ନେଇ ବିବାଦ ଉଠିଲାଣି।

ଏଠାରେ ସୋର୍ସ କୋଡ୍ କହିଲେ କୌଣସି ସଫ୍ଟୱେର, ଆପ୍ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳଲେଖା'କୁ ବୁଝାଏ। ଅଧିକ ପ୍ରାଞ୍ଜଳ କରି ବୁଝାଇଲେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ବୈଷୟିକ ଭାଷା ହୋଇଥିବାରୁ ତାହାକୁ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଉକ୍ତ କୋଡ୍‌କୁ ଏକ 'କମ୍ପାଇଲର୍' ସହଯୋଗରେ ବାଇନାରୀ କୋଡ୍ (୦ ଓ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେଶିନ ବୁଝିପାରେ। ସ୍ମାର୍ଟଫୋନ୍ ନିର୍ମାତାମାନେ ଉକ୍ତ କୋଡ୍‌କୁ ଗୁପ୍ତ ରଖିଥାଆନ୍ତି। ତାହା ହିଁ ସେମାନଙ୍କ ସମ୍ପତ୍ତି। ସେହି ମୌଳିକ ଗୁପ୍ତ କୋଡ୍‌କୁ ସରକାର ହାତେଇ ନେବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ପାଇଗଲେ ସରକାର ତାଙ୍କ ମନଇଚ୍ଛାରେ ଯେକୌଣସି ବ୍ୟକ୍ତି ହାତରେ ଧରିଥିବା ଫୋନ୍‌ରୁ ସବୁ ତଥ୍ୟ ଉତାରି ନେଇପାରିବେ। ଏପରିକି ବ୍ୟକ୍ତିଗତ ଫଟୋ, ତଥ୍ୟ କିମ୍ବା ଅନ୍ୟ ଗୋପନୀୟ ଆର୍ଥିକ ସୂଚନା ମଧ୍ୟ ହାତେଇ ନେଇପାରିବେ। ଅପରପଟେ ସରକାର ସବୁ ନାଗରିକଙ୍କୁ ଆଧାର ପଞ୍ଜୀକରଣ କରିବାକୁ ବାଧ୍ୟ କରୁଛନ୍ତି। ନାଗରିକର ଆଧାର ନମ୍ବର ସହିତ ତାଙ୍କର ମୋବାଇଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟସବୁ ତଥ୍ୟ ଜଡ଼ିତ ରହୁଛି। ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବା ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

# ତଦନ୍ତ କମିଶନର ପରିଣାମ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅନେକ ସମୟରେ ତଦନ୍ତ କମିଶନ ନିଯୁକ୍ତ କରାଯାଇଥାଏ ଅଧିକୃତ ସଂସ୍ଥା ଦ୍ୱାରା। ଏହି ଯାଞ୍ଚ ଆୟୋଗ ବିଶେଷ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥାଏ। ଯାନବାହନରେ ଦୁର୍ଘଟଣା, ଦୁର୍ନୀତି, ମାନବ ଅଧିକାର ଉଲ୍ଲଂଘନ, ଅର୍ଥନୈତିକ ଅପରାଧ, ଆଇନ ଶୃଙ୍ଖଳା ରକ୍ଷକଙ୍କ ମାତ୍ରାଧିକ ବଳ ପ୍ରୟୋଗ, ବିଭ୍ରାନ୍ତିକର ଗୁଜବ ଇତ୍ୟାଦି ସମସ୍ୟା ଯୋଗୁ ଯେତେବେଳେ ଜନସାଧାରଣ ବିକ୍ଷୁବ୍ଧ, ଆନ୍ଦୋଳନରତ ହୋଇଥାନ୍ତି, ସେମିତି ଅସ୍ୱାଭାବିକ ପରିସ୍ଥିତିରେ ଯାଞ୍ଚ ଆୟୋଗ ଆବଶ୍ୟକ ହୋଇଥାଏ।

ଆୟୋଗ ପାରଦର୍ଶିତା ସହ ନିରପେକ୍ଷ ଭାବେ ପ୍ରସଙ୍ଗର ସତ୍ୟାସତ୍ୟ ନିରୂପଣ କରିବା ଆବଶ୍ୟକ। ତାହାହେଲେ ଏହାର ଅନୁସନ୍ଧାନରୁ ପ୍ରାପ୍ତ ସିଦ୍ଧାନ୍ତ ବିଶ୍ୱାସଯୋଗ୍ୟ ହେବ। ଏହା ଦୋଷୀକୁ ଚିହ୍ନଟ କରିବା ସହ ପୀଡ଼ିତ ପାଇଁ ନ୍ୟାୟ ପ୍ରଦାନ ସକାଶେ ମତ ଦେଇଥାଏ। ଭବିଷ୍ୟତରେ ଏହି ପ୍ରକାର ଅଘଟଣ ଯେମିତି ନ ଘଟିବ, ସେଥି ସକାଶେ ସୁପାରିସ କରିଥାଏ। ଆବଶ୍ୟକ ସ୍ଥଳେ ଆଇନରେ ପରିବର୍ତ୍ତନ, ନୀତିଗତ ସଂଶୋଧନ ଏବଂ ଅନ୍ୟ ପନ୍ଥାମାନ ଉଲ୍ଲେଖ କରିବା ଏହାର ପରିସରଭୁକ୍ତ।

ଆୟୋଗ ଏକ ବା ଏକାଧିକ ସଦସ୍ୟ ବିଶିଷ୍ଟ ହୋଇଥାଏ। ସଦସ୍ୟମାନଙ୍କ ଯୋଗ୍ୟତା ବିଷୟରେ ଧରାବନ୍ଧା ନିୟମ ନ ଥିଲେ ସୁଦ୍ଧା ଦେଖାଯାଏ ଯେ, ନିଯୁକ୍ତିଦାତା ଉପଯୁକ୍ତ ବ୍ୟକ୍ତିଙ୍କୁ ଏଥିପାଇଁ ମନୋନୀତ କରିଥାଏ। ଅଧିକାଂଶ ସ୍ଥଳରେ ସେବାନିବୃତ୍ତ ବା ସେବାରତ ବିଚାରପତି ପ୍ରଶାସନିକ ଅଧିକାରୀ, ସାମାଜିକ କର୍ମୀ 'ଉପଯୁକ୍ତ' ବୋଲି ବିବେଚନା କରାଯାଇଥାଏ। ତେବେ ଏମିତି କେତେକ ସମସ୍ୟା ପାଇଁ ଆୟୋଗ ଗଠନ କରାଯାଏ, ଯାହା ବିଶେଷଜ୍ଞଙ୍କ ସହାୟତା ଆବଶ୍ୟକ କରେ। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ପ୍ରଶାସନ, ଆଇନ, ଅର୍ଥ ଇତ୍ୟାଦି ବିଭାଗରେ କୁଶଳୀ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରିବା ଯଥାର୍ଥ ମନେହୁଏ।

ଲକ୍ଷ୍ୟ କରାଯାଇଛି ଯେ, ଅନେକ କ୍ଷେତ୍ରରେ ଯେଉଁ ମହତ ଉଦ୍ଦେଶ୍ୟ ସକାଶେ କମିଶନ ବସାଯାଇଥାଏ ତାହା ନିଯୁକ୍ତିଦାତାଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଫଳାଫଳ ବିଷମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗୋଟିଏ ଦୃଷ୍ଟାନ୍ତ ହେଉଛି ଗୋଧ୍ରା ରେଳ ଅଗ୍ନିକାଣ୍ଡ। ୨୭ ଫେବୃୟାରୀ ୨୦୦୨ରେ ସାବରମତି ଏକ୍ସପ୍ରେସ ଟ୍ରେନର ଗୋଟିଏ ଡବାରେ ୫୯ ଜଣ ହିନ୍ଦୁ ତୀର୍ଥଯାତ୍ରୀ (କରସେବକ) ଅଯୋଧ୍ୟାର ରାମ ଜନ୍ମଭୂମି ଆନ୍ଦୋଳନରେ ଭାଗ ନେଇ ଗୁଜରାଟର ନିଜ ବାସସ୍ଥାନକୁ ଫେରୁଥିଲା ବେଳେ ଡବାରେ ଅଗ୍ନିକାଣ୍ଡ ଘଟି ସେମାନେ ଜୀବନ୍ତ ଦଗ୍ଧ ହେଲେ, ଅନ୍ୟ କେତେକେ ଆହତ ହେଲେ। ତେବେ ପ୍ରଶ୍ନ ଉଠିଲା ଏହି ଆକସ୍ମିକ ଅଘଟଣ ପଛରେ କାରଣ କ'ଣ? ଜନସାଧାରଣଙ୍କ ମନରେ ବାଦାନୁବାଦ ଦେଖାଦେଲା। ଦଳେ କହିଥିଲେ ଯେ, ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ କେତେଜଣ ମତ ଦେଲେ ଯେ, ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଅଭିସନ୍ଧି ନଥିଲା। ପ୍ରସଙ୍ଗଟି ଗୁରୁତର ଆକାର ଧାରଣ କଲା, ଯେତେବେଳେ ଏହା ସାମ୍ପ୍ରଦାୟିକ ରୂପ ନେଲା।



ଏତାଦୃଶ ସଂକଟବେଳେ ସତ୍ୟାନୁସନ୍ଧାନ ପାଇଁ ମାର୍ଚ୍ଚ ୨୦୦୨ରେ ପ୍ରଥମେ ଗୁଜରାଟ ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି କେ.ଜି. ସାହା କମିଶନର ଦାୟିତ୍ୱ ବହନ କଲେ। କିନ୍ତୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଯିବାରୁ ସୁପ୍ରିମକୋର୍ଟର ସେବାନିବୃତ୍ତ ବିଚାରପତି ଜି.ଟି. ନାନାବତୀ ଏହାର ଚେୟାରମ୍ୟାନ ହେଲେ। ଜଷ୍ଟିସ ନାନାବତୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ଜଷ୍ଟିସ ଅକ୍ଷୟ ମେହେଟ୍ଟା ପୂରଣ କଲେ। ୨୦୦୮ରେ ନାନାବତୀ ମେହେଟ୍ଟା କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା। ଏଥିରେ ଏହି ଅଗ୍ନିକାଣ୍ଡକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି ବିବେଚନା କରାଗଲା। କିନ୍ତୁ ଏହି ଅଘଟଣର ତଦନ୍ତ ଅନ୍ୟ ଏକ ଦିଗରୁ କରାଯାଇଥିଲା। ୨୦୦୪ରେ କେନ୍ଦ୍ରରେ ଏନ୍‌ଡିଏ ସରକାର ବଦଳି ୟୁପିଏ ସରକାର ଅଧିଷ୍ଠିତ ହେଲା। ରେଳ ବିଭାଗ ଦ୍ୱାରା ଏହାର ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ଜଷ୍ଟିସ ୟୁସି ବାନାର୍ଜୀଙ୍କୁ ନିଯୁକ୍ତ କରାଗଲା। ଏହି କମିଶନର ଅନ୍ତରୀଣ ରିପୋର୍ଟ ଅନୁସାରେ ଅଗ୍ନିକାଣ୍ଡ କୋଚ ଭିତରୁ ସୂତ୍ରପାତ ହୋଇଥିଲା, ବାହାରୁ ନୁହେଁ। ଏହା ଏକ ଦୁର୍ଘଟଣା। ଏହି ପ୍ରକାରେ ଦୁଇଟି କମିଶନ ସମ୍ପୂର୍ଣ୍ଣ ଓଲଟା ମତ ଦେଲେ। ଫଳରେ ଲୋକଙ୍କ ମନରେ ସମ୍ପନ୍ନ ଜାତ ହେଲା ଯେ, କମିଶନର ନିଷ୍କର୍ଷ ମାନ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ତଦନ୍ତ ରିପୋର୍ଟ ବିଷୟରେ ଅବତାରଣା କରାଯାଇପାରେ। ୨୮ ଜାନୁୟାରୀ ୧୯୮୬ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେପ୍ କେନାଭେରାଲ ସମୁଦ୍ର ତଟରୁ ସ୍ପେସ୍ ସଟଲ ଚାଲେଞ୍ଜର ଉତ୍କ୍ଷେପଣ କରାଯାଇଥିଲା। କିନ୍ତୁ ମାତ୍ର ୭୩ ସେକେଣ୍ଡ ପରେ ୪୬,୦୦୦ ଫୁଟ ଉପରୁ ଯାନରେ ବିସ୍ଫୋରଣ ଘଟି ସମୁଦ୍ର ବକ୍ଷକୁ ଖସିପଡ଼ିଲା। ସମସ୍ତ ସାତଜଣ ମହାକାଶଯାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟିଲା। ତନ୍ମଧ୍ୟରେ ଥିଲେ ବୋଷ୍ଟନରେ ୧୯୪୮ରେ ଜନ୍ମିତ ଶିକ୍ଷୟିତ୍ରୀ ସେବେନ କ୍ରିଷ୍ଟା, ମଇକ ଆଲିଫ। ତାଙ୍କର ଭୂମିକା ଥିଲା ଅନ୍ତରୀକ୍ଷରୁ ଶ୍ରେଣୀକକ୍ଷ। ପ୍ରୋଗ୍ରାମ ଅନୁସାରେ ପାଠ ପଢ଼ାଇବା। ଏହାଦ୍ୱାରା ମହାକାଶ ବିଜ୍ଞାନ ସମ୍ବନ୍ଧରେ ଜନସାଧାରଣ ବିଶେଷ ଭାବେ ଛାତ୍ର ସମାଜରେ ଆଗ୍ରହ ସୃଷ୍ଟି କରିବା। ଅବଶ୍ୟ ଏତଦବ୍ୟତୀତ ପ୍ରମୁଖ କାର୍ଯ୍ୟକ୍ରମ ଥିଲା ଧୂମକେତୁ ଅଧ୍ୟୟନ ଏବଂ କୃତ୍ରିକ ଉପଗ୍ରହ ସ୍ଥାପନ। ଯୁକ୍ତରାଷ୍ଟ୍ର ମହକାଶ ଅଭିଯାନରେ ଏତାଦୃଶ ଦୁର୍ଘଟଣା ହେଉଛି ପ୍ରଥମ। କହିବାବାହୁଲ୍ୟ ଯେ ୧୯୭୮ ହିସାବନୁଯାୟୀ ଏହାର ନିର୍ମାଣ ପାଇଁ ୧.୭ ବିଲିୟନ( ଏକ ବିଲିୟନ ହେଉଛି ୧୦,୦୦୦ ଲକ୍ଷ) ଆମେରିକୀୟ ଡଲାର ବିନିଯୋଗ ହୋଇଥିଲା। ଏହାର ଗୁରୁତ୍ୱ ଦୃଷ୍ଟିରୁ ନାସା ତରଫରୁ ତଦନ୍ତ କମିଶନ ବସାଗଲା। ଏହା ଚରାଜେରସ କମିଶନ ଭାବେ ନାମିତ ହେଲା। ନୋବେଲ ବିଜେତା ରିଚାର୍ଡ ଫାଇନ୍‌ମ୍ୟାନ (୧୯୧୮ ରୁ ୧୯୮୮) ଏହାର ସଦସ୍ୟ ଥିଲେ। ନାସାର ଉଚ୍ଚ ମର୍ଯ୍ୟାଦା ରକ୍ଷା କରିବାକୁ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରଚେଷ୍ଟା କଲେ। କିନ୍ତୁ ଫାଇନ୍‌ମ୍ୟାନ ମିଳିତଭାବେ ସତ୍ୟ ପ୍ରକାଶ କରିବାକୁ ଚାହିଁଲେ। ତାଙ୍କ କଟୁ ମନ୍ତବ୍ୟ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବାକୁ ଅନ୍ୟମାନଙ୍କୁ ସେ ବାଧ କଲେ। କିନ୍ତୁ ତାହା ଗ୍ରହଣ ନ କରିବାରୁ ସେ ସାମ୍ବାଦିକ ସମ୍ମିଳନୀରେ ନାସାର ତ୍ରୁଟିକୁ ପ୍ରକାଶ କଲେ। ସେ ଜଣାଇଲେ ଯେ ଦୀର୍ଘଦିନ ଧରି ଇଞ୍ଜିନିୟରମାନେ ସେହି ଯାନରେ ବ୍ୟବହୃତ ରବର ଓ ରିଙ୍ଗ ଏବର ମୁଡ଼ିପରି ଗୋଲାକାର। ସେ ବିପରୀତରେ ମତ ଦେଉଥିଲେ କାରଣ ତାହା ଅନ୍ତରୀକ୍ଷରେ ନିମ୍ନ ତାପମାତ୍ରା ଯୋଗୁ କଠିନ ହୋଇ ଫାଟିଯାଇପାରେ କିମ୍ବା ରନ୍ଧ୍ର ଜାତ ହୋଇପାରେ। ଫଳରେ ଉତ୍ତପ୍ତ ଦହନଶୀଳ ଗ୍ୟାସ ଛିଦ୍ରବାଟେ କ୍ଷରଣ ହୋଇ ଗ୍ୟାସ ଟାଙ୍କିକୁ ଜଳାଇବ। ଏଣୁ ବିସ୍ଫୋରଣ ଘଟିବ।

ଓ୍ୱାରିଙ୍ଗ ଖୁବ୍ ଶସ୍ତା। ପାଇପ ମିସ୍ତ୍ରି ଦୁଇଟି ପାଇପକୁ ଦ୍ରୁତ ଭାବେ ସଂଯୋଗ କରିବାକୁ ଏହା ବ୍ୟବହାର କରିଥାନ୍ତି। କିନ୍ତୁ ନାସା-କର୍ତ୍ତୃପକ୍ଷ ଏହାର ଭୂମିକା ପ୍ରତି ହେୟଜ୍ଞାନ କରି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଗଲା। ଅବଶ୍ୟ ଫାଇନମେନଙ୍କ ମତକୁ ପରେ ଗ୍ରହଣ କରାଗଲା। ପ୍ରକାଶଥାଉକି ସେତେବେଳେ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମରଣ ଥିଲା ଅଳ୍ପ ଦୂରରେ। ବିଭିନ୍ନ ଯାଞ୍ଚ ଆୟୋଗର ସଦସ୍ୟମାନେ ଫାଇନମ୍ୟାନଙ୍କ ପରି ନିରପେକ୍ଷ, ନିର୍ଭୀକ, ସାଧୁ ହୁଅନ୍ତେ କି! ଦୁଃଖର ବିଷୟ ଯେ, ଉଦ୍ଦେଶ୍ୟପ୍ରଣୋଦିତ ନିଯୁକ୍ତିଦାତା ଯେଉଁ ଯାଞ୍ଚ ଆୟୋଗ ଗଠନ କରିଥାନ୍ତି, ତାଙ୍କୁ ସୁହାଇବା ପରି ରିପୋର୍ଟ ପ୍ରସ୍ତୁତ କରାଯାଏ; ତାହା ସାଧାରଣରେ ଅଗ୍ରହଣୀୟ ହୋଇଥାଏ। ପରିଣାମବଶତଃ ଖୋଦ ଯାଞ୍ଚ ଆୟୋଗ ବର୍ତ୍ତମାନ ବଦନାମ ତାଲିକାଭୁକ୍ତ ହୋଇଗଲାଣି।

ମୋ:୯୦୭୮୭୪୩୮୪୩

# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ



ଅନନ୍ତ ଚରଣ ସ୍ୱାଇଁ

ଅଦ୍ଭୁତ ଏ ଦୁନିଆ। ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ। ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ। ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା। ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର , ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦି ଆୟ ଭଲ, ତେବେ ଏହି ଅଭାବ କାହିଁକି?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚ ମଧ୍ୟ ବଢ଼ିଚାଲେ। ଏହାକୁ ଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ। ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ। ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ। ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ। ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ। ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ।

ତତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ। ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ। ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ।



ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ।

ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ।

ଅଷ୍ଟମ କାରଣ ହେଉଛି ନିବେଶ ଏବଂ ଭବିଷ୍ୟତ ପାଇଁ ସଞ୍ଚୟର ଅଭାବ : ଅନେକ ଉଚ୍ଚ ଆୟକାରୀ ଲୋକ କେବଳ ବର୍ତ୍ତମାନକୁ ଚିନ୍ତାକରି ଖର୍ଚ୍ଚ କରନ୍ତି, ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ। ସେମାନେ ନିବେଶ କରନ୍ତି ନାହିଁ, ଫଳରେ ଟଙ୍କାର ମୂଲ୍ୟ ସମୟ ସହ କମିଯାଏ। ଭବିଷ୍ୟତରେ ପିଲାଙ୍କ ଶିକ୍ଷା, ନିଜର ଅବସରକାଳୀନ ଜୀବନ ପାଇଁ ଟଙ୍କା ସଞ୍ଚୟ ନ ଥିଲେ ଆଜିର ଭଲ ଆୟ ମଧ୍ୟ ଭବିଷ୍ୟତରେ ଅଭାବ ସୃଷ୍ଟି କରିପାରେ। ନିବେଶ ନ କରି କେବଳ ସଞ୍ଚୟ କରିବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କାରଣ ମୁଦ୍ରାସ୍ଫୀତି ସଞ୍ଚୟର ମୂଲ୍ୟକୁ କମାଇଦିଏ

ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ତ୍ରୁଟିପୂର୍ଣ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିୟୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଉତ୍ତରପ୍ରଦେଶର ସୋତ ନଦୀ ଗଙ୍ଗାର ଏକ ଉପନଦୀ। ଏହା ସମ୍ଭଲ ଜିଲାର ଜୀବନ ରେଖା। ଏହି ନଦୀ ସମ୍ଭଲର ୫ଟି ବ୍ଲକ୍‌ର ୭୧ଟି ଗ୍ରାମପଞ୍ଚାୟତ ଦେଇ ୧୧୦ କି.ମି. ପ୍ରବାହିତ ହେଉଥିଲା। ସମୟ ସ୍ରୋତରେ ଜବରଦଖଲ ଯୋଗୁ ଏହାର ଧାରା ଅଟକି ଯାଇଥିଲା। ହେଲେ ୨୦୨୨ରେ ମନୀଷ ବଂଶଲ ସମ୍ଭଲର ଜିଲାପାଳ ଭାବେ ଯୋଗ ଦେବା ପରେ ସେହି ବର୍ଷ ଡିସେମ୍ବରରୁ ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଲା, ଜୁନ୍ ୨୦୨୩ ମଧ୍ୟରେ ମାତ୍ର ୬ ମାସରେ ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିପାରିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଶ୍ରମଶକ୍ତିକୁ ଆଧାରକରି ସୋତ ନଦୀ ପୁନରୁଦ୍ଧାର ସମ୍ଭବ ହୋଇଛି। ଏବେ ନଦୀ ଅବବାହିକା ଅଞ୍ଚଳରେ ଭୂତଳଜଳସ୍ତର ବୃଦ୍ଧିପାଇବା ସହ ସବୁ ପଞ୍ଚାୟତର ଲୋକ ଜଳସେଚନର ସୁବିଧା ପାଇପାରୁଛନ୍ତି। ଏହା ବ୍ୟତୀତ ମୃତ୍ତିକା ରକ୍ଷା ରୋକିବା ସକାଶେ ୧୦,୦୦୦ ବାଉଁଶ ଚାରା ନଦୀକଡ଼ରେ ଲଗାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଜାନୁଆରୀ ୧୯୭୭

- ଲୋକ ସଭା ସଦସ୍ୟ ମୋହନ ଧରିଆ ଏବଂ ରାଜ୍ୟସଭା ସଭ୍ୟ ଚନ୍ଦ୍ରଶେଖରଙ୍କୁ ଖଲାସ କରି ଦିଆଯାଇଛି।
- ଭାରତର ଅନ୍ୟତମ ଶିଳ୍ପ ସମ୍ରାଟ୍ ସେଠ ରାମକୃଷ୍ଣ ଡାଲମିଆ, ତାଙ୍କର ସାନଭାଇ ଶିଳ୍ପପତି ଜୟଦୟାଲ ଡାଲମିଆ ଏବଂ ଜାମାତା ଶିଳ୍ପପତି ଶାନ୍ତିପ୍ରସାଦ ଜୈନଙ୍କୁ ଚକ୍ରାନ୍ତ, ବିଶ୍ୱାସଭଙ୍ଗ ଓ ଠକେଇ ଅଭିଯୋଗରେ ୨ ବର୍ଷ ସଶ୍ରମ କାରାଦଣ୍ଡ।
- ଜାଏର୍‌ର ପୂର୍ବାଞ୍ଚଳସ୍ଥିତ ନାଉରାଗଙ୍ଗୋ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେବା ଫଳରେ ପ୍ରାୟ ୨୦୦୦ ଲୋକଙ୍କ ପ୍ରାଣହାନି।

## ଚିରନ୍ତନୀ

ଝରଇ ଅହରହ ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତା ପରେ କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | | 2 | 9 |
| | | | | 1 | | | | |
| 9 | | | | 3 | | 6 | | |
| 2 | | | 5 | 9 | | | | 4 |
| | 5 | | | | 2 | | | |
| | 6 | | | | | | 7 | |
| | | 2 | | | 3 | | | |
| | | | | | 7 | | 6 | 1 |
| 1 | | | | | | 4 | 3 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 3 | 5 | 2 | 1 | 4 |
| 3 | 7 | 4 | 2 | 9 | 1 | 8 | 5 | 6 |
| 2 | 1 | 5 | 6 | 8 | 4 | 7 | 9 | 3 |
| 7 | 6 | 1 | 5 | 4 | 2 | 9 | 3 | 8 |
| 5 | 8 | 2 | 9 | 6 | 3 | 1 | 4 | 7 |
| 4 | 3 | 9 | 1 | 7 | 8 | 5 | 6 | 2 |
| 9 | 4 | 3 | 8 | 5 | 7 | 6 | 2 | 1 |
| 6 | 2 | 7 | 4 | 1 | 9 | 3 | 8 | 5 |
| 1 | 5 | 8 | 3 | 2 | 6 | 4 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରୀନ୍ ଷ୍ଟିକର: ଧର୍ମକୁ ଆଖିଠାର

ମହାଶୟ,

ଇ-ଚାଲାଣ ଅଫ୍‌ଲାଇନ ଜରିଆରେ ପୈଠ ବ୍ୟବସ୍ଥା, ଜରିମାନା କୋହଳର ଆଶ୍ୱସ୍ତି ଏବଂ ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା, ଜନସାଧାରଣ ଏବଂ ଆଞ୍ଚଳିକ ବାୟୁମଣ୍ଡଳକୁ କେତେଦିନ ଓ କିପରି ସୁସ୍ତି ଦେଇପାରିବ ଭାବି ବସିଲେ ବୋଧେ ନିରାଶ ହେବାକୁ ପଡ଼ିବ। କେବେ ପ୍ରମାଣପତ୍ର ଓ ଗ୍ରୀନ୍ ଷ୍ଟିକର କ'ଣ 'ଗ୍ରୀନ୍ ଓଡ଼ିଶା, କ୍ଲିନ୍ ଓଡ଼ିଶାର ସ୍ଲୋଗାନକୁ ସମ୍ଭାବନାରେ ରୂପାନ୍ତରିତ କରିବାକୁ ସମର୍ଥ ? ପ୍ରମାଣପତ୍ର ପ୍ରାପ୍ତି ପରେ ପେଟ୍ରୋଲ, ଡିଜେଲଚାଳିତ ଗାଡ଼ି କ'ଣ ଆଉ ବାୟୁମଣ୍ଡଳକୁ ଧୂଆଁ ଛାଡ଼ିବନି ? ପ୍ରକାଶ ଥାଉକି ସିଏନ୍‌ଜି ଏବଂ ବ୍ୟାଟେରିଚାଳିତ ଯାନ ପ୍ରତ୍ୟକ୍ଷରେ ବାୟୁମଣ୍ଡଳକୁ ଧୂଆଁ ଛାଡ଼ି ଦୂଷିତ ନ କଲେ ବି ଇ-ଯାନ ରିଜେକ୍ଟ (ପରିତ୍ୟକ୍ତ) ବ୍ୟାଟେରି ପରିବେଶ ପ୍ରତିକୂଳ। ଏ ପ୍ରେକ୍ଷାପଟରେ ସବୁ ଯାନ ପାଇଁ ନିୟମ ସମାନ ହେଉ।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୦୧ ବର୍ଷରେ କପିଳ ମୁନି ମକର ମେଳା

## ୧ ମାସ ଧରି ଉତ୍ସବମୁଖର ହେବ ପୀଠ

ବାସୁଦେବପୁର,୧୩।୧(କାଳିପଦ ରାୟ)

ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତରେ କପିଳ ମୁନି ପଡ଼ିଆରେ ଆରମ୍ଭ ହୋଇଛି ପ୍ରସିଦ୍ଧ କପିଳ ମୁନି ମକର ମେଳା। ଚଳିତବର୍ଷ ଏହି ମେଳା ୧୦୧ ବର୍ଷରେ ପହଞ୍ଚିଛି। ମଙ୍ଗଳବାର ନବରାତ୍ର ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ମକର ସଂକ୍ରାନ୍ତିଠାରୁ ଫେବୃଆରୀ ୧୪ ଯାଏ ମେଳା ଚାଲିବ। ୫୦୦ଊର୍ଦ୍ଧ୍ୱ ଘରୋଇ ଉପକରଣ, ଖାଦ୍ୟ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଦୋକାନ ଓ ମୀନାବଜାର ଖୋଲିବ। କଳସ ଶୋଭାଯାତ୍ରା, ନବରାତ୍ର



ମହାଯଜ୍ଞ, ଭାଗବତ ପରାୟଣ, ନାମ ସଂକୀର୍ତ୍ତନ, ନଗର କୀର୍ତ୍ତନ ଓ ହରିହାଟ ୯ ଦିନ ଧରି ଚାଲିବ ବୋଲି କପିଳ ମୁନି ନବରାତ୍ର ନାମଯଜ୍ଞ ମହୋତ୍ସବ କମିଟିର ସଭାପତି ଗଜେନ୍ଦ୍ର ଭୋଇ, ସମ୍ପାଦକ ଶରତ ଚନ୍ଦ୍ର ରାୟ ଓ ପ୍ରତିଷ୍ଠାତା ରତ୍ନାକର ଦାସ କହିଛନ୍ତି। ଆସନ୍ତା ୨୩ ତାରିଖଠାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣ ହେବ। ୧୯୨୫ରୁ ଏଠାରେ ମେଳା ଆରମ୍ଭ ହୋଇଥିଲା। କଥିତ ଅଛି ଯେ, କପିଳ ମୁନିଙ୍କ ସ୍ୱପ୍ନାଦେଶ କ୍ରମେ ଏହି ପୂଜା ମକର ସଂକ୍ରାନ୍ତି ଉପଲକ୍ଷେ ବିଧି ଅନୁଯାୟୀ ଗୋଟିଏ ଦିନ ପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ଏକ ମାସ ଧରି ପାଳନ ହେବା ସହ ଜିଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। କପିଳ ମୁନି ସର୍ବଦଳୀୟ କମିଟିର ସଭାପତି ସାତାକାନ୍ତ ପାଣିଗ୍ରାହୀ, ସମ୍ପାଦକ ଶରତ ଚନ୍ଦ୍ର ରାୟ, ସରପଞ୍ଚ ମାମିନା ଜେନା, ସମିତିସଭ୍ୟ ଶରତ ଚନ୍ଦ୍ର ମଲ୍ଲିକ, ସଭ୍ୟ ନରହରି ମହାନ୍ତି, ରାଜେନ୍ଦ୍ର ଦାସ, ତପନ କୁମାର ମଲ୍ଲିକ, ନରେଶ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ପରିଚାଳନା ସଦସ୍ୟ ଗ୍ରାମବାସୀଙ୍କ ସହଯୋଗ କରୁଛନ୍ତି।

# ଶିକ୍ଷା ସ୍ରୋତରେ ସାମିଲ ପାଠ ଛାଡ଼ିଥିବା ଛାତ୍ରୀଛାତ୍ର

## ଆସ ସ୍କୁଲ ଯିବା ଅଭିଯାନ ସଚେତନତା




ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

ତିହିଡ଼ି,୧୩।୧(ସଞ୍ଜିତ ବଳ)

ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରି ମାଟ୍ରିକ୍ ପାସ୍ କରାଇବା ଲକ୍ଷ୍ୟରେ ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରୁ ପାଠ ଛାଡ଼ିଥିବା ୧୪ରୁ ୧୮ବର୍ଷ ବୟସ ମଧ୍ୟରେ ୨୧ ଛାତ୍ରୀଛାତ୍ର ନୂତନ କରି ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ସେମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଛି। ଏହି ଅବସରରେ ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଛନ୍ତି। ମୁଖ୍ୟଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଏବଂ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ହାଇସ୍କୁଲ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ମାହୁନ୍ତ, ଶିକ୍ଷୟିତ୍ରୀ ହିମାନୀ ମଲ୍ଲିକ, ଅନ୍ନପୂର୍ଣ୍ଣେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ଦେବବ୍ରତ ଶତପଥୀ, ମାନସ କୁମାର ରାଉତ, ସତ୍ୟ ପାଣିଗ୍ରାହୀ, ସସ୍ମିତା ନାୟକ, ଶିବବ୍ରତ ମିଶ୍ର, ଚନ୍ଦନ ମଲ୍ଲିକ, କେଶବ ସାହୁ, ଧିରେନ ସାହୁ, ପ୍ରଭାକର ମଳିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱର୍ଣ୍ଣ ଧନୁଷ ଯାତ୍ରାକୁ ଭବ୍ୟ ସ୍ୱାଗତ କରିବ ଶ୍ରୀରାମ ମହାଯଜ୍ଞ ସମିତି

ଭଦ୍ରକ,୧୩।୧(ସନାତନ ରାଉତ)

ରାଉରକେଲାର ହନୁମାନ ବାଟିକାରୁ ଅଯୋଧ୍ୟା ଅଭିମୁଖେ ବାହାରି ବାହାରିଥିବା ସ୍ୱର୍ଣ୍ଣ ଧନୁଷ ଯାତ୍ରାକୁ ଭଦ୍ରକରେ ଭବ୍ୟ ସ୍ୱାଗତ କରିବ ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି। ଆସନ୍ତା ୧୫ ତାରିଖରେ ସ୍ୱର୍ଣ୍ଣ ଧନୁଷ ଯାତ୍ରା ଭଦ୍ରକରେ ପହଞ୍ଚିବା ପରେ ମହାଯଜ୍ଞ ସମିତି ପକ୍ଷରୁ ସ୍ୱାଗତ କରାଯିବ ବୋଲି ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଭଦ୍ରକ ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଣୀତାଲରେ ପହଞ୍ଚିବା ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଭଦ୍ରକ ସହରର ଡାହାଣୀଗଡ଼ିଆ ପର୍ଯ୍ୟନ୍ତ ନିଆଯିବ। ସେଠାରୁ କୀର୍ତ୍ତନ ମଣ୍ଡଳୀ, ପାରମ୍ପରିକ ବାଦ୍ୟ, ସାଧୁ ସନ୍ଥ, ମାତୃଶକ୍ତି ଓ ଯୁବ ଛାତ୍ରଙ୍କ ଦ୍ୱାରା ଏକ ପଦଯାତ୍ରାରେ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପ ହୋଇ ପୁଣି କଚେରି ବଜାର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚିବ। ସହରର ବିଭିନ୍ନ ଛକରେ ସ୍ୱାଗତ କରାଯିବ ବୋଲି ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ କହିଛନ୍ତି। ମହାଯଜ୍ଞ ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ଉପସଭାପତି ତ୍ରିଲୋଚନ ନାୟକ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାଶ ଓ ଆଇନଜୀବୀ ତୁଷାରକାନ୍ତ ଦାସ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତିର କର୍ମକର୍ତ୍ତା।

# ଏନ୍‌ଏସି କାର୍ଯ୍ୟାଳୟ ଆଗରେ କାଉନସିଲରଙ୍କ ଅନଶନ



ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ କାଉନସିଲରମାନେ ଅନଶନରେ ବସିଛନ୍ତି।

## ଧାରଣା ଦେଲେ ଉପାଧ୍ୟକ୍ଷ

ଧାମନଗର,୧୩।୧(ଦେବେନ୍ଦ୍ର ଆଦ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍‌ଏସି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପ ଏବଂ ଧାମନଗର ସହରାଞ୍ଚଳର ଉନ୍ନତୀମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ପ୍ରତିବାଦରେ ଅସନ୍ତୁଷ୍ଟ କାଉସିଲରମାନେ ମଙ୍ଗଳବାର ପୂର୍ବାହ୍ନରେ ଅନଶନ କରିଛନ୍ତି। ସେମାନେ ଏନ୍‌ଏସି କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଅନଶନରେ ବସିଥିଲେ। ସେମାନେ ଦର୍ଶାଇଛନ୍ତି ଯେ, ନଗରର ବିକାଶ କାର୍ଯ୍ୟକୁ ଗତିଶୀଳ କରିବା ପରିବର୍ତ୍ତେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ନିଜସ୍ୱ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି। ଫଳରେ ସହରର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏକ ବର୍ଷ ହେବ ଧାମନଗର ସହରର ରାସ୍ତା, ଡ୍ରେନ୍ ଓ ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କିତ ୪୬ଟି ପ୍ରକଳ୍ପର ଟେଣ୍ଡର ପାଇଁ ଅଧ୍ୟକ୍ଷାଙ୍କ ପାଖକୁ ଦସ୍ତଖତ ପାଇଁ ଫାଇଲ ପଠାଯାଇଥିଲା। ଅଧ୍ୟକ୍ଷା ତାହାକୁ ଅନୁମୋଦନ ନ କରି ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଏନ୍‌ଏସି ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ପାଇଁ କାଉନସିଲରମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପ୍ରତିବାଦକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କାଉନସିଲର ଉତ୍ତମ ମହାନ୍ତି, ସ୍ୱାଧୀନ ସମ୍ବିତ୍ ଦାଶ, ଅନୁସୟା ମଲ୍ଲିକ, ଜାନକୀଲତା ସେଠୀ, ଶୁଭାସିନୀ କର, ଏମାତୁନ ଏନ୍ ପ୍ରମୁଖ ଅନଶନରେ ସାମିଲ ଥିଲେ।

ଅପରପକ୍ଷେ ଉପାଧ୍ୟକ୍ଷ ସେକ ନୁରାନି ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେ ନିର୍ବାଚିତ ହୋଇଥିବା ୬ ନଂ. ୱାର୍ଡକୁ ୬ରୁ ୭ ଲକ୍ଷ ଟଙ୍କାର ଗୋଟିଏ ପ୍ରୋଜେକ୍ଟ ଦିଆଯାଇ ଅନ୍ୟ ୱାର୍ଡକୁ ଅଧିକ ପ୍ରୋଜେକ୍ଟ ଦିଆଯିବାକୁ ବିରୋଧ କରି ଧାରଣା ଦେଇଥିଲେ। ରାସ୍ତା, ଡ୍ରେନ୍, ଆଲୋକୀକରଣ ଆଦିକୁ ଇ-ଟେଣ୍ଡର କରିବା ନେଇ ଗତ ୫ ତାରିଖରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହା ନ ହେଲେ ମଙ୍ଗଳବାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ନେଇ ଅବଗତ କରାଇଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କୁ ବସାଇ ଘଟଣା ସମ୍ପର୍କରେ ସମାଧାନ କରିବା ପାଇଁ ନିଷ୍ପତ୍ତି ନେବାକୁ ଉପରିସ୍ଥ ଅଧିକାରୀ କହିଛନ୍ତି।

# ଜୀବିତଙ୍କୁ ମିଳୁନି, ମୃତକଙ୍କୁ ମିଳୁଛି ଭତ୍ତା

ଭଣ୍ଡାରିପୋଖରୀ,୧୩।୧(ରାଜେନ୍ଦ୍ର ଶତପଥୀ)

ବଞ୍ଚିଥିବା ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଭତ୍ତା ପ୍ରଦାନ କରାଯାଇ ନ ଥିବାବେଳେ ମୃତ୍ୟୁର ବର୍ଷେ ପରେ ମଧ୍ୟ ଜଣେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତରେ ଏଭଳି ଘଟଣା ସାମ୍ନାକୁ ଆସିଥିବା ବେଳେ ବଡ଼ବନସ୍ତା ଗ୍ରାମର ଗୌରାଙ୍ଗ ସାହୁ(୯୪)ଙ୍କୁ ପୁଅ ରାଧାକାନ୍ତ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ବଡ଼ବନସ୍ତା ଗ୍ରାମର ଗୌରାଙ୍ଗ ସାହୁ ଜୀବିତ ଥିବାବେଳେ ତାଙ୍କୁ ମୃତ ଦର୍ଶାଇ ଗତ ୩ମାସ ହେବ ଭତ୍ତା ପ୍ରଦାନ କରାଯାଇ ନାହିଁ। ଭତ୍ତା ନ ମିଳିବା କାରଣରୁ ତାଙ୍କ ପୁଅ ରାଧାକାନ୍ତ ଗତ ରବିବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ବୁଝିବା ପରେ ଏହା ଜାଣିବାକୁ ପାଇଥିଲେ। ଏହାକୁ ନେଇ ଅଭିଯୋଗ ସମୟରେ ସେହି ଗ୍ରାମର ୮୦ ବର୍ଷ ବୟସରେ ୨୦୨୪ ନଭେମ୍ବର ୧୪ରେ ମୃତ୍ୟୁ ଘଟିଥିବା ସ୍ୱର୍ଗତ ବଂଶୀଧର ନାୟକଙ୍କ ନାଁରେ ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଇଥିବା ଜଣାପଡ଼ିଥିଲା। ମାସିକ ୩୫୦୦ ଟଙ୍କା ଲେଖାଏ ଭତ୍ତା ରାଶି ବ୍ୟାଙ୍କ ଅଫ୍ ଇଣ୍ଡିଆ ଜମା ଖାତା ମାଧ୍ୟମରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏପରି ଅନେକ ତ୍ରୁଟି ଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏନେଇ ବିଡିଓ ଦେବଦତ୍ତ ଦାସ କହିଛନ୍ତି, ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଗୌରାଙ୍ଗ ସାହୁଙ୍କୁ ତାଙ୍କର ବକେୟା ଭତ୍ତା ପ୍ରଦାନ କରାଯିବା ସହ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏପରି ଘଟଣା ଉପରେ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଅଧିକାର କର୍ମୀ ଶ୍ୟାମସୁନ୍ଦର ସେନାପତି ଦାବି କରିଛନ୍ତି।

REQUIRED
Female Nurses (DMLT)
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ



ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୧୩।୧(କିଷାନ ପାତ୍ର)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ ଚାନ୍ଦବାଲି ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଦୋଳମଣ୍ଡପ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବ୍ରତ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିତା ମିଶ୍ର, ବିଶିଷ୍ଟ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତ୍ରିପୁରା ପଲାଇ, ଇକୋ କ୍ଲବ୍‌ର ଜିଲା ସଂଯୋଜକ ଅନିଲ ମିଶ୍ର, ବରେଣ୍ୟ ଅତିଥି ଅଧିବକ୍ତା ସଂଘର ସଭାପତି ଉପେନ୍ଦ୍ର କୁମାର ରାଉଳ ଏବଂ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାସ ନାୟକ, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ପରିପ୍ରକାଶ ଦିଗରେ ଏହି ଅଭିଯାନ ଫଳପ୍ରଦ ହେବ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତାପସ ତ୍ରିପାଠୀ, ସିଆର୍‌ସିସି ପ୍ରେମରାଣୀ ମୁଦୁଲି, କାମାକ୍ଷା ପ୍ରସାଦ ମହାପାତ୍ର, ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସିଆର୍‌ସିସି ତପନ ସାହୁ ସଭା ସଞ୍ଚାଳନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୬୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନବକିଶୋର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest for engagement as PMC for Construction of different buildings at G.M University, Sambalpur

Advt. No. 121/GMU Date 13.01.2026

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website www.gmuniversity.ac.in for details. The last date of submission of EoI is 12.02.2026.

Sd/-
Registrar

Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest (EoI) for Empanelment of Vendors for Supply of various items/services

Advt. No. 125/GMU Date 13.01.2026

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website www.gmuniversity.ac.in for details. The last date of submission of EoI is 22.01.2026.

Sd/-
Registrar

No. O-2035 GOVERNMENT OF ODISHA eerwbnjr@gmail.com
OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR
NATIONAL COMPETITIVE BIDDING THROUGH e-Procurement
Ltr. No. 114 Identification No. Online Tender/24/RWDBNJ/2025-2026 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: www.tendersodisha.gov.in.
OIPR- Sd./- Executive Engineer, R.W. Division, Bhanjanagar

PARADIP PORT AUTHORITY
Tender No.ENG/CE/1523/NDC3/2024/375 Dt.08.01.2026
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C),
Project Implementation Office, PPA.
PPA/PR/64/2025-2026, dt.12/01/2026

ଚେନ୍ନାଇ (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ ପୁରୁଷ ହେଲ୍‌ପର୍ ପ୍ରାର୍ଥୀ ଆବଶ୍ୟକ। ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ। ଦରମା: ଟ.14,000-15,000/-। ରହିବା ଓ ଖାଇବା ସୁବିଧା ଦିଆଯିବ।
ଷ୍ଟୋନ୍ ଆର୍ଟ ପ୍ରା. ଲିଃ, ଚେନ୍ନାଇ
ଯୋଗାଯୋଗ: 8090890945, 8015654079

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. eT-M-BG-PURI-42-2026
କାର୍ଯ୍ୟର ନାମ : 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
ଟେଣ୍ଡର ମୂଲ୍ୟ : ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.01.2026 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 Date: 09.01.26
2nd Corrigendum Notice
2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.
OIPR: Sd./- Chief Construction Engineer, Rural Works Circle, Kendrapara-Jajpur

ଦ.ପୂ. ରେଳପଥ – ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ ନିମନ୍ତେ ୦୫ (ପାଞ୍ଚ) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬। କାର୍ଯ୍ୟର ବର୍ଣ୍ଣନା: ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା। ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬। କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬। କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬। କାର୍ଯ୍ୟର ବର୍ଣ୍ଣନା: ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭। କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬। କାର୍ଯ୍ୟର ବର୍ଣ୍ଣନା: ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦। ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୧୦।୦୨।୨୦୨୬ରିଖ ୧୫.୦୦ ଘଟିକା (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ www.ireps.gov.in ରେ ଦେଖାଯାଇପାରିବ। (PR-1054)

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ : ₹ 84,56,508/-, EMD : ₹1,69,100/-, ଶେଷ ହେବା ଅବଧି : 08 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.01.2026ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬
ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡ଼ିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରନ୍ତୁ।
ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ
ରାଇରଙ୍ଗପୁର ବନଖଣ୍ଡ

See Career Appointment on every Wednesday & Saturday

# ୧୦୦ ଦିନିଆ ବାଲ୍ୟବିବାହ ନିବାରଣ ଅଭିଯାନ

ବାରିପଦା,୧୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ଅଙ୍ଗନୱାଡ଼ିରେ ଶିଶୁଙ୍କୁ ୨୧ଟି ଜନଜାତୀୟ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଆମେ ପଢ଼ିବା ଆମ ଭାଷାରେ ଯୋଜନାକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାଲ୍ୟ ବିବାହ ନିବାରଣ ପାଇଁ ରାଜ୍ୟ ବ୍ୟାପୀ ୧୦୦ ଦିନିଆ ଅଭିଯାନ ଓ କିଶୋରୀ ଗର୍ଭଧାରଣ ରୋକିବା ପଦକ୍ଷେପକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକାରିତା ପାଇଁ ମୟୂରଭଞ୍ଜ ଜିଲାକୁ ପାଇଲଟ ଜିଲା ଭାବେ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଓସ୍ୱାନ ହଲଠାରେ ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ନିଆଯାଇଥିବା ଅଭିଯାନରେ ସମୁଦାୟ, ଯୁବ ନେତୃତ୍ୱ, ଆଶା, ଅଙ୍ଗନୱାଡି କର୍ମୀ ଓ ସଂସ୍ଥାଗତ ମଞ୍ଚଗୁଡ଼ିକର ସକ୍ରିୟ ସମ୍ପୃକ୍ତି ମାଧ୍ୟମରେ କନ୍ୟା ଶିକ୍ଷା, ସଚେତନତା ଓ ସୁରକ୍ଷାକୁ ମଜବୁତ କରାଯିବ। ସାଇକେଲ ରାଲି, ଯୁବ ସମ୍ମିଳନୀ, ମାନବଶୃଙ୍ଖଳ, ସ୍କୁଲ-କଲେଜ ଭିତ୍ତିକ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ଡିଜିଟାଲ ସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ସଫଳ କରାଇବା ଉପରେ ଉପ-ମୁଖ୍ୟମନ୍ତ୍ରୀ ଗୁରତ୍ୱ ଦେଇଥିବା ସମ୍ପର୍କରେ ଜିଲାପାଳ ମତବ୍ୟକ୍ତ କରିଛନ୍ତି। ଏହାସହ ଜିଲାରେ ୟୁନିସେଫ୍ ସହଯୋଗରେ କିଶୋରୀ ମାଆ ସହାୟତା ଓ କିଶୋରୀ ଗର୍ଭଧାରଣ ରୋକିବା ପାଇଁ ପାଇଲଟ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସାମାଜିକ ସୁରକ୍ଷା, ପୁନଃ ଶିକ୍ଷା ଓ କୌଶଳ ମାର୍ଗ ସହ ସମନ୍ୱିତ ସହାୟତା ପ୍ରଦାନ କରାଯିବ। ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟସ୍ତରୀୟ ମଡେଲ ଭାବେ କାମ କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପ୍ରଥମରେ ସମସ୍ତ ପ୍ରକାର ସାଧନକୁ ଉପଯୋଗ କରି ବାଲ୍ୟ ବିବାହକୁ ରୋକିବା ସହ କିଶୋରୀ ଗର୍ଭଧାରଣକୁ ରୋକିବା ଦିଗରେ ପଦକ୍ଷେପ ନେବା। ଦ୍ୱିତୀୟରେ ଯଦି କୌଣସି କାରଣରୁ କିଶୋରୀ ଗର୍ଭଧାରଣ ପରିସ୍ଥିତି ଉପୁଜିଛି, ତାଙ୍କୁ ସବୁ ପ୍ରକାର ପରାମର୍ଶ, ସହାୟତା ଯୋଗାଇ ସଶକ୍ତ କରିବା। ତେଣୁ ଜିଲାରେ ଏହି ଅଭିଯାନକୁ ସଫଳ କରିବା ପାଇଁ ନିଜ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସୁରକ୍ଷା ଓ କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ମିଶନ ଶକ୍ତି ଡିପିଏମ ନିରଞ୍ଜନ ପଣ୍ଡା, ଡିପିସି ପ୍ରଦ୍ୟୁମ୍ନ ଘୋଷ ସମେତ ୟୁନିସେଫର ନେହା ସିଂ ଓ ଘାସିରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବୋଲେରୋ ଧକ୍କାରେ ଯୁବକ ମୃତ, ୨ ଗୁରୁତର

କରଞ୍ଜିଆ, ୧୩।୧(କବିତା ମହାନ୍ତ):

ମୟୂରଭଞ୍ଜ ଜିଲା କରଞ୍ଜିଆରେ ସୋମବାର ରାତିରେ ଏକ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ସେହିପରି ଉକ୍ତ ବୋଲେରୋ ଧକ୍କାରେ ୨ଟି ବଳଦଙ୍କର ମଧ୍ୟ ଜୀବନ ଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ୭ଟା ୩୦ ବେଳେ କରଞ୍ଜିଆ ଏନ୍‌ଏସି ଅଧୀନ ସରୁବାଲି ପୋଖରୀ ନିକଟରେ ବୋଲେରୋଟି ପ୍ରଥମେ ଗୋଟିଏ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ କରଞ୍ଜିଆ ନୂଆସାହିର ରୂପକ ନାଏକ(୨୮)ଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଆରୋହୀ କରଡ଼ିଆ ନିବାସୀ ବାସୁଦେବ ବାରିକ ଗୁରୁତର ହୋଇଥିଲେ। ପରେ ବୋଲେରୋଟି ରାସ୍ତାରେ ଚାଲି ଚାଲି ଯାଉଥିବା ସୁରୁବାଲିର ଦୁର୍ଗା ଦାସ ନାମକ ବୃଦ୍ଧଙ୍କ ସହ ୨ଟି ବଦଳଙ୍କୁ ଧକ୍କା ଦେଇଥିଲା। ଦୁର୍ଗା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇ ଗୁରୁତରଙ୍କୁ ପ୍ରଥମେ କରଞ୍ଜିଆ ଡାକ୍ତରଖାନା ନେଇଥିଲେ। ପରେ ସେମାନଙ୍କୁ କେନ୍ଦୁଝର ଡାକ୍ତରଖାନା ଏବଂ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ନେତାଜୀ ଛକଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। କରଞ୍ଜିଆ ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକ ଓ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି।

# ଡ୍ରଗ୍‌ସ ସଚେତନତା, ସୁସ୍ଥତା ମାର୍ଗଦର୍ଶନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଭି. ସୁଜାତା ଓ ଅନ୍ୟମାନେ।

ରାଇରଙ୍ଗପୁର, ୧୩।୧(ମାନସ ମହାନ୍ତି):

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସିଭିଲ କୋର୍ଟ ପରିସରରେ ରାଇରଙ୍ଗପୁର ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ଭି. ସୁଜାତାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ଅବସରରେ ଡ୍ରଗସ୍ ସଚେତନତା ଏବଂ ସୁସ୍ଥତା ମାର୍ଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଭିଲ କୋର୍ଟ ବିଚାର ସିଭିଲ ଜଜ୍ ଆଲୋକ ପଣ୍ଡା ଏବଂ ସବ୍‌ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ (ଏସ୍‌ଡିଜେଏମ୍) ମନିନ୍ଦ୍ର ଭୂଷଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଦେଶର ଡ୍ରଗ୍‌ସ ବ୍ୟବହାରଜନିତ ଯୁବସମାଜ କିଭଳି ନିଜର ଜୀବନ ପ୍ରତି ବିପଦ ଦେଖାଯିବ ଏବଂ ନିଶା ଦ୍ରବ୍ୟରୁ ଦୂରେଇ ରହିବା ସହ ସୁସ୍ଥତା ମାର୍ଗଦର୍ଶନ ଉପରେ ମତ ପ୍ରକାଶ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସ୍ଥାନୀୟ ସହରାଞ୍ଚଳର ବିଭିନ୍ନ ରାସ୍ତା ଛକରେ ସଚେତନତା ରାଲି ପ୍ରଦର୍ଶନ କରାଯାଇଥିଲା। ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସମେତ ଆସୋସିଏଶନ ସଦସ୍ୟ ସିଭିଲ କୋର୍ଟର ବିଭିନ୍ନ ପଦାଧିକାରୀ କର୍ମଚାରୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଛାତ୍ରମାନେ ଯୋଗଦେଇଥିଲେ।

# ବନ୍ଦେ ମାତରମ୍ ଉତ୍ସବ, ଜାତୀୟ ଯୁବ ଦିବସ



ଛାତ୍ରୀଛାତ୍ରମାନେ ଶପଥପାଠ କରୁଛନ୍ତି।

ବୈଶିଙ୍ଗା,୧୩।୧(ରତନ ଦାଶ):

ମୟୂରଭଞ୍ଜ ଜିଲା ବୈଶିଙ୍ଗା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଏନ୍‌ଏସ୍‌ଏସ୍ ଓ ରେଡ୍‌କ୍ରସର ମିଳିତ ଉଦ୍ୟମରେ ବନ୍ଦେ ମାତରମ୍ ଉତ୍ସବ ଓ ଜାତୀୟ ଯୁବ ଦିବସ(ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ) ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବାରିକ ଯୋଗଦେଇ କଲେଜର ଯୁବ ଶିକ୍ଷାର୍ଥୀମାନେ ଭବିଷ୍ୟତରେ କିପରି ସୁନାଗରିକ ହେବେ, ସେ ବିଷୟରେ ଆଲୋକପାତ କରିବା ସହ ଜାତି ଗଠନରେ ଯୁବ ସମାଜର ଭୂମିକା ବିଷୟରେ କହିଥିଲେ। ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରା ବନ୍ଦେ ମାତରମ୍‌ର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ବୁଝାଇ ଦେଶର ଏକତା, ଅଖଣ୍ଡତା ବଜାୟ ରଖିବାକୁ ଯୁବ ସମାଜକୁ ବାର୍ତ୍ତା ଦେବା ସହ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ରେଡ୍‌କ୍ରସ ଅଧିକାରୀ ତଥା ଅଧ୍ୟାପକ ମହେନ୍ଦ୍ର କୁମାର କର ସଭା ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଜିତେନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ମକର ଉତ୍ସବକୁ ନେଇ ରାଇରଙ୍ଗପୁର ଉତ୍ସବମୁଖର

ରାଇରଙ୍ଗପୁର, ୧୩।୧(ମାନସ ମହାନ୍ତି):

ପ୍ରସିଦ୍ଧ ଗଣପର୍ବ ମକର ଲାଗି ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ଏବଂ ବିଭିନ୍ନ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇପଡିଛି। ମହାନ୍ତ ସମ୍ପ୍ରଦାୟ ସମେତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦୂରଦୂରାନ୍ତରେ ରହୁଥିବା ପରିବାର ଲୋକେ ଓ ସମ୍ପର୍କୀୟମାନେ ଘରକୁ ଫେରିଛନ୍ତି। ନୂତନ ବସ୍ତ୍ର କିଣିବା ଲାଗି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଆଦିବାସୀ ସମ୍ପ୍ରଦାୟର ଲୋକେ ଗୁଡ଼, ଘିଅ, ତେଲ ଓ ଅରୁଆ ଚାଉଳ ମିଶ୍ରିତ ଗୁଡ ପିଠା, ଆରିସା ପିଠା, ମାଂସ ପିଠା ପ୍ରସ୍ତୁତ କରିଥାନ୍ତି। ପିଲାମାନେ ଘରକୁ ଘର ବୁଲି ପିଠା, ମିଠା ଖାଇ ଖୁସ ମନାଇଥାନ୍ତି।

# ଜାତୀୟ ସ୍ତରରେ ରୋହିତଙ୍କ ସଫଳତା

ବାରିପଦା, ୧୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ):

କଠୋର ପରିଶ୍ରମ ଓ ଦୃଢ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି ବୋଲି ପ୍ରମାଣ କରିଛନ୍ତି ବାରିପଦା ବ୍ଲକ ଅଧୀନ କୈଳାଶ ଚନ୍ଦ୍ରପୁର ଗ୍ରାମନିବାସୀ ଲୁସ ମାର୍ଣ୍ଡି ଓ ଚୁମକି ମାର୍ଣ୍ଡିଙ୍କ ପୁଅ ରୋହିତ। ସାଧାରଣ ଚାଷୀ ପରିବାରର ରୋହିତ ଗାଁ ସ୍କୁଲରେ ପଢୁଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପର୍ବପର୍ବାଣୀରେ ଆୟୋଜିତ ତୀରନ୍ଦାଜ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ। ପ୍ରତିଭାର ବିକାଶ ପାଇଁ ବାରିପଦାର ତକତପୁରସ୍ଥିତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ନିଜ ହଷ୍ଟେଲରେ ରଖି ନିକଟସ୍ଥ ୟୁଜି ପ୍ରାକ୍ଟିସିଂ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ନାମ ଲେଖାଇଥିଲେ । ଏକାଡେମୀର କୋଚ ତରଣୀସେନ ନାୟକ ଓ ଫୁଲମଣୀ ପାଲ୍ୟୋଙ୍କଠାରୁ ପ୍ରଶିକ୍ଷଣ ପାଇ ଚଳିତବର୍ଷ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍କୁଲ ଆର୍ଚେରୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ରାଞ୍ଚିଠାରେ ଅନୁଷ୍ଠିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ୍ ତୀରନ୍ଦାଜ ପ୍ରତିଯୋଗିତାରେ ଓଡିଶା ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟପଦକ ହାସଲ କରି ନିଜ ଜିଲା ତଥା ରାଜ୍ୟ ପାଇଁ ସୁନାମ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଖବରପାଇ ଜିଲାପାଳ ହେମକାନ୍ତ ସୟ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, ଉଭୟ କୋଚ ତଥା ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର ରୋହିତଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶ ଥାଉକି, ଏହି ଏକାଡେମୀ ବହୁ ଗରିବ ଛାତ୍ରୀଛାତ୍ରଙ୍କୁ ନିଜ ପ୍ରଚେଷ୍ଟାରେ ପାଠ ପଢେଇବା ସହ ତାଙ୍କ ଭିତରେ ଥିବା ପ୍ରତିଭାର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି।



ରୋହିତ

**REQUIRED**
**Female Nurses (DMLT)**
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଉଦଳା,୧୩।୧(ସନ୍ତୋଷ କୁମାର ବାଛିନି):

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ନୁଦଡିହା ଗ୍ରାମରେ ଘର ଭିତରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ମହିଳା ହେଲେ ଗ୍ରାମର ରାନୁ ପ୍ରଧାନ । ତଳିଆ ଗ୍ରାମର ରାନୁ ନୁଦଡ଼ିହା ଗ୍ରାମର ଶାନ୍ତନୁ ଲେଙ୍କାଙ୍କୁ ପ୍ରେମ ବିବାହ କରିଥିଲେ। ପ୍ରେମ ବିବାହ ପରେ ଉଭୟ ଆସି ରାନୁଙ୍କ ପୈତୃକ ଘର ପାଖରେ ରହୁଥିଲେ। ସ୍ତ୍ରୀକୁ ଛାଡି ଶାନ୍ତନୁ ରାଜସ୍ଥାନରେ ରହି କାମ କରନ୍ତି। ମଙ୍ଗଳବାର ସକାଳୁ ରାନୁଙ୍କ ମା' ଡାକିଥିଲେ। ଝିଅ କବାଟ ଭିତରୁ ବନ୍ଦ କରି ଖୋଲି ନ ଥିଲେ। ମା' ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ କବାଟ ଭାଙ୍ଗିବା ପରେ ଘର ଭିତରେ ରାନୁଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଉଦଳା ମେଡିକାଲ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ରାନୁ ଏଭଳି ଚରମ ନିଷ୍ପତ୍ତି ନେଲେ ତାହାର ଖୋଳତାଡ଼ କରୁଛି ପୋଲିସ। ମୃତକ ନୁଦଡିହା କଲେଜର ଯୁକ୍ତ ୩ ବିଭାଗର ଛାତ୍ରୀ ଥିବା ବେଳେ ଗତକାଲି ଆୟୋଜିତ କଲେଜର ବାର୍ଷିକ ଉତ୍ସବରେ ସେ ଭାଗ ମଧ୍ୟ ନେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କରଞ୍ଜିଆ,୧୩।୧(କବିତା ମହାନ୍ତ):

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ବାଟପଲସା ପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ହେମଲତା ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ଅତିରିକ୍ତ ଉପ ଜିଲାପାଳ ପ୍ରକାଶ ଦାସ, ମୁଖ୍ୟ ବକ୍ତାଭାବେ ଯୋଗଗୁରୁ ଡା. ଧୀରେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ସମାଜିକର୍ମୀ, ରାଜନୈତିକ ସଂଗଠକ ଅଂଶୁମାନ ସବୁଜ ମହାନ୍ତ ବର୍ମା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମେ ଭାରତ ମାତା, ବାଗଦେବୀ ସରସ୍ୱତୀଙ୍କ ବନ୍ଦନା କରାଯାଇ ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଆବାହନୀ ସଙ୍ଗୀତ ପରିବେଷଣ ପରେ ପରିଚାଳନା କମିଟିର ସମ୍ପାଦକ ଶଶାଙ୍କ ଶେଖର ମହାନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ପୂର୍ବତନ ସଭାପତି ଅଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

**Gangadhar Meher University,**
**Amruta Vihar, Sambalpur, Odisha-768001**
**Invitation of Expression of Interest for engagement as PMC for Construction of different buildings at G.M University, Sambalpur**

**Advt. No. 121/GMU** **Date 13.01.2026**

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website **www.gmuniversity.ac.in** for details. The last date of submission of EoI is 12.02.2026.

Sd/-
**Registrar**

**Gangadhar Meher University,**
**Amruta Vihar, Sambalpur, Odisha-768001**
Invitation of Expression of Interest (EoI) for Empanelment of Vendors for Supply of various items/services

**Advt. No. 125/GMU** **Date 13.01.2026**

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website **www.gmuniversity.ac.in** for details. The last date of submission of EoI is 22.01.2026.

Sd/-
Registrar

No. O-2035 **GOVERNMENT OF ODISHA** eerwbnjr@gmail.com
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
**NATIONAL COMPETITIVE BIDDING THROUGH e-Procurement**
Ltr. No. 114 Identification No. Online Tender/24/RWDBNJ/2025-2026 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: **www.tendersodisha.gov.in**.
OIPR- **Sd./- Executive Engineer, R.W. Division, Bhanjanagar**

**PARADIP PORT AUTHORITY**
Tender No.ENG/CE/1523/NDC3/2024/375 Dt.08.01.2026
**DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS**
**INVITATION OF REQUEST FOR QUALIFICATION (RFQ)**
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C), Project Implementation Office, PPA.
PPA/PR/64/2025-2026, dt.12/01/2026

**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ । ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ । ଦରମା: **ଟ.14,000-15,000/-** । ରହିବା ଓ ଖାଇବା ସୁବିଧା ଦିଆଯିବ ।
**ଷ୍ଟୋନ୍ ଆର୍ଟ ପ୍ରା. ଲି଼, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 Date: 09.01.26
**2nd Corrigendum Notice**
**2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.**
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.
OIPR: **Sd./- Chief Construction Engineer, Rural Works Circle, Kendrapara-Jajpur**

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆରଏମ୍ (ଇଏନଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ **ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ** ନିମନ୍ତେ **୦୫ (ପାଞ୍ଚ)** ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬ । କାର୍ଯ୍ୟର ବର୍ଣ୍ଣନା:** ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା । **ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮।** **କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ ।** **କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ ।** **କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬ । କାର୍ଯ୍ୟର ବର୍ଣ୍ଣନା:** ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭ ।** **କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬ । କାର୍ଯ୍ୟର ବର୍ଣ୍ଣନା:** ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ । **ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦ ।** ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି **ତା୧୦।୦୨।୨୦୨୬ରିଖ ୧୫.୦୦ ଘଟିକା** (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ) । ଉପରୋକ୍ତ ଇ-ଟେଣ୍ଡରର ବିବରଣୀ **www.ireps.gov.in** ରେ ଦେଖାଯାଇପାରିବ । **(PR-1054)**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. **eT-M-BG-PURI-42-2026**
**କାର୍ଯ୍ୟର ନାମ :** 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ **BG** କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ **SS-I** ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
**ଟେଣ୍ଡର ମୂଲ୍ୟ :** ₹ **3,13,52,431.78**, EMD : ₹ **3,06,800/-**, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ **11,800/-**, କାର୍ଯ୍ୟ ଶେଷ ହେବା ଅବଧି : **48** ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.29.01.2026 ରିଖ 1530 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. **58-SBP-TRD-OT-2025-26**, ତା.07.01.2026ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ **OHE** ର ନିର୍ଭରଯୋଗ୍ୟତା (**Reliability**) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (**Climbing**) ଡିଭାଇସ୍ ର ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ :** ₹ **84,56,508/-**, EMD : ₹ **1,69,100/-**, ଶେଷ ହେବା ଅବଧି : **08** ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.29.01.2026ରିଖ 1530 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

**ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬**
ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।
**ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ**
**ରାଇରଙ୍ଗପୁର ବନଖଣ୍ଡ**

See Career Appointment on every **Wednesday & Saturday**


# ଧାନ କ୍ରୟ ଅବଧି ବୃଦ୍ଧି ଦାବି

## ଏଫ୍‌ଏକ୍ୟୁ ମାନର ଧାନ ନ ଆଣିଲେ ଫେରସ୍ତ କରାଯିବ: ସମବାୟ କର୍ମଚାରୀ ସଂଘ

ଧାମନଗର,୧୩।୧ (ଦେବେନ୍ଦ୍ର ଆଦ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଜାନୁଆରୀ ମାସ ଅଧା ହେଲାଣି, ଏଯାଏ ଧାନ କ୍ରୟ ହୋଇପାରି ନାହିଁ ଯେଉଁ ଚାଷୀ ସମିତିରେ ଧାନ ଦେବାକୁ ମେସେଜ ମାଧ୍ୟମରେ ଟୋକନ ପାଇଥିଲେ ତାହାର ଅବଧି ଗଡ଼ିଗଲିଛି। ସରକାର ଆର୍‌ଏମ୍‌ସି ଓ ସମବାୟ ସମିତିର ମିଳିତ ବୈଠକରେ ୨୦୨୫-୨୬ ବର୍ଷରେ ଏଫ୍‌ଏକ୍ୟୁ ମାନର ଧାନ କ୍ରୟ ପାଇଁ ନିଷ୍ପତ୍ତି ନେଇ ଚାଷୀ ଓ ସର୍ବସାଧାରଣରେ ଜଣାଯାଇଛି। ଚାଷୀ ସମିତିରେ ଧାନ ଦେବା ପାଇଁ ଗତ ୫ ତାରିଖରୁ ମେସେଜ ମାଧ୍ୟମରେ ଟୋକନ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଧାନକ୍ରୟ ହୋଇପାରି ନାହିଁ। ଟୋକନ ଅବଧି ଗଡ଼ି ଯାଉଥିବାରୁ ଧାନ କ୍ରୟ ଅବଧି ବୃଦ୍ଧି କରିବାକୁ ବାଲେଶ୍ୱର-ଭଦ୍ରକ ସମବାୟ କର୍ମଚାରୀ ସଂଘ ଧାମନଗର ଶାଖାର ସମସ୍ତ ସମିତିର ସମ୍ପାଦକ ମଙ୍ଗଳବାର ଖବରଦାତା ସମ୍ମିଳନୀ ମାଧ୍ୟମରେ ଜିଲ୍ଲା ଯୋଗାଣ ବିଭାଗ ସହ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଚାଷୀମାନେ ସମିତିକୁ ଏଫ୍‌ଏକ୍ୟୁ ମାନର ଧାନ ବିକ୍ରୟ ପାଇଁ ଆଣିବାକୁ ସେମାନେ ନିବେଦନ କରିଛନ୍ତି। ବାଲେଶ୍ୱର-ଭଦ୍ରକ ସମବାୟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ରଙ୍କ ପୌରୋହିତ୍ୟରେ ବିବିସିସି ବ୍ୟାଙ୍କ ଧାମନଗର ଶାଖା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଫ୍‌ଏକ୍ୟୁ ମାନର ଧାନ ନିର୍ଦ୍ଧାରଣ ପାଇଁ ୨ଟି ସମିତି ବଦଳରେ ପ୍ରତି ସମିତିକୁ ଜଣେ ଟେକ୍ନିସିଆନ ଯୋଗାଇବା, ପର୍ଚେଜ ସାର୍ଟିଫିକେଟରେ ମିଲର, ସମ୍ପାଦକ, ଧାନକ୍ରୟ କମିଟି ଓ ଚାଷୀଙ୍କ ଦସ୍ତଖତ ରହିବା ସହ ମିଲରଙ୍କ ପକ୍ଷରୁ କ୍ରୟ ତାରିଖର ୭ ଦିନ ପୂର୍ବରୁ ଅଖାବସ୍ତା ଯୋଗାଇବାକୁ ସଂଘ ଜିଲ୍ଲା ପ୍ରଶାସନ ନିକଟରେ ଦାବି ରଖିଛି। ଧାନ କ୍ରୟ ବାରିରେ ମିଲର, ମଣ୍ଡି ନୋଡାଲ ଅଧିକାରୀ, ସୁପରଭାଇଜର ଅଫିସର ଓ ସମିତିସ୍ତରୀୟ ଧାନକ୍ରୟ କମିଟି ଉପସ୍ଥିତ ରହିବା, ଟୋକନ ଆସି ନ ଥିବା ପଞ୍ଜୀକୃତ ଚାଷୀଙ୍କ ଟୋକନ ଇସ୍ୟୁ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଚାଷୀ ଏଫ୍‌ଏକ୍ୟୁ ମାନର ଧାନ ସମିତିକୁ ନ ଆଣିଲେ କ୍ରୟ ନ କରି ଫେରସ୍ତ କରାଯିବ ବୋଲି ଧାମନଗର ବ୍ଲକ ଅଧୀନ ସମସ୍ତ ସମିତିର ସମ୍ପାଦକ ସୂଚନା ଦେଇଛନ୍ତି। ସଂଘର ଧାମନଗର ଶାଖା ସଭାପତି ପ୍ରକାଶ ଚନ୍ଦ୍ର ରାଉତ, ସମ୍ପାଦକ ରାମଚନ୍ଦ୍ର କରଙ୍କ ସମେତ ସ୍ୱାଗତିକା ରାଉତ, ଜ୍ୟୋତି ଶଙ୍କର ଦାଶ, ସୁବାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ଦାସ, ଅକ୍ଷୟ କୁମାର ବେହେରା, ବସନ୍ତରାଜ ସାହୁ ପ୍ରମୁଖ ବିଭିନ୍ନ ସମିତି ସମ୍ପାଦକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# 'ସମାଜ ପ୍ରତି ଉତ୍ସର୍ଗୀକୃତ ହୁଅନ୍ତୁ ଛାତ୍ରୀଛାତ୍ର'



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସବ୍‌ରେଜିଷ୍ଟ୍ରାର ମାଧୁରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର,୧୩।୧(କାଳିପଦ ରାୟ): ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ନରେନ୍ଦ୍ରପୁରଠାରେ ରବର୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କରୁଣାକର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସଚିବ ମହେନ୍ଦ୍ର ପ୍ରସାଦ ଧନୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବିଷ୍ଣୁମୋହନ ନାୟକ, ସୁଦର୍ଶନ ଅଗସ୍ତି, ସରପଞ୍ଚ ନିରୂପମା ନାୟକ, ସିଆର୍‌ସିସି ପ୍ରିୟବ୍ରତ ବେହେରା, ଏନ୍‌ଆର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୈଳେନ୍ଦ୍ର ନାରାୟଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଶିକ୍ଷା ଲାଭ କରି ଗାଁ, ମାଟି ଓ ଦେଶମାତୃକାର ସେବା କରିବା ସହ ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବାଲିଖଣ୍ଡ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ପାଣିଗ୍ରାହୀ, ପୁରାତନ ଛାତ୍ରୀ ତଥା ସୋର ସବ୍‌ରେଜିଷ୍ଟ୍ରାର ମାଧୁରୀ ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପ୍ରସାଦ ଧନୀ, ଅଟଳ ବିହାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରବିନାରାୟଣ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମେଶ ଚଇନି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବସନ୍ତ କୁମାର ଖିଲାର ବାର୍ଷିକ ବିବରଣୀ ପାଠ କରିଥିଲେ। ଉମାକାନ୍ତ ସେନାପତି ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବନ୍ଧୁମିଳନ ଉତ୍ସବ

ଭଦ୍ରକ, ୧୩।୧(ରବିନାରାୟଣ ଖିଲାର)

ଭଦ୍ରକର ବାଗୁରାଇ ଡଗମୁଣ୍ଡସ୍ଥିତ ସାନ୍‌ଭି କଲ୍ୟାଣ ମଣ୍ଡପଠାରେ ରବିବାର ଭଦ୍ରକ ମହାବିଦ୍ୟାଳୟର ଯୁକ୍ତ ୨ ଓ ୩ ପ୍ରଥମ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ତପନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଉପସଭାପତି ଜ୍ଞାନେନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, କଂଗ୍ରେସ ନେତା ଅସିତ ପଟ୍ଟନାୟକ, ରାଜ୍ୟ ସଚିବାଳୟର ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ନାୟକ, ଶ୍ରୀକାନ୍ତ ସାହୁ, ଦିଲୀପ ମିଶ୍ର ଜୀବନ ରାଉତ, ପୋଲିସ ଅଫିସର ସୁବାସ ମଲ୍ଲିକ, ମିନୁ ଶର୍ମା, ଟିକୁ ମହାପାତ୍ର, ଅକ୍ଷୟ ଦାସ, ପଦ୍ମନାଭ ଜେନା, ଅନିଲ ନାୟକ, ଡା. ପ୍ରଦୀପ ରାୟ, ଅଧ୍ୟାପକ ସମର ନାୟକ, ଶରତ ମିଶ୍ର, ଶିକ୍ଷକ ରତିକାନ୍ତ ବେହେରା, ଆଇନଜୀବୀ ତାହେର ମହମ୍ମଦ, ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପିଏମ୍‌ଶ୍ରୀ ଉତ୍ସବରେ ୨୦ ଷ୍ଟଲ୍ ପ୍ରଦର୍ଶିତ




ପିଏମ୍‌ଶ୍ରୀ ଉତ୍ସବରେ ଉପସ୍ଥିତ ଅତିଥି।

ଧାମନଗର,୧୩।୧(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ ଓ ଦୋକାନ ଯାତ୍ରା ୩ ବିଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୦ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଆକାଂକ୍ଷୀ ମେଳାରେ ଭିଜନ ଓଡ଼ିଶା-୨୦୩୬, ସୃଜନଶୀଳ ଲିଖନ, ନାଟ୍ୟାଭିନୟ, ସବୁଜ ଓଡ଼ିଶା, ଆକାଂକ୍ଷୀ ଛାତ୍ର ପରିଷଦରେ ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳି, କ୍ରୀଡ଼ାଙ୍ଗନା ଆଦି ପ୍ରଦର୍ଶିତ ହୋଇ ୩୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ସମୀର କୁମାର ଗୋସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବିଡିଓ ବନବିହାରୀ ଦିନ୍ଦା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ସାହୁ, ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ମହେଶ୍ୱର ସ୍ୱାଇଁ, ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଭାସ୍କର ଦାସ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ନୋଡାଲ ଅଫିସର ପ୍ରିୟଦର୍ଶୀ କୁଅଁର, ଜାଗୁଲାଇ ନୋଡାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ଧାମନଗର ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଲିପିକା ମହାନ୍ତି, ପୂର୍ଣ୍ଣିମା ଲେଙ୍କା, ଶୁଭମ ମଲିକ, ପ୍ରମୋଦ ଦାସ, ସନାତନ ସାହୁ, ଅଭିମନ୍ୟୁ ଶଙ୍ଖୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


यूनियन बैंक ऑफ इंडिया Union Bank of India
ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଢେଙ୍କାନାଳ ମୁଖ୍ୟ ଶାଖା
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଶିବିରରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖୁଛନ୍ତି।

ଭଦ୍ରକ,୧୩।୧(ସନାତନ ରାଉତ): ଭଦ୍ରକ ମହିଳା ମହାବିଦ୍ୟାଳୟରେ ଗତ ୨ ତାରିଖରୁ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଡ. ଶୁଭଶ୍ରୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ଯତୀନ କୁମାର ମହାକୁଡ଼, ମୁଖ୍ୟବକ୍ତା ଡ. ଅଭୟ କୁମାର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଡ. ସଙ୍ଗୀତା ମହାନ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ୨୭୦ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ପ୍ରଶିକ୍ଷିକା ହିମାସ୍ନି ସ୍ୱାଇଁ ବିଭିନ୍ନ ପ୍ରକାର କୌଶଳ ଶିଖାଇଥିଲେ। ଏହି ଅବସରରେ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସହସଂଯୋଜିକା ଅଧ୍ୟାପିକା ଇପ୍ସିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ମଞ୍ଚରେ ଉପସ୍ଥିତ ଅତିଥିମାନେ।

କାଳିପଦା,୧୩।୧(ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସ୍ଥାୟୀ ସଭାପତି ପ୍ରମଥ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ମୁଖ୍ୟବକ୍ତା ଅଧ୍ୟାପକ କେଦାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ବିଦ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ବେହେରା, ଉପସଭାପତି ବିଜୟ କୁମାର ପାଢ଼ି, ପାଲା ଗାୟକ ମହେଶ୍ୱର ଘଡାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ସୁଧାସିନ୍ଧୁ ସାହୁ, ନାରାୟଣ ପାଣିଗ୍ରାହୀ, କାଶୀନାଥ ବେହେରା, କୀର୍ତ୍ତନ ସାହୁ, ନଳିନୀକାନ୍ତ ପାଢ଼ି, ନୀଳାମ୍ବର ପାଢିଙ୍କ ସମେତ ଅନ୍ୟ ୩୦ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଗତ ଦିନରେ ବିଦ୍ୟାଳୟର ଗୌରବ ବଢ଼ାଇଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଗୁରୁଜୀ ଗଦାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଇରା ଆଦର୍ଶ ଶିକ୍ଷା ମନ୍ଦିରରେ ବିଜ୍ଞାନ ମେଳା

ଖଇରା,୧୩।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରାସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିର ପରିସରରେ ବିଜ୍ଞାନ ମେଳା-୨୦୨୬ ମଙ୍ଗଳବାର ଦିବସବ୍ୟାପି ଅନୁଷ୍ଠିତ ହୋଇଯାଇଛି। ବାରିପଦା ଏମ୍‌ପିସି ମହାବିଦ୍ୟାଳୟ ଅଧ୍ୟାପକ ତପନ କୁମାର ପଣ୍ଡା ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୭୩ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପଳାସପୁର ହାଇସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ପୀତାମ୍ବର ପତି ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରଧାନ ଶିକ୍ଷକ ମଣିକିଙ୍କର ଜେନା ଏହାକୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରହ୍ଲାଦ ରାୟ, ତପନ କୁମାର ବିଶ୍ୱାଳ, ସହକାରୀ ଶିକ୍ଷୟିତ୍ରୀ ନିର୍ମଳା ମହାନ୍ତି, ବିଚିତ୍ରା ଦାସ, ବାସନ୍ତୀ ସାହୁ, ରଶ୍ମିତା ମିଶ୍ର, ଶୁଭଶ୍ରୀ ରାଉତ, ଅନୁଶ୍ରୀ ବିଶ୍ୱାଳ, ବିଦ୍ୟୁତପ୍ରଭା ହାତୀ, ପ୍ରୀତିଲତା ପାଣିଗ୍ରାହୀ, ଅଙ୍କିତା ଭୂୟାଁ ସହଯୋଗ କରିଥିଲେ। ଆସନ୍ତା ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।


यूनियन बैंक ऑफ इंडिया Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ, ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲିଃ., ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା, ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, ୨) ଶ୍ରୀମତୀ ଉର୍ମିଳା ପରିଡା, ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, ୩) ଶ୍ରୀ ବିଜୟ କୁମାର ଶତପଥି, ପିତା: ମହେଶ୍ୱର ଶତପଥି, ୪) ଶ୍ରୀ ଜୟକୃଷ୍ଣ ଶତପଥି, ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୨: ଉର୍ମିଳା ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୨୪୮ ଡିସିମିଲିରୁ ଏକର୦.୧୨୪ଡିସିମିଲି, ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା, ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା, ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, ୨) ଶ୍ରୀ କେଶବ ଚନ୍ଦ୍ର ସାହୁ, ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | ୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତିର ନଂ.-୩: ଶ୍ରୀ ଅଭୟ କୁମାର ପରିଡା, ପିତା: ୰ ନୃସିଂହ ଚରଣ ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧, ପ୍ଲଟ୍ ନଂ.: ୫୮୦/୧୧୬୪, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା (୧) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, (୨) ଖାତା ନଂ.: ୬, ପ୍ଲଟ୍ ନଂ.: ୧୦୫(ଅଂଶ), କ୍ଷେତ୍ର: ଏକର୦.୦୦୬ ଡିସିମିଲି, (୩) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୨୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୦ ଡିସିମିଲି, ମୌଜା: ଡୋଲିପୁର, ତହସିଲ: ବ୍ୟାସନଗର, ଥାନା: କୋରେଇ, ଥାନା ନଂ. ୪୩୬, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରହ୍ଲାଦ ପରିଡା, ଉତ୍ତର: ପ୍ରହ୍ଲାଦ ପରିଡା, ଦକ୍ଷିଣ: ନୃସିଂହ ଚରଣ ପରିଡା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୩,୧୫,୮୪୦/- / ଅମାନତ ଜମା: ଟ.୬,୩୧,୫୮୪/- / ବିଡ୍ ବୃଦ୍ଧି ରାଶି: ଟ.୬୩,୧୫୮/-

**କଲେଜ ରୋଡ୍ ଶାଖା, ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇମେଲ: ubin0818127@unionbankofindia.bank**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ, ପିତା: ୰ ଅର୍ଜୁନ ଚରଣ ସାହୁ / ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ, ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ସାତସୋଲା, ପୋ: ମଞ୍ଜୁରୀ ରୋଡ୍, ଭାୟା: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୧ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୨୧,୪୭୭.୦୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତିର ନଂ.-୪: ଶ୍ରୀ ସୁରେନ୍ଦ୍ର ସାହୁ, ପିତା: ୰ ଅର୍ଜୁନ ଚରଣ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୬୮/୫୧୫, ପ୍ଲଟ୍ ନଂ.: ୨୩୫୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ସାତସୋଲା, ଥାନା: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅଦ୍ୱୈତ ସାହୁ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ମେଲଣ ପଡ଼ିଆ, ପଶ୍ଚିମ: ସର୍ବସାଧାରଣ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୬୪,୨୧୦/- / ଅମାନତ ଜମା: ଟ.୧,୪୬,୪୨୧/- / ବିଡ୍ ବୃଦ୍ଧି ରାଶି: ଟ.୧୪,୬୪୨/-

**ଢୁବୁରୀ-୨ ଶାଖା, ସା: ଢୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୧୨.୦୧.୨୦୨୬ ସୁଦ୍ଧା ଟ.୧୦,୫୨,୭୦୬.୫୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୫: ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲାଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୯,୭୩,୭୦୦.୦୦ / ଅମାନତ ଜମା: ଟ.୧,୯୭,୩୭୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୯,୭୩୭.୦୦

ଇ-ନିଲାମ ତାରିଖ ଏବଂ ସମୟ: ୨୮.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ
ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଆଜି ଗଣପର୍ବ ମକର

ବାରିପଦା, ୧୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ସଂସ୍କୃତି ଓ ପରମ୍ପରାକୁ ନେଇ ମୟୂରଭଞ୍ଜ ଜିଲାର ଗଣପର୍ବ ମକରକୁ ନେଇ ଜିଲାବ୍ୟାପି ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି। ପୂଜାପାଠ, ଦେବ ଦର୍ଶନ ସହିତ ପିଠାପଣା ନାଚଗୀତରେ ପର୍ବ ପାଳନ ହେଉଛି। ଆବାଳ ବୃଦ୍ଧବନୀତା ପର୍ବ ପାଳନକୁ ନେଇ ମସଗୁଲ ରହିଛନ୍ତି। ଏହି ପର୍ବରେ ଏକ ନିଆରା ପୂଜା ଅନୁଷ୍ଠିତ ହୋଇଥାଏ । କୁଆଁରୀମାନେ ଟୁସୁ ଦେବୀଙ୍କୁ ପୂଜା କରି ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ମକର ପର୍ବରେ ଜିଲାର କୁଡୁମୀ ସମ୍ପ୍ରଦାୟରେ ଏକ ସ୍ୱତନ୍ତ୍ର ପୂଜା ଟୁସୁପର୍ବ ଅନୁଷ୍ଠିତ ହୋଇଥାଏ। ଜିଲାର କୋଣ ଅନୁକୋଣରେ ଅନୁଷ୍ଠିତ ହେଉଥିବା ଏହି ପୂଜାରେ କୁଡୁମୀ ସମ୍ପ୍ରଦାୟର ଅବିବାହିତ ଝିଅମାନେ ଟୁସୁ ଦେବୀଙ୍କ ମୂର୍ତ୍ତିକୁ ସାଙ୍ଗରେ ନେଇ ପାରମ୍ପରିକ ଗୀତ ଗାଇ ଗ୍ରାମ ପରିକ୍ରମା କରନ୍ତି । ପୂଜା ଶେଷ ହେବା ପରେ ଟୁସୁ ଦେବୀଙ୍କ ପ୍ରତିମାକୁ ନିକଟସ୍ଥ ନଦୀ, ପୋଖରୀ ବା ଜଳାଶୟରେ ବିସର୍ଜନ କରିଥାନ୍ତି । ଟୁସୁ ଦେବୀ କୁଡମୀ ସମ୍ପ୍ରଦାୟର ଇଷ୍ଟ ଦେବୀ। ଟୁସୁ ପୂଜା ନେଇ କୌଣସି ଇତିହାସ ନ ଥିଲେ ମଧ୍ୟ ଏକ ପ୍ରବାଦ ରହିଛି । ଟୁସୁ କୌଣସି ଦେବୀ ନୁହନ୍ତି। ଜନଶୃତି ଅନୁସାରେ ଜଣେ କୁଡମୀ ସମ୍ପ୍ରଦାୟର ଜମିଦାରଙ୍କ ଏକମାତ୍ର ଅଲିଅଳି ଝିଅ ଥିଲେ ଟୁସୁ। ଦେଖିବାକୁ ଅପରୂପା ସୁନ୍ଦରୀ । ଜିଲାରେ ମୋଗଲ ଶାସନ ଚାଲିଥିବା ବେଳେ ଟୁସୁଙ୍କ ସୁନ୍ଦରତାରେ ବିମୋହିତ ହୋଇ ଜଣେ ମୋଗଲ ବାଦଶାହ ତାଙ୍କୁ ବେଗମ କରିବାକୁ ଚାହିଁଥିଲେ। ହେଲେ ଟୁସୁଙ୍କ ବାପା ଏଥିରେ ରାଜି ହୋଇ ନ ଥିଲେ। ଟୁସୁଙ୍କ ବିବାହ ପାଇଁ ସେ ଏକ ବରପାତ୍ର ଯୋଗାଡ କରିଥିଲେ। ଏଥିରେ ମୋଗଲ ବାଦଶାହ ରାଗିଯାଇ ଟୁସୁଙ୍କ ଭାବି ବରଙ୍କୁ ହତ୍ୟା କରିବା ସହିତ ଟୁସୁଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିଲେ। ଏହା ସହି ନପାରି ବାଦଶାହାଙ୍କ କାମୁକ ନଜରରୁ ବଞ୍ଚିବାକୁ ଯାଇ ପବିତ୍ର ମକର ସଂକ୍ରାନ୍ତି ଦିନ ଟୁସୁ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସେହିଦିନ ଠାରୁ କୁଡମୀ ସମ୍ପ୍ରଦାୟ ତରଫରୁ ମକର ସଂକ୍ରାନ୍ତି ଦିନ ଟୁସୁ ପୂଜା ବା ଟୁସୁ ପର୍ବ ପାଳନ କରାଯାଉଛି। ଏହି ପର୍ବକୁ କୁଡମୀ ସମ୍ପ୍ରଦାୟର ଲୋକେ ନିଜ ସମ୍ପ୍ରଦାୟର ଜାତୀୟ ପର୍ବ ଭାବେ ଚିତ୍ରଣ କରିଥାନ୍ତି । ତଦନୁଯାୟୀ ମକର ସଂକ୍ରାନ୍ତି ପୂର୍ବ ଦିନକୁ ମକର ବାଉଣ୍ଡି ଦିନ ବିଧି ଅନୁସାରେ ପ୍ରତ୍ୟେକ ଦଳରେ ୪ଜଣ ଅବିବାହିତ ଝିଅ ଟୁସୁଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୌରାଣିକ ଗାଥା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗୀତ ଗାଆନ୍ତି। ଏହା ପରେ ଟୁସୁ ଦେବୀଙ୍କୁ ଘରକୁ ନେଇ ସ୍ୱତନ୍ତ୍ର ସ୍ଥାନରେ ରଖି ରାତ୍ର ସମୟରେ ମକର ଚାଉଳ ତଥା ପିଠାପଣା ଆଦି ଟୁସୁ ଦେବୀଙ୍କୁ ସମର୍ପଣ କରି ସାରାରାତ୍ରି ଅନିଦ୍ରା ହୋଇ ପାରମ୍ପାରିକ ଗୀତ ଓ ନୃତ୍ୟରେ ଆରାଧନା କରନ୍ତି। ରାତ୍ରିର ଚତୁର୍ଥ ପ୍ରହରରେ ମକର ପର୍ବକୁ ସୱାଗତ କରି ମକର ଦିନ ପାରମ୍ପରିକ ପୂଜା ଓ ଗୀତ ଗାଇ ଗାଁ ପରିକ୍ରମା ପରେ ଶନିବାର ଟୁସୁ ଦେବୀଙ୍କୁ ବିସର୍ଜନ କରନ୍ତି। ଜିଲାର ମହୁଲିଆ, ଟୁକୁପାଳସିଆ, କୋଷ୍ଟା, ରାଇରଙ୍ଗପୁର, ଯଶୀପୁର ଓ ରାମତୀର୍ଥ ଆଦି ଭଳି ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ ହୋଇଥାଏ। ସେହିପରି ମକର ସଂକ୍ରାନ୍ତିର ତିନି ଦିନ ପରେ ଅନୁଷ୍ଠିତ ହେଉଥିବା ସାନ୍ତାଳ ସମ୍ପ୍ରଦାୟଙ୍କ ସାମୂହିକ ଅସ୍ଥି ବିସର୍ଜନକୁ ଦାମୋଦର ମେଳା କୁହାଯାଇଥାଏ । ଏହା ୩ଦିନ ଧରି ଅନୁଷ୍ଠିତ ହୁଏ । ତ୍ରିବେଣୀ ବା ତିନୋଟି ପ୍ରବାହମାନ ଜଳରାଶିର ସଙ୍ଗମସ୍ଥଳୀରେ ଏହି ମେଳା ଅନୁଷ୍ଠିତ ହୋଇଥାଏ । ନିଜର ଆତ୍ମୀୟଙ୍କ ମୃତ୍ୟୁ ପରେ ଶେଷ ସଂସ୍କାର ବା ପର୍ବ ଭାବେ ସେମାନେ ଏହାକୁ ଭାବି ତାଙ୍କର ସଂରକ୍ଷିତ ଅସ୍ଥି ଆଣି ପରମ୍ପରା ଅନୁଯାୟୀ କ୍ରିୟାକ୍ରମ ପରେ ବିସର୍ଜନ କରିଥାନ୍ତି । ନଦୀକୂଳରେ ଲଣ୍ଡା ହୋଇ ନଦୀରେ ଗାଧୋଇ ପରମ୍ପରା ଅନୁସାରେ ସାଙ୍ଗରେ ଆଣିଥିବା ଏକ ଶାଳ ନଦୀ କୂଳରେ ଏକ ସ୍ଥାନରେ ପୋତନ୍ତି । ପରମ୍ପରା ଅନୁଯାୟୀ ସେଠାରେ ଏକ କଉଡି ଓ କଂସାକୁ ମଧ୍ୟ ପୋତିଥାନ୍ତି। ଶେଷରେ ପଞ୍ଚବର୍ଣ୍ଣ ଭୋଗ ଲଗାଇ ଏକ ସ୍ଥାନରେ ପବିତ୍ର ହୋଇ ଘରକୁ ଫେରିଥାନ୍ତି। ଜିଲାର ବିଭିନ୍ନ ନଦୀ ନାଳ ସଙ୍ଗମ ସ୍ଥଳୀରେ ଦାମୋଦର ମେଳା ଅନୁଷ୍ଠିତ ହୋଇଥାଏ। ଜିଲାର ବାରିପଦା ସ୍ଥିତ ମଧୁବନଠାରେ ଏହି ମେଳା ବସୁ ଥିବାରୁ ଦୂରଦୂରାନେତରୁ ବହୁ ଲୋକଙ୍କ ସମାଗମ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ସ୍ଲରି ପାଇପ୍‌ଲାଇନରେ ପଡ଼ି ସୁରକ୍ଷା କର୍ମୀ ଗୁରୁତର

ଯୋଡ଼ା, ୧୩।୧(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ଥାନା ନିକଟସ୍ଥ ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିକଟରେ ସ୍ଲରି ପାଇପ୍‌ଲାଇନ ଗାତରେ ପଡ଼ି ଜଣେ ସୁରକ୍ଷା କର୍ମୀ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ଲହଣ୍ଡା ବୁରୁସାହିର ଗୋଲାପ ମୁଣ୍ଡା। ତାଙ୍କ ଅଣ୍ଟାରେ ଆଘାତ ଲାଗିଥିବା ବେଳେ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।



ସୂଚନା ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ (ଜିନ୍ଦଲ ସାଉଥ ୱେଷ୍ଟ) କମ୍ପାନୀର ଏକ ସ୍ଲରି ପାଇପ୍‌ଲାଇନ କାମ ଜାରି ରହିଛି। କମ୍ପାନୀର ଠିକାସଂସ୍ଥା ୫୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଗାତ ଖୋଳି ପାଇପ ସଂଯୋଗ କରୁଛି। ମାତ୍ର ଗାତ ଖୋଳା ସ୍ଥାନରେ ପର୍ଯ୍ୟାପ୍ତ ଆଲୋକୀକରଣ ଓ ସୁରକ୍ଷାବାଡ଼ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସୋମବାର ଗୋଲାପ ମୁଣ୍ଡା ଡ୍ୟୁଟି କରିବା ସମୟରେ ଅନ୍ୟ ୨ ସହକର୍ମୀଙ୍କ ସହ ଚାଲି ଚାଲି ଯାଉଥିବା ସମୟରେ ଅନ୍ଧାର ଯୋଗୁ ଜାଣି ନ ପାରି ଗାତକୁ ଖସି ପଡ଼ିଥିଲେ। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର କର୍ପୋରେଟ ଅଧିକାରୀ ଦୀପଚାନ୍ଦ ବିହାରୀ କହିଛନ୍ତି, ପାଇପ୍‌ଲାଇନ ଖୋଳା ଓ ସଂଯୋଗୀକରଣ କାର୍ଯ୍ୟ ଗୁରୁ ମହାରାଜ ନାମକ ଏକ ଭେଣ୍ଡରକୁ ଦିଆଯାଇଛି। ଉକ୍ତ ଠିକାସଂସ୍ଥା ମାଟି ଖୋଳା ସ୍ଥାନରେ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷା କର୍ମୀ ନିୟୋଜିତ କରିଛି। ସୋମବାର ରାତିରେ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଜାଣି ନ ପାରି ଖସିପଡ଼ିଥିଲେ। ସୁରକ୍ଷା କର୍ମୀଙ୍କୁ ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। କମ୍ପାନୀ ପକ୍ଷରୁ ଠିକାସଂସ୍ଥାକୁ କୈଫିୟତ ମଗାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଲହଣ୍ଡାଠାରେ ସଂକୀର୍ଣ୍ଣ ରାଜପଥରେ ପାଇପ୍‌ଲାଇନ ଖୋଳା କାର୍ଯ୍ୟ ବେଳେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଏଥିସହ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ନେଇ ବିଲେଇପଦା, ଲହଣ୍ଡା, ମୁରୁଦା, କଳାପାହାଡ଼ ଏବଂ ଯୋଡ଼ା ଅଞ୍ଚଳରେ ପୁଞ୍ଜିଭୂତ ଅସନ୍ତୋଷ ତେଜିବାରେ ଲାଗିଛି।

# ବାଇକ୍‌ରୁ ଖସିପଡ଼ିଲେ ମହିଳା, ଚାପିଦେଲା ଟ୍ରକ୍

## ମା’ ତାରିଣୀଙ୍କ ଦର୍ଶନକରି ଫେରୁଥିଲେ

ଆନନ୍ଦପୁର, ୧୩।୧(ସୁଶାନ୍ତ କୁମାର ସାହୁ):

କେନ୍ଦୁଝର ଜିଲା ଆନନ୍ଦପୁର ୨୦ ନଂ. ଜାତୀୟ ରାଜପଥ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଲଣା ଛକ ନିକଟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘଟଗାଁ ମା’ ତାରିଣୀଙ୍କ ଦର୍ଶନ ସାରି ଫେରୁଥିବା ଜଣେ ମହିଳାଙ୍କ ଉପରେ ଏକ ଟ୍ରକ୍ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଯାଜପୁର ଜିଲା ପାଣିକୋଇଲି ବଡ଼ଚଣା ଅଞ୍ଚଳର ଝରଣା ସାହୁ।

ସୂଚନା ଅନୁଯାୟୀ, ଝରଣା ତାଙ୍କ ପୁଅ ସହ ବାଇକ୍ ଯୋଗେ ମା’ ତାରିଣୀଙ୍କ ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସାରି ଫେରୁଥିବା ବେଳେ ଖଲଣା ଛକ ନିକଟରେ ଝରଣା ଅସାବଧାନାବଶତଃ ବାଇକ୍‌ରୁ ଖସି ପଡ଼ିଥିଲେ। ସେ ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ସାଇଁକୂଳ ଫାଣ୍ଡି କର୍ମଚାରୀ ସୁରେଶ କୁମାର ମାଝୀ ପହଞ୍ଚି ଟ୍ରକ୍‌ଟିକୁ ଜବତକରି ରାମଚନ୍ଦ୍ରପୁର ପୋଲିସ ଜିମା ଦେଇଥିଲେ। ରାମଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶିମିଳିପାଳରେ ବୃଦ୍ଧି ପାଇଲା କୁମ୍ଭୀର

ବାରିପଦା, ୧୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଜାନୁଆରୀ ୬ ରୁ ୮ ପର୍ଯ୍ୟନ୍ତ ୩ ଦିନ ଧରି ଏହି ଗଣନା କାର୍ଯ୍ୟରେ ୩୦ରୁ ଊର୍ଦ୍ଧ୍ୱ ଗଣନା ଟିମ୍ ସାମିଲ ହୋଇଥିଲେ। ଡିଭିଜନର ୮ଟି ନଦୀରେ ୨୦ରୁ ଅଧିକ ଜଳାଶୟରେ ସର୍ଭେ କାର୍ଯ୍ୟ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ୩ ଟି କୁମ୍ଭୀର ବୃଦ୍ଧି ପାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ଡିଭିଜନରେ କୁମ୍ଭୀର ଗଣନା କରାଯାଇଥିଲା। ଏଥିରେ ଶିମିଳିପାଳ ଦକ୍ଷିଣ ଡିଭିଜନରେ ୭୮ଟି ଓ ଉତ୍ତର ଡିଭିଜନରେ ୧ଟି ଓ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ୫ଟିକୁ ମିଶାଇ ମୋଟ ୮୪ଟି କୁମ୍ଭୀର ରହିଥିବା ନେଇ ଗଣନାରୁ ଜଣାପଡ଼ିଛି। ୨୦୨୫ଗଣନାରେ ମୋଟ ୮୧ଟି କୁମ୍ଭୀର ଥିବା ବେଳେ ୩ଟି ବୃଦ୍ଧି ପାଇଛି। ଯାହାକୁ ନେଇ ଶିମିଳିପାଳରେ ଚାଲିଥିବା ବନ୍ୟପ୍ରାଣୀ ସଂରକ୍ଷଣ ଓ ବଂଶବୃଦ୍ଧିକୁ ନେଇ ସଫଳତା ମିଳିଛି। ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ଛୋଟ କୁମ୍ଭୀରକୁ ନଦୀନାଳରେ ଛଡ଼ାଯାଇଥିବାରୁ ଏମାନଙ୍କ ସଂଖ୍ୟା ଧିରେ ଧିରେ ବୃଦ୍ଧି ପାଇବାରେ ସମ୍ଭବ ହୋଇଛି। ଉପଯୁକ୍ତ ବାସସ୍ଥାନ ଓ ଖାଦ୍ୟ ଶୃଙ୍ଖଳ ବ୍ୟବସ୍ଥା ଯୋଗୁ କୁମ୍ଭୀରଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (यूनियन बैंक ऑफ इंडिया Union Bank of India, भारत सरकार का उपक्रम A Government of India Undertaking)

**ଢେଙ୍କାନାଳ ମୁଖ୍ୟ ଶାଖା**
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) **ଶ୍ରୀ ବାବୁଲି ବେହେରା,** ପିତା: ଶ୍ରୀ ସୁର ବେହେରା, ୨) **ଶ୍ରୀମତୀ କଳ୍ପନା ବେହେରା,** ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | **ଶ୍ରୀ ବାବୁଲି ବେହେରା,** ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

**ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


# ଝାରପୋଖରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଝାରପୋଖରିଆ, ୧୩।୧(ସୁଧୀର କୁମାର ମହାନ୍ତ):

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ–୨୦୨୬ ‘ବିଚିତ୍ରା’ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସୋମବାର ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଅମୂଲ୍ୟ କୁମ୍ଭକାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର, ମୁଖ୍ୟବକ୍ତା ସଞ୍ଜୟ କୁମାର ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ବିକର୍ତ୍ତନ ବେହେରା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସିଲି ସ୍ୱପ୍ନା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅମ୍ବୁଜା କଳିଆ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଜିଲା ଓ ରାଜ୍ୟରେ ବିଦ୍ୟାଳୟର ସୁଖ୍ୟାତି ଅର୍ଜନ କରିଥିବା ଛାତ୍ରୀଛାତ୍ର, ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫–୨୬ରେ ବେଷ୍ଟ ଷ୍ଟୁଡେଣ୍ଟ ଓ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅଙ୍କନପ୍ରଭା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି କଣ୍ଟାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ସରୋଜ ନାୟକ ଯୋଗଦେଇଥିଲେ।

# ୫୦ ହଜାର ଟଙ୍କାର ବାଣ ଜବତ

ବୈଶିଙ୍ଗା, ୧୩।୧(ରତନ ଦାଶ):

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ପକ୍ଷରୁ ପ୍ରାୟ ୫୦ ହଜାର ଟଙ୍କାର ବାଣ ଜବତ କରାଯାଇଛି। ଦୀପାବଳି ସମୟରେ ଏହି ଥାନା ଅର୍ନ୍ତଗତ ବାଛୁରୀପଡ଼ା ଗ୍ରାମରେ ବାଣ ତିଆରିକୁ କଟକଣା ଲଗାଯାଇଥିଲା। କାଳୀପୂଜା ପରେ ମୟୂରଭଞ୍ଜର ଲୋକପ୍ରିୟ ମକର ପର୍ବ ପାଇଁ ମଧ୍ୟ ବାଣ ବହୁଳ ମାତ୍ରାରେ ବ୍ୟବହାର କରାଯାଇଥାଏ। ମଙ୍ଗଳବାର ଅପରାହ୍ନରେ ଏକ ଅଟୋ ଯୋଗେ ରୂପସା ଅଭିମୁଖେ ବାଣ ବୋଝେଇ ହୋଇ ଯାଉଥିବା ବେଳେ ବୈଶିଙ୍ଗା ଆନାର ପାଟ୍ରୋଲିଂ ଟିମ ରାସ୍ତାରେ ଏହାକୁ ଅଟକାଇ ଅଟୋ ସହିତ ବାଣ ବସ୍ତାଗୁଡ଼ିକୁ ଥାନାକୁ ନେଇ ଆସିଥିଲେ। ଖବର ଲେଖା ହେବା ବେଳକୁ ମାମଲା ରୁଜୁ ହୋଇ ନ ଥିବାର ଜଣାଯାଇଛି। ଜବତ ଅଟୋ ନମ୍ବର ଓଡି ୦୧ ୟୁ ୮୮୬୧।

# ବିଜେଡି ବିଧାୟକଙ୍କ ପାଟିରେ ତାଲା ପଡିଛି, ସୃଷ୍ଟି କରାଉଛନ୍ତି ଅରାଜକତା : ଭାଜପା

ହାଟଡିହୀ, ୧୩।୧(ଶୁଭକାନ୍ତ ନାୟକ):

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଏକ ରାସ୍ତା କାର୍ଯ୍ୟକୁ ନେଇ ଭାଜପା –ବିଜେଡି ମଧ୍ୟରେ ଗତ ରବିବାର ହୋଇଥିବା ସଂଘର୍ଷ ଘଟଣାରେ ବିଜେଡି ବିଧାୟକ ଅଭିମନ୍ୟୁ ସେଠି ନିଜ ଫେସ ବୁକ ପେଜରେ ଉଲେଖ କରିଥିବା ଟିପ୍ପଣୀ ଉପରେ ଭାଜପା ପ୍ରତିକ୍ରିୟା ପ୍ରକାଶ କରିଛି । ବିଜେଡି ବିଧାୟକ ଅଭିମନ୍ୟୁ ଲେଖିଛନ୍ତି ଯେ ଇଞ୍ଚଳ ପଞ୍ଚାୟତରେ ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ଭାଜପା କର୍ମୀ ମାନେ ବାହାରୁ ଗୁଣ୍ଡା ଆଣି ପୋଲିସ ଉପସ୍ଥିତ ରେ ସାଧାରଣ ଲୋକଙ୍କୁ ଖଣ୍ଡା, ଭୁଜାଲି ରେ ଆକ୍ରମଣ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଆଇନ କାନୁନ ବିପର୍ଯ୍ୟସ୍ତ ହୋଇପଡିଛି । ଏପରି ମନ୍ତବ୍ୟ ମୁଖ୍ୟମନ୍ତ୍ରୀ,ପୋଲିସ ଏବଂ ଭାଜପା କୁ ଟାର୍ଗେଟ କରିଥିବା ସ୍ପଷ୍ଟ ହେଉଛି । କିନ୍ତୁ ନିଜ ପତ୍ନୀ ତଥା ବ୍ଲକ ଅଧକ୍ଷା ବିଡ଼ିଓଙ୍କୁ ଦୁର୍ବ୍ୟବହାର ନେଇ କୌଣସି ଟିପ୍ପଣୀ କିମ୍ବା ମତ ଦେଇ ନାହାଁନ୍ତି । ବିଜେଡି ବିଧାୟକ ଅଭିମନ୍ୟୁଙ୍କ ଫେସ ବୁକ ପେଜର ଏପରି ମନ୍ତବ୍ୟକୁ ନେଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠି, ସାଂସଦ ପ୍ରତିନିଧି ହର ମୋହନ ଶାସିନୀ, ସୁନୀଲ ନାୟକ, ବରିଷ୍ଠ ନେତା ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ବିଜେଡି ବିଧାୟକ ଅଭିମନ୍ୟୁଙ୍କୁ ପ୍ରତି ଜବାବ ଦେଇଛନ୍ତି। ଏମାନେ କହିଛନ୍ତି ଯେ ବିଜେଡି ବିଧାୟକ ଅଭିମନ୍ୟୁଙ୍କ ଉପସ୍ଥିତରେ ତାଙ୍କ ପତ୍ନୀ ତଥା ବ୍ଲକ ଅଧକ୍ଷା ସାବିତ୍ରୀ ସେଠି ହାଟଡିହୀ ବିଡ଼ିଓଙ୍କୁ ଅଭଦ୍ର କହିବା ସହ ଅନେକ କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ । କିନ୍ତୁ ଏ ପ୍ରସଙ୍ଗରେ ବିଧାୟକଙ୍କ ପାଟିରେ ତାଲା ପଡିଛି । କାରଣ ବିଧାୟକ ତାଙ୍କ ପତ୍ନୀଙ୍କ ଜରିଆରେ ବିଡ଼ିଓଙ୍କୁ ଏପରି ଦୁର୍ବ୍ୟବହାର କରାଇଥିଲେ । ତେଣୁ ବିଧାୟକ ଏବଂ ତାଙ୍କ ପତ୍ନୀ ପ୍ରଥମେ ଶାଳୀନତାର ପରିଭାଷା ଶିଖିବା ଉଚିତ। ଭାଜପା କର୍ମୀ ବାହାରୁ ଗୁଣ୍ଡା ଆଣି ମରଣାସ୍ତ୍ର ରେ ଲୋକଙ୍କୁ ଆକ୍ରମଣ କରିବା ଟିପ୍ପଣୀ ଏକ ରାଜନୈତିକ ସୱାର୍ଥ ସମ୍ବଳିତ ଅଟେ । ଏପରି ଟିପ୍ପଣୀ ରୁ ସ୍ପଷ୍ଟ ହେଉଛି ଯେ ଉକ୍ତ ସଂଘର୍ଷ ସମୟରେ ଖୋଦ ବିଧାୟକ ଘଟଣା ସ୍ଥଳରେ ଉପସ୍ଥିତ ରହି ପ୍ରତ୍ୟକ୍ଷଦର୍ଶୀ ସାଜିଛନ୍ତି । ତେଣୁ ଥାନାରେ ଦାୟର ହୋଇଥିବା ମାମଲା ରେ ତାଙ୍କୁ ୧ନଂ ସାକ୍ଷୀ ଭାବେ ଗ୍ରହଣ କରାଯିବା ଉଚିତ । ଆଇନ ଜାଲରୁ ନିଜ ଦଳର କର୍ମୀଙ୍କୁ ବଞ୍ଚାଇବା ପାଇଁ ବିଜେଡି ବିଧାୟକ ପୋଲିସ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରୁଛନ୍ତି । ଖୋଦ ବିଜେଡି ବିଧାୟକ ଅଭିମନ୍ୟୁ ରାଜନୈତିକ ପତିଆରା ବୃଦ୍ଧି ପାଇଁ ଅରାଜକତା ସୃଷ୍ଟି କରାଉଛନ୍ତି ।

ସୂଚନା ଯୋଗ୍ୟ,ଭାଜପା ଏବଂ ବିଜେଡି ପକ୍ଷଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି । ଆନନ୍ଦପୁର ବିଜେଡି ବିଧାୟକ ଅଭିମନ୍ୟୁ ସେଠିଙ୍କ ପତ୍ନୀ ତଥା ହାଟଡିହୀ ବ୍ଲକ ଅଧକ୍ଷା ସାବିତ୍ରୀ ସେଠି ବିଡ଼ିଓଙ୍କୁ ଅଙ୍ଗୁଳି ଦେଖାଇ କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ ସମୟରେ ବିଜେଡି ବିଧାୟକ ଅଭିମନ୍ୟୁ ସେଠାରେ ଉପସ୍ଥିତ ଥିଲେ । ଯାହାକୁ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବୀରେ ବ୍ଲକ କର୍ମଚାରୀ ମାନେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ନଚେତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଆୟୋଜିତ ଏକ ବୈଠକ ରେ ନିଷ୍ପତି ନେଇଛନ୍ତି ।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (यूनियन बैंक ऑफ इंडिया Union Bank of India)

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ “ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି” ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
| --- | --- |
| **ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ,** ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍କନାଥ ସାହୁ, ଦକ୍ଷିଣ: ଅନାବାଦୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
| --- | --- |
| **ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲିଃ.,** ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଟା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / **ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା,** ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, **୨) ଶ୍ରୀମତୀ ଉର୍ମିଳା ପରିଡା,** ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, **୩) ଶ୍ରୀ ବିଜୟ କୁମାର ଶତପଥି,** ପିତା: ମହେଶ୍ୱର ଶତପଥି, **୪) ଶ୍ରୀ ଜୟକୃଷ୍ଣ ଶତପଥି,** ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଟା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୨: ଉର୍ମିଳା ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୪୮ଡିସିମିଲିରୁ ଏକର୦.୧୨୪ଡିସିମିଲି,** ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-**

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
| --- | --- |
| **ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ **ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା,** ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, **୨) ଶ୍ରୀ କେଶବ ଚନ୍ଦ୍ର ସାହୁ,** ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | ୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୩: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧, ପ୍ଲଟ୍ ନଂ.: ୫୮୦/୧୧୬୪, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା (୧) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, (୨) ଖାତା ନଂ.: ୬, ପ୍ଲଟ୍ ନଂ.: ୧୦୫(ଅଂଶ), କ୍ଷେତ୍ର: ଏକର୦.୦୦୬ ଡିସିମିଲି, (୩) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୨୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୦ ଡିସିମିଲି, ମୌଜା: ଡୋଲିପୁର, ତହସିଲ: ବ୍ୟାସନଗର, ଥାନା: କୋରେଇ, ଥାନା ନଂ. ୪୩୬, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରହଲ୍ଲାଦ ପରିଡା, ଉତ୍ତର: ପ୍ରହଲ୍ଲାଦ ପରିଡା, ଦକ୍ଷିଣ: ନୃସିଂହ ଚରଣ ପରିଡା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୩,୧୫,୮୪୦/- / ଅମାନତ ଜମା: ଟ.୬,୩୧,୫୮୪/- / ବିଡ୍ ବୃଦ୍ଧି ରାଶି: ଟ.୬୩,୧୫୮/-**

**କଲେଜ ରୋଡ୍ ଶାଖା, ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇମେଲ: ubin0818127@unionbankofindia.bank**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
| --- | --- |
| **ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ୰ ଅର୍ଜୁନ ଚରଣ ସାହୁ / **ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ,** ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ସାତସୋଲା, ପୋ: ମଞ୍ଜୁରୀ ରୋଡ୍, ଭାୟା: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୧ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୨୧,୪୭୭.୦୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୪: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ୰ ଅର୍ଜୁନ ଚରଣ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୬୮/୫୧୫, ପ୍ଲଟ୍ ନଂ.: ୨୩୫୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ସାତସୋଲା, ଥାନା: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅଦ୍ୱୈତ ସାହୁ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ମେଲଣ ପଡ଼ିଆ, ପଶ୍ଚିମ: ସର୍ବସାଧାରଣ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୬୪,୨୧୦/- / ଅମାନତ ଜମା: ଟ.୧,୪୬,୪୨୧/- / ବିଡ୍ ବୃଦ୍ଧି ରାଶି: ଟ.୧୪,୬୪୨/-**

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
| --- | --- |
| ଋଣଗ୍ରହୀତାମାନେ: ୧) **ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି,** ସ୍ୱାମୀ: ହେମନ୍ତ କୁମାର ମୁଦୁଲି, **୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି,** ସ୍ୱାମୀ: ହେମନ୍ତ କୁମାର ମୁଦୁଲି / **ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି,** ପିତା: ଶରତ କୁମାର ମୁଦୁଲି, **୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି,** ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୧୨.୦୧.୨୦୨୬ ସୁଦ୍ଧା ଟ.୧୦,୫୨,୭୦୬.୫୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୫: ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲାଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୯,୭୩,୭୦୦.୦୦ / ଅମାନତ ଜମା: ଟ.୧,୯୭,୩୭୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୯,୭୩୭.୦୦**

ଇ-ନିଲାମ ତାରିଖ ଏବଂ ସମୟ: ୨୮.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: **https://baanknet.com**

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : **https://baanknet.com, www.unionbankofindia.co.in** ଦେଖନ୍ତୁ।

**ସ୍ଥାନ: ବାଲେଶ୍ୱର**
**ତାରିଖ: ୧୨.୦୧.୨୦୨୬**
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଶ୍ରୀଫେଷ୍ଟ ଉଦ୍‌ଯାପିତ

**ସୋର, ୧୨।୧(ଜନ୍ମେଜୟ ମିଶ୍ର):**

ସୋର ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ଥିବା ଶ୍ରୀରାମ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ୧୨ତମ ବାର୍ଷିକ ଉତ୍ସବ ଶ୍ରୀଫେଷ୍ଟ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଇଂ. ଇନ୍ଦ୍ରଜିତ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ପିଲାମାନଙ୍କର ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାସ ଯୋଗଦେଇ ଅନୁଭବ ଏବଂ ଉପଲବ୍ଧିକୁ ସାଉଁଟିଲେ ଜଣେ ଭଲ ମଣିଷ ହୋଇପାରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତି ଯୋଗଦେଇ ଦୃଢ଼ ମନୋବଳ, ଅଧ୍ୟବସାୟ ଏବଂ ଶୃଙ୍ଖଳା ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଯିଏ ସଂଗ୍ରାମ କରି ଜାଣିଛି ସେ ସମାଜର ବହୁତ ଆଗକୁ ଯାଇଛି, ପିଲାମାନେ ପାଠ ପଢ଼ିବା ସହିତ ଅଭିଭାବକମାନେ ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ଉଚିତ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ଅଧ୍ୟାପିକା ତପସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହିନ୍ଦୁ ସୁରକ୍ଷିତ ରହିଲେ ବିଶ୍ୱ ସୁରକ୍ଷିତ ରହିବ: ଶଙ୍କରାଚାର୍ଯ୍ୟ





ପୁରୀ ଗୋବର୍ଦ୍ଧନ ପୀଠର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି। କପିଳମୁନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

- ଆଜି ପୁଣ୍ୟ ସ୍ନାନ
- ୬୦ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ

**ଭୋଗରାଇ, ୧୩।୧(ପ୍ରଦୀପ ଦାସ):**

ସନାତନ ଧର୍ମର ବିକଳ୍ପ କି ଶେଷ ନାହିଁ। ସମଗ୍ର ବିଶ୍ୱରେ ଅଧର୍ମୀମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିବାବେଳେ ସନାତନ ପନ୍ଥୀମାନେ ସୁରକ୍ଷିତ ନାହାନ୍ତି, ଏହା ଅତ୍ୟନ୍ତ ଉଦବେଗଜନକ। ଏଭଳି ସ୍ଥିତିରେ ସନାତନପନ୍ଥୀ, ସତ୍‌ଗୁରୁ ଓ ଶୁଭବୁଦ୍ଧିସମ୍ପନ୍ନ ରାଷ୍ଟ୍ରଭକ୍ତମାନେ ଅଣ୍ଟା ଭିଡ଼ନ୍ତୁ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ମହାରାଜ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗଙ୍ଗାସାଗରରେ ମକରବୁଡ଼ ଦେବା ଓ ନଦୀ ସମୁଦ୍ର ପ୍ରଦୂଷଣ ମୁକ୍ତ ଲାଗି ମହାଆଳତୀ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଅସ୍ଥାୟୀ ଶଙ୍କରାଚାର୍ଯ୍ୟ ଶିବିରରେ ଏକ ଖବରଦାତା ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି। ବିଶ୍ୱରେ ବିଶେଷକରି ଭାରତର ପଡୋଶୀ ଦେଶ ପାକିସ୍ଥାନ ଓ ବାଂଲାଦେଶରେ ହିନ୍ଦୁମାନଙ୍କୁ ନିର୍ଯାତନା ଦେବା, ହିନ୍ଦୁ ନିଧନ କରିବା, ଧର୍ମୀୟ ମନ୍ଦିରକୁ ଧ୍ୱଂସ କରିବା ସେ ଦେଶର ସରକାରଙ୍କ ଘୃଣ୍ୟ କାର୍ଯ୍ୟ ଓ ଅରାଜକତା ଅଟେ ବୋଲି ବୋଲି କହିବା ସହିତ ଯେଉଁଠି ହିନ୍ଦୁ ସୁରକ୍ଷିତ ନୁହେଁ ସେସବୁ ସ୍ଥାନରେ ମୁସଲିମ୍ କିମ୍ବା ଅନ୍ୟ ଧର୍ମାବଲମ୍ବୀ ମଧ୍ୟ ସୁରକ୍ଷିତ ନୁହେଁ। ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେଲେ ମୁସଲିମମାନେ ଧ୍ୱଂସ ହୋଇଯିବେ ବୋଲି ଗୁରୁଜୀ କ୍ଷୋଭର ସହିତ ପ୍ରକାଶ କରିଥିଲେ। ଅପରପକ୍ଷରେ ଆମଦେଶର ଅଦ୍ୟାବଧି ଦିଶାହୀନ ରାଜନୀତି ଆମଦେଶକୁ କଳୁଷିତ କରୁଥିବା ବେଳେ ଶାସନତନ୍ତ୍ର ବିଶ୍ୱସ୍ତ ଓ କ୍ରିୟାଶୀଳ ହେଉନାହିଁ। ଦେଶରେ ଦଲାଲି ବ୍ୟବସ୍ଥା ବଢୁଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ଅର୍ଥନୀତିର ବିକାଶ ନ ହୋଇ ବିନାଶ ହେଉଥିବା ବେଳେ ଗୋମାତା ହତ୍ୟା ବନ୍ଦ କରି ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯାଉ। ଏଥିନିମନ୍ତେ ଶୁଭବୁଦ୍ଧିସମ୍ପନ୍ନ ରାଷ୍ଟ୍ରଭକ୍ତମାନେ ଆଗେଇ ଆସନ୍ତୁ ବୋଲି ଗୁରୁଜୀ କହିବା ସହିତ ପୁରୀ ଶ୍ରୀମନ୍ଦିର ହେଉଛି ଭଗବାନଙ୍କ ମନ୍ଦିର। ଏହି ମନ୍ଦିର ହେଉଛି ଅସଲି ଓ ଆଧ୍ୟାତ୍ମିକ ପୀଠସ୍ଥଳୀ ଭାବେ ବିଶ୍ୱରେ ଅସଂଖ୍ୟ ଭକ୍ତଙ୍କ ସ୍ୱତନ୍ତ୍ର ପରିଚିତି ରହିଛି। ପ୍ରଭୁଙ୍କ ମନ୍ଦିରକୁ ନକଲ କରି ଦୀଘାରେ ଅନ୍ୟ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଓ ଜଗନ୍ନାଥ ଧାମ ନାମିତ ହେବା ସହ ଇସ୍କନ ପରିଚାଳିତ କରିବା ଗ୍ରହଣୀୟ ନୁହେଁ ବୋଲି ଗୁରୁଜୀ ପ୍ରକାଶ କରିଥିଲେ । ବଙ୍ଗଳା ଭାଷାରେ କହୁଥିବା ସମସ୍ତେ ବାଂଲାଦେଶୀ ନୁହନ୍ତି । ଗଙ୍ଗା ସାଗରରେ ମକର ବୁଡ଼ ଲାଗି ୬୦ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ ଅଦ୍ୟାବଧି ବୁଡ଼ ପକାଇଥିବା ବେଳେ ବୁଧବାର ସକାଳ ପର୍ଯ୍ୟନ୍ତ ମାହେନ୍ଦ୍ର ବେଳାରେ ପୂର୍ଣ୍ଣସ୍ନାନ ଥିବାରୁ ତୀର୍ଥଯାତ୍ରୀଙ୍କ ସଂଖ୍ୟା ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଗଙ୍ଗାସାଗର ସରକାରୀ ମେଳା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଜିଲା ଶାସକ ଓ ମନ୍ତ୍ରୀମାନେ ସୂଚନା ଦେଇଛନ୍ତି। ପ୍ରସିଦ୍ଧ ମେଳାରେ ଅଦ୍ୟାବଧି ଉତ୍ତରପ୍ରଦେଶର ୨ ଓ ହରିୟାଣାର ୧ଜଣଙ୍କୁ ଗୁରୁତର ଅବସ୍ଥାରେ ଏୟାର ଆମ୍ବୁଲାନରେ ଜରୁରୀ ଭିତ୍ତିରେ କୋଲକାତା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# 'ନିଜ ଭିତରେ ଆତ୍ମବିଶ୍ୱାସ ବଢ଼ାଇବାକୁ ଆହ୍ୱାନ'

**ବାଲିଆପାଳ, ୧୩।୧(ଗୋପାଳ ଚନ୍ଦ୍ର ସାହୁ):**

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ପ୍ରତାପପୁର ସାହୁ ସନାତନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଝଡେଶ୍ୱର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଜଗାଇ କଲେଜର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ବକ୍ତା ଭାବେ ବାଲେଶ୍ୱର ଜିଲା ଓଷ୍ଟା ସଂଘର ସମ୍ପାଦକ ବିଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବରେ ସିଆରସିସି ଜଗନ୍ନାଥ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ବିଶ୍ୱାଳ, ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଧର୍ମ ପତ୍ନୀ ଆରତୀ ରାଣୀ ସାହୁ, ସାମାଜିକ କର୍ମୀ ଅଜୟ ପାତ୍ର, ସ୍କୁଲ୍ ପରିଚାଳନା କମିଟିର ସଭାପତି ଅମୂଲ୍ୟ ରାଉତ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସୁଶାନ୍ତ ସାହୁ, ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଅପରାହ୍ନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା। ଦିଲୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ହେଲ୍‌ମେଟ ନେଇ ସଚେତନ କଲେ, ଗୋଲାପ ବାଣ୍ଟିଲେ




ସଚେତନତା ବାର୍ତ୍ତା ସହ ଗୋଲାପ ଫୁଲ ପ୍ରଦାନ କରାଯାଉଛି।

**ଜଳେଶ୍ୱର, ୧୩।୧(ନବୀନ ସାହୁ):**

ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ମଙ୍ଗଳବାର ଜଳେଶ୍ୱର ପୌରପାଳିକାରେ ଲାୟନ୍ସ କ୍ଲବ ଜଳେଶ୍ୱର ଏବଂ ଜଳେଶ୍ୱର ପୋଲିସ ମିଳିତ ସହଯୋଗରେ ଜଳେଶ୍ୱର ବଡ଼ବଜାର ଛକଠାରେ ହେଲମେଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନା ହେଲମେଟରେ ଆସୁଥିବା ଲୋକଙ୍କୁ ସଡ଼କ ସୁରକ୍ଷାର ସଚେତନତାର ବାର୍ତ୍ତା ବାଣ୍ଟିବା ସହିତ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା ଏବଂ ଆଇଆଇସି ଅଶୋକ ବାରିକ, ଏସଆଇ ଚିରଞ୍ଜିବ ରାଉତ ଏକ ଗୋଲାପ ଫୁଲ ପ୍ରଦାନ କରିଥିଲେ। ଲାୟନ୍ସ କ୍ଲବ୍ ଦ୍ୱାରା କିଛି ଲୋକଙ୍କୁ ମାଗଣାରେ ହେଲମେଟ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳକ ଲାୟନ୍ ଅମଲ୍ କୁମାର ମଣ୍ଡଳ ଏବଂ ଲାୟନ୍ସ କ୍ଲବ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ସେକ ସବିର, ବିଷ୍ଣୁପଦ ମହାନ୍ତି, ବିବେକ ଜୈନ, ଯୋଗେଶ ରାଠି, ବିନୋଦ କୁମାର ସାହୁ, ଗିରିଜା ଶଙ୍କର ଦାସ, ଦିପେନ୍ଦୁ କର, ସମୀର ନନ୍ଦୀ, ମୁନେସ ଅଗ୍ରୱାଲ, ସେକ ସୈଫୁଦ୍ଦିନ୍, ଭବେଶ ଠକର, ଶିବାନୀ ଶଙ୍କର ସ୍ୱାଇଁ, ମନୋଜ ଗୁପ୍ତା, ଦେବାଶିଷ ଚୌଧୁରୀ, ଗୌତମ ପ୍ରଧାନ, କପିଳେଶ୍ୱର ମହାନ୍ତି, ଦୁର୍ଗାପ୍ରସାଦ ଖଣ୍ଡେଲୱାଲ ଓ ରବି ନାରାୟଣ ଦାସ ସହଯୋଗ କରିଥିଲେ।

# ସବୁଠି ମକର ମହକ



ଦୋକାନରେ ସଜା ହୋଇଥିବା ବିଭିନ୍ନ କିସମର ମିଠା ପସରା

**ବାଲେଶ୍ୱର,୧୩।୧(ବାଞ୍ଛାନିଧି ଦେ):**

ମକର ପର୍ବକୁ ନେଇ ଗାଁଠୁ ସହର ଉତ୍ସବ ମୁଖର। ସଭିଙ୍କ ମନରେ ଭରି ଯାଇଛି ଆନନ୍ଦ ଓ ଉତ୍ସାହ। ସବୁଆଡ଼େ ମକରର ମହକ ଦେଖିବାକୁ ମିଳିଛି। ସହର ଓ ବଜାରରେ ଭିଡ଼ ଲାଗି ରହିଛି। ଦୋକାନ ବଜାରରେ ବିଭିନ୍ନ ମକର ସାମଗ୍ରୀ ସହ ନୂଆ ବସ୍ତ୍ର, ଚୁଡ଼ା, ତିଳଉ ଓ ଗୁଡ ଚିନି କିଣିବାରେ ସମସ୍ତେ ବ୍ୟସ୍ତ। ଘରେ ଘରେ ଲୋକମାନେ ଏହି ପର୍ବକୁ ପାଳନ ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଆଦିବାସୀ ପରିବାର ସେମାନେ ଘର ଲିପାପୋଛା କରିବା ସହ ରଙ୍ଗ ଓ ତୂଳୀରେ ଘରକୁ ସଜାଇଥିବା ଦେଖିବାକୁ ମିଳିଛି। ବିଶେଷ କରି ମକର ପର୍ବରେ ବିଭିନ୍ନ ସ୍ଥାନରେ କୁକୁଡ଼ା ଲଢେଇ ଓ ଗୁଡ଼ି ଉଡ଼ା ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ପାଲଟି ଥାଏ। ବାଲେଶ୍ୱର ସହରଠାରୁ ଗ୍ରାମାଞ୍ଚଳରେ ସଜେଇ ହୋଇଛି ସମସ୍ତ ମିଠା ଦୋକାନ। ସହରର ନୂଆବଜାର, ଫାଣ୍ଡି ଛକ, ମୋତିଗଞ୍ଜ ବଜାର, ମଣ୍ଡଳ ବଜାର ଭଳି ବିଭିନ୍ନ ଜଳଖିଆ ଦୋକାନରେ ମିଠାର ପସରା ମେଲିଛି। ମିଠା ଭିତରେ ରହିଛି ବିରୁଡ଼ିବସା, ବେସନ ଲଡୁ, ମୋତି ଲଡୁ, ସନ୍ଦେଶ, ଗଜା, ଖଜା, ଲବଙ୍ଗି, ବାଲିସାହି, କ୍ଷୀରପୁରି, ମସୁର ପରି ଭଳିକି ଭଳି ମିଠା। ବର୍ଷସାରା ରସଗୋଲା, କାଲାଜାମ୍, ଗୋଲାପଜାମ୍, ଛେନାଗଜା, ଜିଲାପି, ବୁନ୍ଦି ଲଡୁ ବିକ୍ରି ହେଉଥିବା ବେଳେ କେବଳ ମକର ସମୟରେ ନୂଆ ନୂଆ କିମସର ମିଠା ବିକ୍ରି ହୋଇଥାଏ। ମିଠା କାରିଗର ମାନେ ମକର ପୂର୍ବରୁ ଏହିସବୁ ମିଠା ତିଆରି କରିଥା'ନ୍ତି। ସେହିପରି ମକର ସମୟରେ ବାଲେଶ୍ୱରରେ ଗୁଡ଼, ଚିନି ଓ ଚାଉଳରେ ପ୍ରସ୍ତୁତ ଲାଲ୍ ଏବଂ ଧଳା ତିଳଉ, ହାତୀ, ଘୋଡ଼ା ସାଙ୍ଗକୁ ଚୁଡ଼ାର ଚାହିଦା ଅଧିକ ଥାଏ। ମିଠା କେଜି ପ୍ରତି ଦୁଇଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ତିଳଉ କେଜି ପ୍ରତି ଶହେ ଟଙ୍କାରେ ବିକ୍ରି ହେଉଛି। ଲୋକମାନେ ନିଜ ଘରକୁ ନେବା ସହ ବନ୍ଧୁବାନ୍ଧବଙ୍କ ଘରକୁ ଦେବା ପାଇଁ ନିଜ ପସନ୍ଦର ମିଠା କିଣୁଥିବା ଦେଖିବାକୁ ମିଳିଛି।

# 'ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଙ୍କଳ୍ପ' ପାଇଁ ଶପଥ



କାର୍ଯ୍ୟକ୍ରମରେ ଶପଥପାଠ କରାଯାଉଛି।

**ବାଲେଶ୍ୱର, ୧୩।୧(ବାଞ୍ଛାନିଧି ଦେ):**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧିକାରୀଗଣ, ଶିକ୍ଷକ, ଅଶିକ୍ଷଣ କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କ ସମେତ ୪୮୦ ଜଣ ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଙ୍କଳ୍ପ' ନିମନ୍ତେ ଶପଥପାଠ କରାଯାଇଥିଲା। ଏନ୍‌ଏସ୍‌ଏସ୍ ବ୍ୟୁରୋର ସମନ୍ୱୟକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଯୋଗଦେଇ ଆଜିର ଯୁବପିଢ଼ିକୁ ଶକ୍ତିଶାଳୀ ଓ ଗଢ଼ି ତୋଳିବାରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନର ଗୁରୁତ୍ୱକୁ ଉଜାଗର କରିଥିଲେ। ମୁଖ୍ୟଅତିଥି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଯୁବକମାନଙ୍କୁ ଏକ ଶକ୍ତିଶାଳୀ ଓ ଆତ୍ମନିର୍ଭର ଦେଶର ସତ୍ୟ ଶିଳ୍ପୀ ଭାବେ ଦେଖୁଥିବା ଦୃଷ୍ଟିକୋଣକୁ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଧାମନଗର କଲେଜର ପୂର୍ବତନ ପ୍ରାଚାର୍ଯ୍ୟ ଡ. ସୁରଞ୍ଜନ ପଣ୍ଡା ଯୋଗଦେଇ, 'ଭାରତୀୟ ଜ୍ଞାନ ପରମ୍ପରା ଓ ଯୁବଶକ୍ତି: ସ୍ୱାମୀ ବିବେକାନନ୍ଦଙ୍କ ଜାତୀୟ ଗର୍ବ ଓ ସ୍ୱଦେଶୀ ଚେତନାର ଦୃଷ୍ଟି' ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବାଲେଶ୍ୱର ବିବେକାନନ୍ଦ କେନ୍ଦ୍ର ସହନଗର ପ୍ରମୁଖ ନରେଶ ପାଢ଼ୀ ଯୋଗଦେଇ ଭାରତର ସମୃଦ୍ଧ ଜ୍ଞାନ ପରମ୍ପରାରୁ ପ୍ରେରିତ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଜଣେ ଛାତ୍ରଙ୍କୁ 'ଆତ୍ମନିର୍ଭର ଭାରତ ରାଜଦୂତ' ଭାବେ ସମ୍ମାନିତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ।

## କୁରୁଡ଼ା ମହୋତ୍ସବ ଉଦ୍‌ଯାପିତ

ରସାଳପୁର,୧୩।୧(ଶରତ ସାମଲ): ୭ ଦିନ ବ୍ୟାପୀ ଚାଲିଥିବା କୁରୁଡ଼ା ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଭିଜିଲାନ୍ସ ଏସ୍‌ପି ଅରୁଣ କୁମାର ନାୟକ, ସମ୍ମାନିତ ଅତିଥି ଖବରଦାତା ସତ୍ୟଶ୍ରୀ ସ୍ୱାଗତ କୁମାର ନାୟକ, କୁରୁଡ଼ା ବଜାର କମିଟି ସଭାପତି କମଳଲୋଚନ ମହାପାତ୍ର, ସଞ୍ଜୀବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ନାମୀଦାମୀ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ସଦର ଥାନା ଆଇଆଇସି ଅଜୟ କୁମାର ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବାହାନଗା, ୧୩।୧(ଅରୂପ କୁମାର ଦାସ):**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଶଙ୍କର୍ଷଣ ଶିଅଳଙ୍କ ସାରଙ୍ଗପୁର ବାସଭବନ ପରିସର ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶିର କୁମାର ଅଗସ୍ତି ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପୁଅମାନେ ସେମାନଙ୍କର ସ୍ତ୍ରୀ ପିଲାଙ୍କୁ ନେଇ ଘରଠାରୁ ଦୂରରେ ରହୁଥିବାରୁ ବୃଦ୍ଧାବୃଦ୍ଧ ମା'ବାପାମାନେ ଅସହାୟ ହୋଇପଡୁଛନ୍ତି। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା, ସ୍ୱାସ୍ଥ୍ୟସେବା, ଚିତ୍ତବିନୋଦନ ଏବଂ ଆଇନଗତ ବ୍ୟବସ୍ଥା ଉପରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏସବୁର ସମାଧାନ କରିବାକୁ ସଭ୍ୟମାନେ ମତ ଦେଇଥିଲେ। ବୈଠକରେ ବାହାନଗା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ଉପସ୍ଥିତ ରହି ବରିଷ୍ଠ ନାଗରିକ ମଞ୍ଚ ଗଠନର ଉଦ୍ଦେଶ୍ୟ ଏବଂ ସମାଜରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ଦିଗରେ ମଞ୍ଚର ଭୂମିକା ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ବୈଠକରେ ଗିରିଶ ଚନ୍ଦ୍ର ଦାଶ, ଶଙ୍କର୍ଷଣ ଶିଅଳ, ବସନ୍ତ ମହାପାତ୍ର, ସୁଦର୍ଶନ ମହାପାତ୍ର, ଭୂପାଳ ପଣ୍ଡା, ଉଦୟ ନାରାୟଣ ମହାପାତ୍ର, ବାସନ୍ତୀଲତା ବେହେରା, କମଳାକାନ୍ତ ଦାସ, ସତ୍ୟବ୍ରତ ଦାସ, ଅନିରୁଦ୍ଧ ବାରିକ ଓ ବେଣୁଧର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅଖଣ୍ଡ ଶିକାର ରୋକିବାକୁ ଫ୍ଲାଗ୍‌ମାର୍ଚ୍ଚ



ବନ ବିଭାଗ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଉଛି।

**ନୀଳଗିରି,୧୩।୧(ପ୍ରଶାନ୍ତ ବିଶ୍ୱାଳ):**

ଅଖଣ୍ଡ ଶିକାର ରୋକିବା ପାଇଁ ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରେ ବନବିଭାଗର ଫ୍ଲାଗମାର୍ଚ୍ଚ ସହିତ ବନବାସୀଙ୍କୁ ସଚେତନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି କୁଲଡିହା ରେଞ୍ଜ ଅଧିକାରୀ ତଥା ଏସିଏଫ୍ ଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଅଭୟାରଣ୍ୟର ପ୍ରତି ଏଣ୍ଟ୍ରି ପଏଣ୍ଟରେ ୧୦୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଫ୍ଲାଗମାର୍ଚ୍ଚ କରି ଜଙ୍ଗଲ ମଧ୍ୟକୁ ଯେପରି ପଶୁ ଶିକାର ଉଦ୍ଦେଶ୍ୟରେ ପ୍ରବେଶ ନ କରନ୍ତି ସେଥିପ୍ରତି ୨୪ଘଣ୍ଟିଆ ସଜାଗ ରହିଛନ୍ତି। ଏଥିସହିତ ଚଳିତବର୍ଷ ନୂଆକରି ଏଆଇ କ୍ୟାମେରାର ସହଯୋଗ ନିଆଯାଇଥିବା ବେଳେ ଟ୍ରାପ କ୍ୟାମେରା, ଗାଁ ଗାଁ ବୁଲି ବିଭାଗ ତରଫରୁ ଶିକାର ନ କରିବାକୁ ସଚେତନ କରାଯାଇଛି। ତେବେ ଆଦିବାସୀ ସମ୍ପ୍ରଦାୟର ଏହି ପାରମ୍ପରିକ ପ୍ରଥା ପାଇଁ ହଜାର ହଜାର ନିର୍ବାକ ପଶୁଙ୍କ ଶିକାର ରୋକିବାକୁ ବନବିଭାଗ ସଚେତନ ଥିବା ସୂଚନା ମିଳିଛି।

# ୮୯ବର୍ଷରେ ପ୍ରସିଦ୍ଧ କୁପାରୀ ମୁନିମେଳା

**ଖଇରା, ୧୩।୧(ଉତ୍କଳବନ୍ଧୁ ପଣ୍ଡା):**



୮୯ ବର୍ଷ ଧରି ମନ୍ଦିରରେ ପୂଜା ପାଉଥିବା କପିଳ ମୁନି।

- ୧୫ରୁ ପ୍ରବଚନ, ପାଲା ଓ ୨୦ରୁ ମହୋତ୍ସବ
- ଏଥର ଜଗନ୍ନାଥଙ୍କ ୩୨ ବେଶ ଦର୍ଶନ କରିବେ ଭକ୍ତ

ରାତି ପାହିଲେ ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀର ପ୍ରସିଦ୍ଧ କପିଳ ମୁନିମେଳା ୮୯ ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତବର୍ଷ ଜାକଜମକରେ ଆରମ୍ଭ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆଲୋକସଜ୍ଜାରେ ଝଲସି ଉଠୁଛି କୁପାରୀ। ମେଳା ଯଜ୍ଞ ଓ ମହୋତ୍ସବକୁ କିଭଳି ଶାନ୍ତିଶୃଙ୍ଖଳାରେ ଆୟୋଜନ କରାଯାଇପାରିବ ସେଥିପାଇଁ କମିଟି କର୍ମକର୍ତ୍ତାମାନେ ଦିନରାତି ଏକ କରିଦେଇଛନ୍ତି। ୧୫ତାରିଖରେ ପ୍ରବଚନ, ୧୬ ଓ ୧୭ ତାରିଖ ୨ ଦିନ ଧରି ପାଲା ,୧୮ ଓ ୧୯ତାରିଖ ଦୁଇ ଦିନ ଧରି ସ୍ଥାନୀୟ କଳାକାରମାନେ ନିଜର ପ୍ରତିଭା ଦେଖାଇବେ। ପରେ ଦର୍ଶକମାନେ ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମହୋତ୍ସବର ମଜା ନେବେ। ସେହିଭଳି ଆକର୍ଷଣର କେନ୍ଦ୍ରବିନ୍ଦୁ ଭାବେ ଭକ୍ତମାନେ ଜଗନ୍ନାଥଙ୍କ ୩୨ବେଶ ଦର୍ଶନ କରିବେ । ମେଳା ଆରମ୍ଭ ସମ୍ପର୍କରେ ଥିବା ପ୍ରବାଦ ଅନୁଯାୟୀ ସ୍ୱାଧୀନତା ପୂର୍ବରୁ କୁପାରୀ ୩ ଶାସକଙ୍କ ଅଧୀନରେ ଥିଲା। ଗୋଟିଏ ଅଂଶ ନୀଳଗିରି ଗଡ଼ଯାତ ରାଜାଙ୍କ ଅଧୀନରେ ଥିବା ଅନ୍ୟ ଏକ ଅଂଶ ଶାସକ ରତ୍ନାକର ବାବୁଙ୍କ କଚେରୀ ଅଧୀନରେ ଏବଂ ଅନ୍ୟ ଏକ ଭାଗ ଖାସମାହାଲ ଶାସକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଘଟଣାକ୍ରମେ ୧୯୩୭ ମସିହାରେ ତାହି ତିଶଳପୁର ଗ୍ରାମର ଜଣେ ସଂମ୍ଭ୍ରାନ୍ତ ବ୍ୟକ୍ତି ବିବାଦୀୟ ମାମଲାରେ ଜଡିତ ହେବା ପରେ ମୀମାଂଶା ପରେ ତାଙ୍କ ନିକଟରୁ ୩ଶହ ଟଙ୍କା ଆଦାୟ କରାଯାଇଥିଲା। ଖାସମାହାଲ ଅଧୀନରେ ଥିବା ଜାଗା(ବର୍ତ୍ତମାନର ମେଳା ସ୍ଥାନ)ରେ ମକର ମେଳା ଆରମ୍ଭ ପାଇଁ ତତ୍କାଳୀନ ତହସିଲଦାର ନାରାୟଣ ଲେଙ୍କାଙ୍କ ପ୍ରଚେଷ୍ଟାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ତାଙ୍କୁ ଦିବଂଗତ ବନମାଳି ମହାପାତ୍ର, ସଚ୍ଚିଦାନନ୍ଦ ମହାପାତ୍ର, ହାଡିବନ୍ଧୁ ଜେନା, ଭୋଗିରାମ ମୁଖୀ ତଥା ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଦିବଂଗତ ବାବା ଓମ୍‌କାର ମୁନୀ ଉଦାସୀନଙ୍କ ସମେତ ଆହୁରି ଅନେକ ବ୍ୟକ୍ତି ମେଳା ଆରମ୍ଭ ଓ ବୃଦ୍ଧିରେ ସହଯୋଗ କରିଥିଲେ। ନିଜେ ତହସିଲଦାର ଗଙ୍ଗାସାଗରରୁ ମାଟି ଆଣିବା ପରେ ଟିକିରା ପ୍ରତିଷ୍ଠା କରି କପିଳମୁନୀଙ୍କ ମାଟି ମୂର୍ତ୍ତି ରଖି ମୀମାଂସାରୁ ଏବଂ ବିଭିନ୍ନ ଗ୍ରାମରୁ ସଂଗୃହୀତ ଅର୍ଥରେ ପୂଜା ହୋଇଥିଲା। ପ୍ରଥମେ ଏହା ଗଡପୋଖରୀ ପଞ୍ଚାୟତ ଅଧୀନରେ ଥିବା ବେଳେ ପରବର୍ତ୍ତୀ ସମୟରେ କୁପାରୀ ପାଠାଗାର ଅଧୀନକୁ ଆସିଥିଲା। ତା'ପରେ ଗ୍ରାମ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଏବେ ମେଳାର କଳେବର ଯଥେଷ୍ଟ ବଢ଼ିଯାଇଥିବା ବେଳେ ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦୁ ମୁନିଙ୍କ ପ୍ରେରଣାରେ ଏବଂ ଚଳିତବର୍ଷ ବିଧାୟକ ପଦ୍ମଲୋଚନ ପଣ୍ଡା, ସ୍ଥାନୀୟ ଜିଲା ପରିଷଦ ତଥା କମିଟି ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, କମିଟି ସଭାପତି ବାସୁଦେବ ପଣ୍ଡା, କୋଷାଧ୍ୟକ୍ଷ ବିଜୟକୃଷ୍ଣ ମହାପାତ୍ର ତଥା ସମସ୍ତ କମିଟି ସଭ୍ୟ ଏବଂ କୁପାରୀ ଗ୍ରାମବାସୀଙ୍କ ସହଯୋଗରେ ମେଳାକୁ ଆକର୍ଷିତ କରିବାକୁ ପ୍ରୟାସ ଜାରି ରହିଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ପୋଡ଼ିଗଲା

**ହାଟଡିହୀ,୧୩।୧(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆଁ ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡ଼ିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନି। ଗ୍ରାମର ପଙ୍କଜ ସେଠୀ, ମନୋଜ ସେଠୀ, ଜଗନ୍ନାଥ ସେଠୀ, ପୁରୁଷୋତ୍ତମ ସେଠୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଆସବାପତ୍ର, ଧାନ, ଚାଉଳ ଏବଂ ସମସ୍ତ ଉପକରଣ ପୋଡ଼ି ଯାଇଛି। ପରିବାର ଲୋକ ଶୋଇଥିବା ସମୟରେ ଏପରି ଅଗ୍ନିକାଣ୍ଡ ଘଟିଥିଲା। ଲୋକ ଉଠି ଦେଖିଲା ବେଳକୁ ନିଆଁ ଚାରି ଆଡେ ବ୍ୟାପି ଯାଇଥିଲା। ହାଟଡ଼ିହୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେ ବେଳକୁ ୪ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ଘରେ ଥିବା ଆସବାବପତ୍ର ଓ ଅନେକ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

### ଆମୋନିଆ ମୁକ୍ତ କର୍ମଶାଳା

**ବଡ଼ଳା,୧୩।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟ ଗୃହରେ ଆମୋନିଆ ମୁକ୍ତ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିପିଏମ ଚନ୍ଦନ ସାହୁଙ୍କ ସଂଯୋଜନାରେ ଏବିଇଓ ପ୍ରମୋଦ ନାୟକ, ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଂଗ୍ରାମ କିଶୋରୀ ବ୍ରହ୍ମ ଯୋଗଦେଇ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହିତ ଆମୋନିଆ ରୋଗର କାରଣ ନିରାକରଣ ଓ ଚିକିତ୍ସା ବିଷୟରେ ତାଲିମ ଦେଇଥିଲେ। ଏଥିରେ ବିଭିନ୍ନ କ୍ଲଷ୍ଟରରୁ ୪୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଜୁନିୟର ଏଣ୍ଟମୋଲୋଜିଷ୍ଟ ସ୍ମୃତି ସ୍ୱରୁପ ପୁହାଣ, ଡିଇଓ ରଶ୍ମି ପ୍ରିୟା ମାହାନ୍ତି ସହଯୋଗ କରିଥିଲେ।

### ଟ୍ରକ୍ ମାଲିକଙ୍କ ଅକାଳ ବିୟୋଗ

**ଚମ୍ପୁଆ,୧୩।୧(ମହେଶର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ମୌଲାନା ଗୋଡ଼ାର ଟ୍ରକ୍ ମାଲିକ ସର୍ଫରାଜ ଆଲାମଙ୍କ ଅକାଳ ବିୟୋଗ ହୋଇଯାଇଛି। ସୋମବାର ରାତିରେ ଶାରୀରିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଖବରପାଇ ଯୋଡ଼ା ଟ୍ରକ୍ ମାଲିକ ସଂଘ ସଭାପତି ମାତା ଜୟସାଲ, ସମ୍ପାଦକ ସୁଶାନ୍ତ ବାରିକ, ଅଶୋକ କାରୁଆ, ବିଜୁ ଆପଟ, ରାଜେଶ ରୋଷନ, ପୂର୍ବତନ ସମ୍ପାଦକ ରବି ଦାସ, ମାୟା ପାତ୍ର ପ୍ରମୁଖ ସଂଘ କର୍ମକର୍ତ୍ତାମାନେ ସର୍ଫରାଜ ଘରେ ପହଞ୍ଚି ସମବେଦନା ଦେଇଥିଲେ। ସର୍ଫରାଜ ଆଜକୁ ୩୦ ବର୍ଷ ହେବ ଟ୍ରକ୍ ମାଲିକ ଭାବରେ ସଂଘ ସହ ଜଡ଼ିତ ହୋଇଥିବା ବେଳେ ତାଙ୍କ ଅନ୍ତିମ ଦର୍ଶନ ପାଇଁ ଯୋଡ଼ା, ଚମ୍ପୁଆର ବହୁ ଟ୍ରକ୍ ମାଲିକ ସାମିଲ ହୋଇଥିଲେ।

# 'କେନ୍ଦୁଝରରେ ଏନ୍‌ଏସ୍‌ଡିର ରାଜ୍ୟ ଶାଖା ଖୋଲିବ'

**କେନ୍ଦୁଝର,୧୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କଳା ଏବଂ ସଂସ୍କୃତି ଯେ କୌଣସି ସମାଜର ଆତ୍ମା। ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା, ସ୍ୱପ୍ନ ପ୍ରତିଫଳିତ ହୋଇଥାଏ ବୋଲି ମଙ୍ଗଳବାର ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

କେନ୍ଦୁଝର ଜିଲା ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ। ଏହାର ସମସ୍ତ ଆନୁସଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ। ଏଥିସହ କଳାକୁ ଏବଂ କଳାକାରକୁ ଉଚିତ ସମ୍ମାନ ଦେଖାଇ ଆମ ସରକାର କଳାକାରଙ୍କ ଭତ୍ତା ବୃଦ୍ଧି କରିଛନ୍ତି। କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଯୁବ ପ୍ରତିଭାକୁ ସମର୍ଥନ କରିବା, ପାରମ୍ପରିକ ରୂପ ସଂରକ୍ଷଣ କରିବା, ସୃଜନଶୀଳ ପ୍ରକାଶନ ପାଇଁ ନୂତନ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହି ଆସୁଛନ୍ତି, 'ବିକାଶ ଭି, ବିରାଶତ ଭି'। ଆମ ସରକାର ଏହି ମାନତାରେ ଉଦବୁଦ୍ଧ ହୋଇ ବିକାଶ ଏବଂ ଓଡ଼ିଶାର ସାଂସ୍କୃତିକ ପରିଚୟକୁ ପ୍ରଚାର ପ୍ରସାର କରିବା ପାଇଁ କାର୍ଯ୍ୟରତ। ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ଅନନ୍ୟ। ଏହାର ସୁରକ୍ଷା, ପ୍ରଚାର-ପ୍ରସାର ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଗଞ୍ଜାମ ଜିଲାର ଭାରତ ଲୀଳା ଯାହା ସୁଭଦ୍ରା ଓ ଅର୍ଜ୍ଜୁନଙ୍କ ବିବାହ ଉପରେ ଆଧାରିତ ହୋଇଛି। ଆଉ ଏକ ଅତ୍ୟନ୍ତ ଲୋକପ୍ରିୟ ଗଣନାଟ୍ୟ ହେଉଛି 'ଦଣ୍ଡ ନାଚ' ତଥା 'ଝାମୁ ଯାତ୍ରା'। ଏହି ଯାତ୍ରାରେ ଗ୍ରାମାଞ୍ଚଳ ଓ ଜନଜାତିଙ୍କ ଜୀବନଶୈଳୀ ଓ ପରମ୍ପରା ପ୍ରଦର୍ଶିତ ହୋଇଥାଏ। ପଡ଼ୋଶୀ ଜିଲା ମୟୂରଭଞ୍ଜର ବିଶ୍ୱ ପ୍ରସିଦ୍ଧ 'ଛଉ ନାଚ' ଶାସ୍ତ୍ରୀୟ ଏବଂ ମାର୍ଶାଲ ଆର୍ଟ ଫର୍ମର ଏକ ସୁନ୍ଦର ସମାହାର। ଓଡ଼ିଶାର ଏହିସବୁ ସମ୍ଭ୍ରାନ୍ତ ନାଟ୍ୟ ପରମ୍ପରା ସହିତ ଲୋକକଳା ଓ ଲୋକ ପରମ୍ପରାକୁ ସୁରକ୍ଷିତ ରଖି ତାର ପ୍ରଚାର-ପ୍ରସାର କରିବା ପାଇଁ ଆମେ ବଦ୍ଧ ପରିକର। ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ୍ ଅଫ୍ ଡ୍ରାମା ପକ୍ଷରୁ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥିଭାବେ ଏମ୍‌ପି ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଜିଲାପାଳ ବିଶାଳ ସିଂହ ଯୋଗଦେଇଥିଲେ।

### ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସନ୍ଧ୍ୟା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଚରେ ଅଭିଭାଷଣ ରଖୁଛନ୍ତି।

# ୧୧ ନୂତନ ରୁଟ୍‌ରେ 'ମୁଖ୍ୟମନ୍ତ୍ରୀ ବସ ସେବା'

**କେନ୍ଦୁଝର,୧୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାର ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସହଜ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ସୋମବାର ଜିଲାପାଳ ବିଶାଲ ସିଂହଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ବସ ସେବା'ର ସଂଶୋଧିତ ରୁଟ୍‌ଗୁଡ଼ିକର ଶୁଭାରମ୍ଭ ହୋଇଛି। ନୂତନ ପଦକ୍ଷେପ ଦ୍ୱାରା ଜିଲାର ବିଭିନ୍ନ ବ୍ଲକ୍ ଓ ସଦର ମହକୁମା ମଧ୍ୟରେ ଯୋଗାଯୋଗ ଆହୁରି ସରଳ ହେବ।

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସୂଚନା ଅନୁଯାୟୀ, ଗତ ୧୪ ନଭେମ୍ବର ୨୦୨୫ରେ ଅନୁଷ୍ଠିତ ଜିଲାସ୍ତରୀୟ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଏହି ରୁଟ୍‌ଗୁଡ଼ିକର ଯୁକ୍ତିକରଣ କରାଯାଇଛି। ଜନସାଧାରଣଙ୍କୁ ନିର୍ଭରଯୋଗ୍ୟ ଏବଂ ଆରାମଦାୟକ ପରିବହନ ସେବା ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ। ଜିଲାରେ ସମୁଦାୟ ୧୧ଟି ରୁଟ୍‌ରେ ବସ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି। ଯେଉଁଥିରେ ୩ଟି ଜିଲା ସଂଯୋଗୀକରଣ ରୁଟ୍ ଏବଂ ୮ଟି ବ୍ଲକ୍ ସଂଯୋଗୀକରଣ ରୁଟ୍ ରହିଛି। ଜିଲାର ନୂତନ ସଂଯୋଗୀକରଣ ରୁଟ୍ ମଧ୍ୟରେ ଘଟଗାଁରୁ କେନ୍ଦୁଝର ସଦର (ପିପିଳିଆ ଦେଇ) ପାଟଣାରୁ କେନ୍ଦୁଝର ସଦର (ଶରଦାପୁର ଦେଇ) କେନ୍ଦୁଝର ସଦରରୁ ହରିଚନ୍ଦନପୁର ଏବଂ ବ୍ଲକ୍ ସଂଯୋଗୀକରଣ ରୁଟ୍ ମଧ୍ୟରେ ଆନନ୍ଦପୁରରୁ ହାଟଡ଼ିହୀ, ଆନନ୍ଦପୁରରୁ କଦବାହାଳ (ଘସିପୁରା ଦେଇ), ହରିଚନ୍ଦନପୁରରୁ ଦେଓଗାଁ, ହରିଚନ୍ଦନପୁରରୁ ଘଟଗାଁ, ହାଟଡ଼ିହୀରୁ ଘସିପୁରା, ହାଟଡ଼ିହୀରୁ ଆନନ୍ଦପୁର, ସାହାରପଡ଼ାରୁ ପାଟଣା ଏବଂ ଘସିପୁରାରୁ ହାଟଡ଼ିହୀ ନୂତନ ବସସେବା ଦ୍ୱାରା ବ୍ଲକ ଏବଂ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଆହୁରି ସହଜ ହୋଇପାରିବ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ ସପଥ ପାଠ କରୁଛନ୍ତି।

**କେନ୍ଦୁଝର,୧୩।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। କେନ୍ଦୁଝର ପୂର୍ବାଞ୍ଚଳ କ୍ଷୁଦ୍ର ଜଳସେଚନ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନ୍ଦୀପ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ କୃଷିର ଭିତ୍ତିଭୂମିର ଉନ୍ନତି, ଜଳ ସଂରକ୍ଷଣ ଓ ସୁବଣ୍ଟନ ମାଧ୍ୟମରେ ଚାଷୀର ଆୟକୁ ବହୁଗୁଣିତ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଅନ୍ୟତମ ସମ୍ମାନିତ ଅତିଥିଭାବେ କ୍ଷୁଦ୍ର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ. ରଶ୍ମୀ ରେଖା ଚାତାର, ସ୍ୱତନ୍ତ୍ର ଅତିଥିଭାବେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଅଶୋକ ସେଠୀ, ବିଦ୍ୟାଧରପୁର କେନାଲ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଭାଗୀରଥି ପାତ୍ର, କେନ୍ଦୁଝର ଉଠା ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ବେହେରା, ସପୋର୍ଟ ସଂସ୍ଥାର ଟିମ୍ ଲିଡର ମିହିରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତଗୁଡ଼ିକ ସୁଦୃଢ ହେଲେ ଚାଷୀମାନେ ଉପକୃତ ହୋଇପାରିବ। ଏହି ଅବସରରେ ସଫଳ ଚାଷୀଭାବେ ସଦର ବ୍ଲକ୍ କଣ୍ଡରାପଶି ପଞ୍ଚାୟତ ଧର୍ନୁଜୟପୁର ଗ୍ରାମର ପ୍ରମୋଦ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୌମାଶ୍ରୀ ଚାଟାର୍ଜୀ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। କ୍ଷୁଦ୍ର ଜଳସେଚନ ଡିଭିଜନ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ(୨) ଇଂ. ମଙ୍ଗୁଳି ଚରଣ ସିଂ, ତେଲକୋଇ ସବ୍ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ପିଠ ସୋରେନ, ସହକାରୀ ଯନ୍ତ୍ରୀ ଇଂ. ଯୁଧିଷ୍ଠିର ସା, ଇଂ. ଚିତ୍ତରଞ୍ଜନ ଜେନା, ଇଂ. ଆନନ୍ଦ ମଣ୍ଡଳ, ଇଂ. ଦିବ୍ୟ ସିଂ ପ୍ରଧାନ, ବିଭାଗୀୟ ଅଧିକାରୀ ସୁଶିଲ ସେଠୀଙ୍କ ସମେତ କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ପାଣି ପଞ୍ଚାୟତ କର୍ମକର୍ତ୍ତା, କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (୧) ଇଂ. ସୁକେସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଏାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଦ୍ୟାଳୟସ୍ତରରେ ରଚନା, ବକ୍ତୃତା, ଚିତ୍ରାଙ୍କନ, କୁଇଜ ଏବଂ ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସୋସିଆଲ ମିଡିଆରେ ଅମଲାଙ୍କ ବାର୍ତ୍ତାକୁ ନେଇ ଚର୍ଚ୍ଚା

**ପାଟଣା,୧୩।୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ହାଇସ୍କୁଲର କିରାଣି, ଭାଷ୍ୟକାର ତଥା ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ସଚ୍ଚିଦାନନ୍ଦ ମହାକୁଡ଼ଙ୍କ ଏକ ବର୍ତ୍ତା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେ ନିଜ ଫେସ୍‌ବୁକ୍ ପେଜ୍‌ରେ କେନ୍ଦୁଝରରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ପର୍ବପର୍ବାଣି ସମୟରେ ସେମାନେ ପରିବାରଠାରୁ ଦୂରରେ ରହି କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ମଧ୍ୟ ଛୁଟି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିବେଦନ କରିଛନ୍ତି। ପ୍ରାୟ ସମସ୍ତ ପର୍ବପର୍ବାଣି ସମୟରେ ଜିଲା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ଗସ୍ତ ରହୁଥିବାରୁ ପୋଲିସ କର୍ମଚାରୀ ଅଧିକ ଚାପଗ୍ରସ୍ତ ହେଉଥିବା ସେ କହିଥିବାରୁ ଏହା ପରୋକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରାଯାଇଥିବା କୁହାଯାଉଛି। ଏଥିସହ ପୋଲିସର କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ରିଲ୍ ଜରିଆରେ ପୋଲିସ କର୍ମଚାରୀଙ୍କୁ ଛୁଟି ଦେବା ସହ ସେମାନଙ୍କର ଦାବିଗୁଡ଼ିକ ପୂରଣ କରିବାକୁ ନିବେଦନ କରିଛନ୍ତି। ପ୍ରକାଶଯୋଗ୍ୟ, ବୁଧବାର ମୁଖ୍ୟମନ୍ତ୍ରୀ ପାଟଣା ରାଜନଗର ବୈତରଣୀରେ ମକର ବୁଡ଼ ପକାଇବାକୁ ରାଜନଗର ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ସମୟରେ ଅମଲାଙ୍କ ଉକ୍ତ ବାର୍ତ୍ତା ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

# ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ




**ଢେଙ୍କିକୋଟ,୧୩।୧(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟସ୍ଥିତ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ହାଇସ୍କୁଲରେ ମଙ୍ଗଳବାର ୫୫ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁଙ୍କ ସଭାପତିତ୍ୱ ମୁଖ୍ୟ ଅତିଥିଭାବେ ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ମହାନ୍ତ, ସମ୍ମାନୀୟ ଅତିଥିଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ପୃଷ୍ଟି, ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଗଣେଶ୍ୱର ସାହୁ, ସ୍ଥାନୀୟ ସରପଞ୍ଚ ଖଇର ନାଏକ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସମ୍ପାଦକ ରାମଚନ୍ଦ୍ର ସାହୁ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଲମ୍ବୋଦର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ହାଇସ୍କୁଲର ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶିକ୍ଷକ ଲମ୍ବୋଦର ନାଏକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜେଡି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ପାଟଣା,୧୩।୧(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ବହୁ ତୁଙ୍ଗ ନେତାଙ୍କୁ ରାଜ୍ୟ ବିଜେଡି ତଥା ଜିଲା ବିଜେଡି କାର୍ଯ୍ୟକାରିଣୀରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କିଛି ଦିନ ତଳେ ନିଯୁକ୍ତି ଦେଇଥିଲେ। ବିଜେଡି ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ମଙ୍ଗଳବାର ପାଟଣା ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା ନେତୃତ୍ୱଙ୍କ ମଧ୍ୟରେ ରହିଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପାଟଣା ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ବିଜେଡ଼ି ଜିଲା ଉପ ସଭାପତି ତଥା ବରିଷ୍ଠ ଆଇନଜୀବୀ ରାହାସ ବିହାରୀ ପୃଷ୍ଟି, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ ଦେଓ, ମହେନ୍ଦ୍ର ସାହୁ, ନିରଞ୍ଜନ ତ୍ରିପାଠୀ, ବସନ୍ତ ମିଶ୍ର, ଜିଲା ସମ୍ପାଦକ ଭାବେ ଶତ୍ରୁଘ୍ନ ସିଂ। ନବ ନିଯୁକ୍ତ ପଦାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ନୂତନଭାବେ ଜିଲା ଓ ରାଜ୍ୟ କମିଟିରେ ସ୍ଥାନ ପାଇଥିବା କର୍ମକର୍ତ୍ତାମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୨୩ ନଂ. ଜିଲାପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡ଼ପାଟଣା ସରପଞ୍ଚ ବିନତୀ ବାନରା, ବଡ଼ପାଟଣା ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତଙ୍କ ସହ ବରିଷ୍ଠ ନେତା ଅନନ୍ତ ଚରଣ ମହାନ୍ତ, ମହେନ୍ଦ୍ର ମିଶ୍ର, ସୁମିତ ପତି, ରଞ୍ଜନ ବେହେରା, ଅଜିତ ସେଠୀ, ସୁଦାମ ଦାଶ, ସନ୍ତୋଷ କର, କାଳିଆ ମହାନ୍ତଙ୍କ ଶହ ଶତାଧିକ ନେତା ଉପସ୍ଥିତ ଥିଲେ।

# ଆନନ୍ଦପୁର ବ୍ଲକ୍, ପୌରାଞ୍ଚଳ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

**ବଞ୍ଚୋ,୧୩।୧(ପ୍ରଦୋଷ କୁମାର ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଓ ପୌରାଞ୍ଚଳର ତୃତୀୟ ଶ୍ରେଣୀ ମେଧାବୃତ୍ତ ପରୀକ୍ଷାଫଳ ପ୍ରକାଶ ପାଇଛି। ପୌରାଞ୍ଚଳ ମେଧାବୃତ୍ତିରେ ପଦ୍ମପୁର ଏସ୍‌ଏନ୍ ହାଇସ୍କୁଲର ରିଙ୍କି ସାହୁ ପ୍ରଥମ, ଘସିପୁରା କନକମଞ୍ଜରୀ ବାଳଶିକ୍ଷା ସଂସ୍ଥାନର ଦୁର୍ଗାପ୍ରସାଦ ସାହୁ ଦ୍ୱିତୀୟ, ଫକୀରପୁର ବାଲୁଙ୍କେଶର ଯୁପି ସ୍କୁଲର ଅର୍ପିତା ସ୍ୱାଇଁ ତୃତୀୟ, ଫକୀରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କ୍ଷୀରାବ୍ଧି ତନୟା ଦାସ ଚତୁର୍ଥ, ଅମୃତାଂଶୁ ପାତ୍ର ପଞ୍ଚମ, ପଦ୍ମପୁର ଏସ୍‌ଏନ୍ ହାଇସ୍କୁଲର ସ୍ୱସ୍ତିତପା ବେହେରା ଷଷ୍ଠ, ଆନନ୍ଦପୁର ଯୁପି ସ୍କୁଲର ପ୍ରଣତି ଜେନା ସପ୍ତମ ହୋଇଛନ୍ତି। ଆନନ୍ଦପୁର ବ୍ଲକ୍ କୋଡ଼ପଡ଼ା ସ୍କୁଲର ଧର୍ମପଦ ସା' ପ୍ରଥମ, ବିଶାଲ ଓଝା ଦ୍ୱିତୀୟ, କଣ୍ଟିପାଳ ଏସ୍‌ଏନ୍ ଭିଏସ୍କେର ରୁଦ୍ରନାରାୟଣ ଖଣ୍ଡା ତୃତୀୟ, ପୁରୁଣିଆ ଯୁପି ସ୍କୁଲର ସୌମ୍ୟା ସିମିରନ ରାଉତ ଚତୁର୍ଥ, ବୁଢ଼ୀକୁଦ ସ୍କୁଲର ବଳଜିତ ନାରାୟଣ ନାଏକ ପଞ୍ଚମ, ଟୋଲଙ୍କପଡ଼ା ଯୁପି ସ୍କୁଲର ଭାଗ୍ୟଲକ୍ଷ୍ମୀ ସାହୁ ଷଷ୍ଠ, ଗୟଳମୁଣ୍ଡା ଯୁପି ସ୍କୁଲର ଉପାସନା ପ୍ରିୟଦର୍ଶିନୀ ଭୋଇ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମେଧାବୃତ୍ତରେ ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର, ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୋଡ଼ବିଲ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବୋଡ଼ାବିଲ ଯୁପି ସ୍କୁଲ, ବେଲବାହାଲି ଏସ୍‌ଏନ୍ ଯୁପି ସ୍କୁଲ, ଟାଙ୍ଗର ଯୁପି ସ୍କୁଲ, ପଞ୍ଚୁପଲ୍ଲୀ ମହେନ୍ଦ୍ର ଯୁପି ସ୍କୁଲ, ବେଲବାହାଲି ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସିଆପଡ଼ା ଯୁପି ସ୍କୁଲ, ପୁରୁଣିଆ ଯୁପି ସ୍କୁଲ, ବେଲବାହାଲି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

# ବାବା ବନେଶ୍ୱରଙ୍କ ପୀଠର ଉନ୍ନତୀକରଣ ଦାବି

**ଛେନାପଦି,୧୩।୧(ନିରାକାର ପରିଡ଼ା)**



ପାହାଡ଼ ଉପରେ ଅବସ୍ଥାନ କରିଥିବା ବାବା ବନେଶ୍ୱର।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଛେନାପଦି ଗାଁମୁଣ୍ଡରେ ଦଣ୍ଡାୟମାନ ବଡ଼ଳା ପାହାଡ଼ର ଶୀର୍ଷରେ ପୂଜା ପାଉଥିବା ବାବା ବନେଶ୍ୱରଙ୍କ ପୀଠର ଉନ୍ନତୀକରଣ କରିବାକୁ ଦାବି ହୋଇଛି। ବିଭିନ୍ନ ପର୍ବପର୍ବାଣି ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମାତ୍ର ପୀଠକୁ ଯିବାକୁ ଶିଡ଼ି ନ ଥିବା ବେଳେ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ପୀଠର ଉନ୍ନତୀକରଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ଆଜକୁ ୨୭ବର୍ଷ ପୂର୍ବେ ହାଟଡ଼ିହୀ ବ୍ଲକ୍ ଅଞ୍ଚଳର ଡ୍ରାଇଭରଙ୍କ ଉଦ୍ୟମ ସହ ଛେନାପଦି, ଗଳିଗୋପାଳପୁର, ଗୋବିନ୍ଦପୁର, ମଠ, କୁଣ୍ଡିସାହି ଆଦି ଗ୍ରାମର ଉଦୀୟମାନ ବ୍ୟକ୍ତିଙ୍କ ସହଯୋଗରେ ପାହାଡ଼ର ଶୀର୍ଷରେ ବାବା ବନେଶ୍ୱରଙ୍କ ପୂଜା ଆରମ୍ଭ ହୋଇଥିଲା। ମନ୍ଦିର ନ ଥିବାରୁ ବାବା ବନେଶ୍ୱରଙ୍କ ପୂଜା ବେଲଗଛ ମୂଳରେ ହେଉଛି। ବନେଶ୍ୱର ବାବାଙ୍କ ପୂଜାବିଧି ଆରମ୍ଭ ହେବାର ପ୍ରାୟ ୫ବର୍ଷ ପରେ ପୂର୍ବତନ ବିଧାୟକ ଜୟଦେବ ଜେନା ନିଜ ହାତପାଣ୍ଠିରୁ ମନ୍ଦିର ନିର୍ମାଣ ପାଇଁ ଅନୁଦାନ ଦେଇଥିଲେ। ଅନୁଦାନ ଅର୍ଥରେ କେବଳ ମନ୍ଦିରର ମୂଳଦୁଆ ହିଁ ପଡ଼ିଛି। ଅର୍ଥ ଅଭାବ କାରଣରୁ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପାହାଡ଼ ତଳୁ ପ୍ରାୟ ୧ ହଜାର ଫୁଟ୍ ଉର୍ଦ୍ଧ୍ୱରେ ବାବା ବନେଶ୍ୱର ବିରାଜମାନ ହୋଇଥିବା ବେଳେ ସେଠାକୁ ଯିବା ପାଇଁ ରାସ୍ତାର ସୁବ୍ୟବସ୍ଥା ନାହିଁ। ପାହାଡ଼ର ଖସଡ଼ା ପଥର ଉପରେ ପାଦ ଥାପି ଥାପି ବହୁ କଷ୍ଟରେ ବାବାଙ୍କ ନିକଟକୁ ଯିବାକୁ ହୁଏ। ଡ୍ରାଇଭରଙ୍କ ଉଦ୍ୟମରେ ପାହାଡ଼ର କିଛି ବାଟ ପାହାଚ ନିର୍ମାଣ ହୋଇପାରିଛି। ଏଥିସହ ପାନୀୟଜଳ ଓ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁଙ୍କ ସମସ୍ୟା ହେଉଛି। ପ୍ରାୟତଃ ସବୁଦିନ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲେ ମଧ୍ୟ ନବବର୍ଷ, ମକର ସଂକ୍ରାନ୍ତି, ପଣା ସଂକ୍ରାନ୍ତି, ରଜପର୍ବ ସହ ତମାମ ଶ୍ରାବଣ ମାସରେ ଶ୍ରଦ୍ଧାଳୁଙ୍କ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ମନ୍ଦିର ପର୍ଯ୍ୟନ୍ତ ରାସ୍ତା, ପାନୀୟଜଳ ଓ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଯୁବ ସାମାଜିକ କର୍ମୀ ଉଦୟନାଥ ସାଙ୍କ ସହ ଡ୍ରାଇଭର ସୁରେଶ ସା, କମଳ ଜେନା, ଟୁକୁନ ଭଦ୍ରା, ମଧୁସୂଦନ ଜେନା, ସନ୍ତୋଷ ଜେନା(କ), ବାପୁନ ଜେନା, ସନ୍ତୋଷ ଜେନା(ଖ), କାଳନ୍ଦୀ ସା, ରାଜୁ ଜେନା, ବୁଦ୍ଧଦେବ ପେରେଇ, ସୁଶାନ୍ତ ଦାଶ, ଗୋଜି ଜେନା, ଚକୁନ ଜେନା, ପ୍ରତାପ ଜେନା, ସୁଧାଂଶୁ ଶେଖର ମଣ୍ଡଳ, ଦିଲୀପ ମଲ୍ଲିକ, ମାନସ ରଣା ପ୍ରମୁଖ ଦାବି କରିଛନ୍ତି।

## ମକର ପାଇଁ ଖଣି ଅଞ୍ଚଳ ଚଳଚଞ୍ଚଳ

**ଯୋଡ଼ା,୧୩।୧(ମାନସ ମହାନ୍ତି)**

କେନ୍ଦୁଝର ଜିଲା ମକର ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ଏହି କ୍ରମରେ ଖଣି ଅଞ୍ଚଳ ଯୋଡ଼ା ମକର ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଆଦିବାସୀ ଲୋକେ ମକର ପାଇଁ ବଜାରରେ କିଣାକିଣି କରିଛନ୍ତି। ମକର ସଂକ୍ରାନ୍ତିରେ ପରମ୍ପରା ଅନୁଯାୟୀ ନୂଆ ଚାଉଳ, ପିଠାପଣା ସହିତ ମକର ଚାଉଳ ନବାନ୍ନ ଭଗବାନଙ୍କୁ ଅର୍ପଣ କରାଯାଏ। ନୂତନ ବସ୍ତ୍ର ପରିଧାନ କରି ମାଦଳର ତାଳେ ତାଳ ମହିଳା, ପୁରୁଷ ନୃତ୍ୟ କରିଥାନ୍ତି। ନଦୀ, ପୁଷ୍କରଣୀ କିମ୍ବା ଝରଣାରେ ବୁଡ଼ ପକାଇ ମହାଦେବଙ୍କ ନିକଟରେ ଦର୍ଶନ କରିବାର ପରମ୍ପରା ରହିଥିବା ଆଦିବାସୀ ଯୁବକ ଭଞ୍ଜ କିଶୋର ମୁଣ୍ଡା, ସରୋଜ ଓରାମ, ଗୁରୁଚରଣ ମୁଣ୍ଡା, କେଶବ ମାଝୀ ପ୍ରମୁଖ କହିଛନ୍ତି। ଯୋଡ଼ା ଅଞ୍ଚଳର ଆଜାଦବସ୍ତି, ଖୁଣ୍ଟପାଣି, ଜୁରୁଡ଼ି, ବାମେବାରୀ, କାଳିମାଟି, ବିଲେଇପଦା, ମୁର୍ଗା ମହାଦେବ ପ୍ରଭୃତି ସ୍ଥାନରେ ମକର ମେଳା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଅନ୍ୟପକ୍ଷେ ଅଞ୍ଚଳରେ ଅଧିକାଂଶ ଖଣି ଖାଦାନ ବନ୍ଦ ହେତୁ ଅଞ୍ଚଳବାସୀ ରୋଜଗାର ହରାଇଛନ୍ତି। ଯାହାର ପ୍ରଭାବ ମକର ଉପରେ ପଡୁଥିବା ଜୁରୁଡ଼ି ଅଞ୍ଚଳର ସୁରେନ୍ଦ୍ର ନାଥ ମହାନ୍ତି, ଦାଶରଥି ପେଣ୍ଟେଇ କହିଛନ୍ତି।

# ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷାକଲେ ଜଳ ସମ୍ପଦ ବିଭାଗ ମୁଖ୍ୟ ଶାସନ ସଚିବ



ସଚିବ ଓ ଅନ୍ୟ ଅଧିକାରୀମାନେ ପ୍ରକଳ୍ପ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

**ଆନନ୍ଦପୁର,୧୩।୧(ସୁଶାନ୍ତ କୁମାର ସାହୁ)**

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ମୁଖ୍ୟ ଶାସନ ସଚିବ ଶୁଭ ଶର୍ମା ମଙ୍ଗଳବାର ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ତାଙ୍କ ସହିତ ସର୍ବୋଚ୍ଚ ଯନ୍ତ୍ରୀ (ଜଳସମ୍ପଦ) ଇଂ. ସାଗର ମହାନ୍ତି, ଓସିସିଏଲର ପରିଚାଳନା ନିର୍ଦ୍ଦେଶକ ଇଂ. ବିଘ୍ନରାଜ ପୁରୋହିତ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ବ୍ୟାରେଜ ସ୍ଥଳ ଏବଂ କେନାଲ ସାଇଟ୍ ପରିଦର୍ଶନ କରି ଚାଲୁଥିବା ବିଭିନ୍ନ ବୈଷୟିକ କାର୍ଯ୍ୟର ତଦାରଖ କରିଥିଲେ। ବିଶେଷ କରି ପ୍ରକଳ୍ପର ବିଭିନ୍ନ ଅଂଶ ଯଥା ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ, ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ, ଶାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ଏବଂ କେନାଲଗୁଡ଼ିକର ବିତରଣ ପ୍ରଣାଳୀର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ମାନସ ରଞ୍ଜନ ମଣ୍ଡଳ, ଅଧୀକ୍ଷଣ ଯନ୍ତ୍ରୀ ଇଂ. କେ ପ୍ରେମ କୁମାର, ଇଂ. ଅସିତ କୁମାର ମହାନ୍ତି, ଇଂ. ସ୍ନେହାଶିଷ ବେହେରା, ଇଂ. ଦୀପକ ମହାନ୍ତି ଏବଂ ଅନ୍ୟାନ୍ୟ ବୈଷୟିକ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ୨୦୩୦ ସୁଦ୍ଧା ୧୦ କାର୍ ଲଞ୍ଚ୍ କରିବ ହୋଣ୍ଡା

## ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ପ୍ରିମିୟମ କାର୍‌ଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ନିକଟରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଫ୍ଲାଗ୍‌ଶିପ ଗ୍ରେଡ୍ ଏକ ଅଧିକ ସ୍ପୋର୍ଟି ଓ ସ୍ୱତନ୍ତ୍ର ଲୁକ୍‌ରେ ଏଲିଭେଟ୍‌ର ମଜଭୁତ ଡିଜାଇନ, ଉତ୍ସାହଜନକ ଆଇ-ଭିଟିଇସି ପ୍ରଦର୍ଶନ ଓ ଆଡ୍‌ଭାନ୍ସଡ ହୋଣ୍ଡା ସେନ୍ସିଂ ସେଫ୍ଟି ଫିଚରଗୁଡ଼ିକୁ ଏକତ୍ରିତ କରିଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଓ ସେଲ୍ସ ବିଭାଗର ଉପାଧ୍ୟକ୍ଷ କୁନାଲ ବେହେଲ ଓ କର୍ପୋରେଟ କମ୍ୟୁନିକେସନ ମୁଖ୍ୟ ବିବେକ ସିଂହ ବିସ୍ତୃତ ସୂଚନା ଦେଇଛନ୍ତି। କୁନାଲ କହିଛନ୍ତି, ଭୁବନେଶ୍ୱର ଭଳି ବଜାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିଛି। ହୋଣ୍ଡା ସିଟି, ହୋଣ୍ଡା ଏଲିଭେଟ୍ ଓ ହୋଣ୍ଡା ଆମେଜ ସମେତ ଆମର ସମସ୍ତ ମଡେଲକୁ ଓଡ଼ିଶାରେ ନିରନ୍ତର ଭାବେ ଗ୍ରହଣ କରାଯାଉଛି। ନୂଆ ଏଲିଭେଟ୍ ଏଡିଭି ଏଡିଶନ ଗ୍ରାହକଙ୍କ ସହ ଦୃଢ଼ ଭାବେ ପ୍ରତିଧ୍ୱନିତ୍ୱ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ ଅବସରରେ କୁନାଲ ବେହେଲ ଓ ବିବେକ ସିଂହ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

୨୦୩୦ ସୁଦ୍ଧା ୭ଟି ଏସ୍‌ୟୁଭି ସମେତ ୧୦ଟି ଲଞ୍ଚ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଚ୍‌ସିଆଇଏଲ୍‌ର ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ ଯାନ ହୋଣ୍ଡା ୦(ଆଲ୍‌ଫା) ମଧ୍ୟ ୨୦୨୬-୨୭ ଆର୍ଥିକ ବର୍ଷର ୨ୟ ଭାଗରେ ଶୁଭାରମ୍ଭ କରାଯିବ । ନୂଆ ଇଭି ସିରିଜ ହୋଣ୍ଡା ୦ (ଜିରୋ) ସିରିଜର ଏକ ଅଂଶ, ହୋଣ୍ଡା ୦ (ଆଲ୍‌ଫା)କୁ ଜାପାନ ମୋବିଲିଟି ଶୋ' ୨୦୨୫ରେ ଏକ ପ୍ରୋଟୋଟାଇପ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲ ହୋଣ୍ଡା ୦ ସିରିଜର ଦୁନିଆରେ ଏକ ପ୍ରମୁଖ 'ଗେଟ୍‌ୱେ ମଡେଲ' ଭାବେ କାର୍ଯ୍ୟ କରିବ। ହୋଣ୍ଡାର 'ମେକ୍ ଇନ୍ ଇଣ୍ଡିଆ' ଲକ୍ଷ୍ୟକୁ ସୁଦୃଢ଼କରି ହୋଣ୍ଡା ୦ (ଆଲ୍‌ଫା)କୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବ ଏବଂ ଅନ୍ୟ ଅନ୍ତର୍ଜାତୀୟ ବଜାରଗୁଡ଼ିକୁ ରପ୍ତାନି କରାଯିବ। ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ସଂସ୍କରଣର ସିଙ୍ଗଲ-ଟୋନ ବିକଳ୍ପ ପାଇଁ (ଏମ୍‌ଟି) ଭାରିଆଣ୍ଟର ମୂଲ୍ୟ ୧୫,୩୮,୯୯୦ ଟଙ୍କା (ଏକ୍ସ ଶୋ'ରୁମ୍) ରହିଥିବାବେଳେ ଡୁଆଲ-ଟୋନ୍ ସଂସ୍କରଣର ମୂଲ୍ୟ ୧୫,୫୮,୯୦୦ ଟଙ୍କା ରହିଛି। ସେହିଭଳି ସିଭିଟି ଭାରିଆଣ୍ଟ ସିଙ୍ଗଲ୍-ଟୋନ୍ ବିକଳ୍ପ ପାଇଁ ୧୬,୫୬,୭୯୦ ଟଙ୍କା ଏବଂ ଡୁଆଲ-ଟୋନ୍ ବିକଳ୍ପ ପାଇଁ ୧୬,୭୬,୭୯୦ ଟଙ୍କାରେ ଉପଲବ୍ଧ। ଏଲିଭେଟ୍ ଏଡିଭିରେ ଉଭୟ ଏକ୍ସଟେରିୟର ଓ ଇଣ୍ଟେରିୟର ପରିବର୍ତ୍ତନ କରାଯାଇଛି। ଏକ୍ସଟେରିୟର ଡିଜାଇନ ବୋଲ୍ଡ ଏକ୍ସକ୍ଲୁସିଭ ଅପ୍‌ଗ୍ରେଡ୍ ହାସଲ କରିଛି।

# ବଢ଼ୁଛି ବିଏମ୍‌ଡବ୍ଲ୍ୟୁ ଚାହିଦା

## ରେକର୍ଡ ସଂଖ୍ୟକ ବିକ୍ରି

ଭୁବନେଶ୍ୱର,୧୩।୧ (ଅନୁରାଧା ମହାରଣା)

ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ରେକର୍ଡ କରିଛି। କମ୍ପାନୀ ୨୦୨୫ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ବିଏମ୍‌ଡବ୍ଲ୍ୟୁ ୧୭,୨୭୧ ୟୁନିଟ୍ ଏବଂ ମିନି ୭୩୦ ୟୁନିଟ୍ ଡେଲିଭରି କରିଛି। ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ୫,୮୪୧ ମୋଟରସାଇକେଲ ଡେଲିଭର କରିଛି। ତ୍ରୈମାସିକ ୪(ଅକ୍ଟୋବର- ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା ୧୭% ବାର୍ଷିକ ଅଭିବୃଦ୍ଧିକୁ ଦର୍ଶାଉଛି। ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର୍ କହିଛନ୍ତି, ଇଣ୍ଟରନାଲ କମ୍ବସନ ଇଞ୍ଜିନ ହେଉ କିମ୍ବା ଇଲେକ୍ଟ୍ରିକ ଭେହିକଲ, ଏସ୍‌ଏଭି କିମ୍ବା ସେଡାନ କିମ୍ବା ଲଙ୍ଗ୍ ହୁଇଲବେସ୍ ମଡେଲ ସେଗ୍‌ମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧିପାଉଛି। ସୂଚନା ଥାଉକି, ୨୦୨୫ ମସିହାରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ଆଗ୍ରେସିଭ ପ୍ରଡକ୍ଟ ଅଫେନ୍ସିଭ ଆରମ୍ଭକରି ୨୦ଟି ନୂତନ ଉତ୍ପାଦ ଲଞ୍ଚ କରିଥିଲା।

# ବିଓଆଇ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ


ବିଓଆଇ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରାଙ୍କ ସମେତ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଏବଂ ରାଜଭାଷାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସେମିନାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ), ଗୃହ ମନ୍ତ୍ରଣାଳୟର ଅନୁସନ୍ଧାନ ଅଧିକାରୀ ଓମ୍‌ପ୍ରକାଶ ପ୍ରସାଦ ରାଜଭାଷା ସହ ଜଡ଼ିତ ଆଇଟି ଉପକରଣର ବ୍ୟବହାର ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ମଉ ମିତ୍ରା ଉପସ୍ଥିତ ରହି ବ୍ୟାଙ୍କ ଅଫ୍ ଇଣ୍ଡିଆ, ପ୍ରଧାନ କାର୍ଯ୍ୟାଳୟକୁ ସମ୍ବୋଧିତ କରିଥିଲେ ଏବଂ କେନ୍ଦୁଝର ଅଞ୍ଚଳ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପ-ଆଞ୍ଚଳିକ ପ୍ରବନ୍ଧକ ବେହେରା ହିନ୍ଦୀ କେବଳ ଆମର ରାଜଭାଷା ନୁହେଁ ବରଂ ଭାରତର ସାଂସ୍କୃତିକ ଏକତା ଏବଂ ପରିଚୟ ପାଇଁ ଏକ ସଶକ୍ତ ମାଧ୍ୟମ ବୋଲି କହିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବଦିବସ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତାକରି କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ ସହ ଗୁରୁଙ୍କ ପାଖରେ ସମର୍ପଣ ଭାବ ଦ୍ୱାରା ଚରିତ୍ର ଗଠନ ସହ ରାଷ୍ଟ୍ରଗଠନ ସମ୍ଭବ। ମୁଖ୍ୟବକ୍ତା ଭାବେ ଭାରତୀୟ ଦର୍ଶନଶାସ୍ତ୍ର ସମାଜର ବରିଷ୍ଠ ସଦସ୍ୟ ତଥା ଏକାମ୍ର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଏବଂ ବିଶିଷ୍ଟ ବକ୍ତା ଡ. ନିରଞ୍ଜନ ପାଢ଼ୀ ମଣିଷ ଭିତରେ ଈଶ୍ୱର ସତ୍ତାକୁ ଉପଲବ୍ଧ କରିବା, ନିଜେ ନିଜର ପରିଚୟ ସୃଷ୍ଟିକରିବା, ମାନବତାବାଦକୁ ବଜାୟ ରଖିବା ପାଇଁ କହିଥିଲେ। ନିଜର ଧୀମତ୍ତାକୁ ପରିମାର୍ଜିତ କରି ବିବେକହୀନ ହେବା ପରିବର୍ତ୍ତେ ଈଶ୍ୱର ପୂଜାକୁ ପଛକରି ମାନବ ସେବାରେ ସମର୍ପଣ ଭାବ ରଖିପାରିଲେ ଭାରତ ବିଶ୍ୱଗୁରୁ ହେବା ସହ ୟୁଥ୍ ଫର୍ ଇଣ୍ଡିଆ ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବଡଲୋକ ହେବା ପଛରେ ନ ଗୋଡାଇ ଭଲ ଲୋକ ହେବାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିବିକ୍ରମ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।



# ନ୍ୟୁ ସେଲ୍ଟସ ଅନାବରଣ କଲା ତୃପ୍ତି କିଆ

ଭୁବନେଶ୍ୱର,୧୩।୧ (ଅନୁରାଧା ମହାରଣା)

କିଆ ମୋଟର୍ସର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲ୍ଟସ ଭୁବନେଶ୍ୱରସ୍ଥିତ ତୃପ୍ତି କିଆରେ ଅନାବରଣ କରାଯାଇଛି। ନୂଆ ସେଲ୍ଟସ ୮ଟି ଭେରିଆଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ପେଟ୍ରୋଲ ଏବଂ ଡିଜେଲ ଉଭୟ ଇଞ୍ଜିନର ବିକଳ୍ପ ଦିଆଯାଇଛି। ଏହି ମଡେଲ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର ସିଟ୍ ସହିତ ମେମୋରି ଫଙ୍କସନ, ଏଲଇଡିଡିଆର୍‌ଏଲ୍. ସହିତ ୱେଲ୍‌କମ୍ ଫଙ୍କସନ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରାନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ମୂଳ ଭାରିଆଣ୍ଟରୁ ହିଁ ଅଟୋମେଟିକ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ ଭଳି ସୁବିଧା ରହିଛି। ଅନାବରଣ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବରେ ଯୋଗଦେଇଥିବାବେଳେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି, ନ୍ୟୁ ସେଲ୍ଟସର ଡିଜାଇନ, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସ୍‌ୟୁଭି ହେବ। କାର୍ଯ୍ୟକ୍ରମରେ ଡାଇରେକ୍ଟର ରୁଦ୍ରନାରାୟଣ ସାମନ୍ତରାୟ ଏବଂ ଜେନେରାଲ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ।




## ଅପରାଧ

# ୬ ଅଭିଯୁକ୍ତଙ୍କ ଜାମିନ ରାୟ ସଂରକ୍ଷିତ

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୩।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଛି। ବ୍ରହ୍ମପୁରସ୍ଥିତ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ, ଜୟପୁରର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଏବଂ ଶିଶୁପାଳ କୁମାର ପାଶ୍ୱାନଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି। ରାୟ ସଂରକ୍ଷିତ ରହିଥିବା ବେଳେ ଆସନ୍ତା ୧୬ ତାରିଖରେ ଏହା ପ୍ରକାଶ ପାଇବ ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି।

୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ରହିଛନ୍ତି।

# ଭଡ଼ାଘରେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

ବେତନଟୀ, ୧୩।୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନରେ ରହୁଥିବା କେସିପୁର ପୋଲିସ ଫାଣ୍ଡିରେ ଜଣେ କନଷ୍ଟେବଲ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜୀବ କୁମାର ଭୂୟାଁ, ତାଙ୍କ ଘର ରାସଗୋବିନ୍ଦପୁର ଥାନା ପାଇକସାହି ଗ୍ରାମରେ। ସେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ କନଷ୍ଟେବଲ ଥିଲେ। ଫାଣ୍ଡିଠାରୁ ୧୦୦ମିଟର ଦୂର ଏକ ଭଡ଼ା ଘରେ ଏକାକୀ ରହୁଥିଲେ। ଏହି ଭଡ଼ା ଘର କବାଟ ଭିତରପଟୁ ବନ୍ଦ ଥିଲା। ତାଙ୍କୁ ଡାକିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଶୁଣିବାରୁ କବାଟ ଭଙ୍ଗାଯାଇଥିଲା। ଘର ଭିତରେ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣା ସୋମବାର ରାତିରେ ଘଟିଥିବା ସନ୍ଦେହ କରାଯାଉଛି। ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଜବତ କରିଥିଲେ। ଏହି ସମୟରେ ମୃତ କନଷ୍ଟେବଲଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ ଉପସ୍ଥିତ ଥିଲେ। ବେତନଟୀ ପୋଲିସ ଶବ ଜବତ ପରେ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦୨୬) ରୁଜୁ କରିଛି। ପୋଲିସର ତଦନ୍ତ ଚାଲୁ ରହିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି।

# ୫ ପରୀକ୍ଷାର୍ଥୀଙ୍କୁ ସିବିଆଇ ଜେରା

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧୩।୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତାର ତଦନ୍ତକୁ ଅଧିକ ତ୍ୱରାନିତ କରିଛି। ମଙ୍ଗଳବାର ସିବିଆଇ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ଓପିଆର୍‌ବି ଏବଂ ସିଲିକନ୍ ଟେକ୍ ଲାବ୍‌ର ଗୁପ୍ତ ସମ୍ପର୍କ ବିଷୟରେ ଜାଣିବା ପାଇଁ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଥିଲା। ଏହି ୫ ଜଣକୁ ହାଜର ହେବାକୁ ସିବିସିଆଇବି ପକ୍ଷରୁ ସମନ ହୋଇଥିଲା। ୩ଜଣ ପରୀକ୍ଷାର୍ଥୀଙ୍କ ସହ ଆଉ ଦୁଇଜଣ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ସିବିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରେ ପ୍ରଥମେ ପୋଲିସ ତଦନ୍ତ କରି ୧୧୭ ଜଣଙ୍କୁ ଗିରଫ କରିଥିଲା। ହେଲେ ମାମଲା ଅତି ସଙ୍ଗୀନ ଥିବାରୁ ଏହାକୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ ରାଜ୍ୟ ସରକାର। ସିବିଆଇ ଘଟଣାର ତଦନ୍ତ କରି ଆଉ କିଛି ଅଭିଯୁକ୍ତଙ୍କୁ ବାନ୍ଧିଥିଲା। ଦୀର୍ଘ ଦିନର ତଦନ୍ତ ପରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଯେଉଁଥିରେ ୧୬ଜଣଙ୍କ ବିରୋଧରେ ତଥ୍ୟ ପ୍ରମାଣ ଥିବା ସିବିଆଇ ଦର୍ଶାଇଛି। ଏହି ଚାର୍ଜଶିଟ୍‌ରେ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକ, ସୌମ୍ୟା ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା , ବିରଞ୍ଚି ନାୟକ, ନୀତିଶ କୁମାର ସମେତ ଅନେକ ରହିଛନ୍ତି। ତେବେ ଚାର୍ଜଶିଟ୍ ଦାଖଲ ହୋଇଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ଅନ୍ୟ ୭ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଜାଲିଆତି ମାମଲାରେ ବଡ଼ ଗେମ କରିଥିଲେ ସିଲିକନ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ। ସିଲିକନ୍ ମନଇଚ୍ଛା ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟକୁ ସହାୟତା ପାଇଁ କାମ ଦେଇଦେଇଥିଲା। ଏନେଇ ଓପିଆର୍‌ବି କିମ୍ବା ଆଇଟିଆଇକୁ ଅବଗତ କରି ନ ଥିଲା।

# ଅଳଙ୍କାର ଦୋକାନରୁ ୫୦ ଲକ୍ଷ ଟଙ୍କାର ଗହଣା ଲୁଟ

ଡେରାବିଶ,୧୩।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଆଳସିଂ ପଞ୍ଚାୟତର ଠାକୁରହାଟ ବଜାରସ୍ଥିତ ବାସୁଦେବ ଅଳଙ୍କାର ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଲୁହା ଶଟର କାଟି ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଓ ଚାନ୍ଦି ଅଳଙ୍କାର ଲୁଟି ନେଇଛନ୍ତି। ଗୁଆଳସିଂ ଗ୍ରାମର ଦୀପ୍ତିରଞ୍ଜନ ସାହୁ ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତି ୮ଟାରେ ସେ ତାଙ୍କ ଅଳଙ୍କାର ଦୋକାନ ବନ୍ଦ କରିବା ସହ ଶଟରରେ ତାଲା ପକାଇ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସିସିଟିଭି କ୍ୟାମେରା ସଂଯୁକ୍ତ ହୋଇଥିବା ତାଙ୍କ ମୋବାଇଲରେ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ଅଳଙ୍କାର ଲୁଟ କରୁଥିବା ଦେଖିଥିଲେ। ତତ୍‌କ୍ଷଣାତ ସେ ଦୋକାନକୁ ଆସି ଦେଖନ୍ତି ତ ଭିତରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବସ୍ତାରେ ମୂଲ୍ୟବାନ୍ ଅଳଙ୍କାର ପୂରାଉଛନ୍ତି। ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଅଳଙ୍କାର ଲୁଟି ନେଇ ପଳାଇଥିଲେ। ଲୁଟ ହୋଇଥିବା ଅଳଙ୍କାର ମଧ୍ୟରେ ୧୨ କେଜି ଓଜନର ଚାନ୍ଦି ଅଳଙ୍କାର ଓ ପ୍ରାୟ ୨୨୦ ଗ୍ରାମ ସୁନା ଅଳଙ୍କାର ରହିଥିଲା। ଏଥିସହ ଅନ୍ୟ ବହୁ ମୂଲ୍ୟବାନ ସୁନା ଓ ରୁପା ଜିନିଷ ସାମିଲ ରହିଛି। ତେବେ ତରତର ହୋଇ ପଳାଇଥିବା ଦୁର୍ବୃତ୍ତମାନେ ତାଙ୍କ ଏକ ବାଇକ୍, ଗ୍ୟାସ୍ ସିଲିଣ୍ଡର, କଟର ଏବଂ ହେଲ୍‌ମେଟ ଛାଡି ଯାଇଥିଲେ ବୋଲି ବ୍ୟବସାୟୀ ଦୀପ୍ତିରଞ୍ଜନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖବରପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଇନ୍ସପେକ୍ଟର ବିଶ୍ୱ ଭୂଷଣ ସାହାଣୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ଜୋର୍‌ଦାର କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୦/୨୬ରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନାରୁ ଜଣାଯାଇଛି।

# ଠିକାଦାରଙ୍କ ଗୋଦାମ ପୋଡ଼ିଲେ, ଜାଳିଦେଲେ ୩ ଗାଡ଼ି

ଭବାନୀପାଟଣା/ ରୁପ୍ରାରୋଡ, ୧୩।୧ (ଉତ୍ତମ କୁମାର ଦାଶ/ ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡର ଠିକାଦାର ଦିନେଶ ଅଗ୍ରୱାଲଙ୍କ ଗୋଦାମକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ଜାଳିଦେଇଛନ୍ତି। ନିଆଁରେ ଗୋଦାମ ପରିସରରେ ଥିବା ୩ ଗାଡ଼ି ଓ ସାମଗ୍ରୀ ପୋଡିଯାଇଛି। ଏହାସହ ସେଠାରେ ମାଓବାଦୀଙ୍କ ନାମରେ କେତେକ ଧମକପୂର୍ଣ୍ଣ ପୋଷ୍ଟର ଦେଖିବାକୁ ମିଳିଛି। ହିନ୍ଦୀରେ ଲେଖା ଥିବା ପୋଷ୍ଟରଗୁଡିକରେ ୩୫ଲକ୍ଷ ଟଙ୍କା ଦେବାକୁ ଦାବି କରାଯାଇଛି। ଟଙ୍କା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଉଲ୍ଲେଖ କରାଯାଇଛି। ଏହା ମାଓବାଦୀଙ୍କ କାଣ୍ଡ ନା ଅନ୍ୟ କେହି ଭିଆଇଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ଭବାନୀପାଟଣାରୁ ଆସିଥିବା ସନ୍ଧାନୀ କୁକୁର ଗୋଦାମରୁ ବାହାରି ଛତାମହୁଲ ଜଙ୍ଗଲ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲା। ସାଇଣ୍ଟିଫିକ୍ ଟିମ୍ ଓ କେସିଙ୍ଗା ଏସ୍‌ଡିପିଓଙ୍କ ସମେତ ପୋଲିସ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୭ତାରିଖରେ ଦିନେଶ ଅଗ୍ରୱାଲଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଚିଠି ଆସିଥିଲା। ଏହି ଘଟଣାର ତଦନ୍ତ କରି ନର୍ଲା ପୋଲିସ ତାଙ୍କ ପୁଅ ଅଙ୍କୁଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୋଟିଏ ମାସ ପୂର୍ବରୁ ହାଇକୋର୍ଟ ଅଙ୍କୁଶଙ୍କୁ ଜାମିନରେ ଛାଡିଥିଲେ। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।


ଗୋଦାମ ପରିସରରେ ଥିବା ଗାଡ଼ିଗୁଡିକ ପୋଡିଯାଇଛି।


## ମିଳିଲା ମାଓବାଦୀ ନାମରେ ଧମକପୂର୍ଣ୍ଣ ପୋଷ୍ଟର

କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ମଙ୍ଗଳବାର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଘଟଣାସ୍ଥଳରେ ଲାଗିଥିବା ପୋଷ୍ଟରର ଭାଷା ଓ ଲେଖିବା ଶୈଳୀରୁ ଏହା ମାଓବାଦୀଙ୍କ କାମ ନୁହେଁ, ନକଲି ମାଓବାଦୀ ପୋଷ୍ଟର ବୋଲି ଜଣାପଡୁଛି। ସେହିପରି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ନର୍ଲା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ରୁପ୍ରାରୋଡରେ ମାଓବାଦୀ ପୋଷ୍ଟର ମିଳିବା ଓ ଠିକାଦାରଙ୍କ ଗୋଦାମ ପୋଡ଼ି ଦିଆଯାଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଆଶିଷଙ୍କ ପରେ ଦିଲ୍ଲୀପଙ୍କ ସମ୍ପତ୍ତି ଅଚଳ କଲା ପୋଲିସ

ଫୁଲବାଣୀ, ୧୩।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପ୍ରଥମେ ଖଜୁରିପଡା ବ୍ଲକ ତିଲକପଡାର ଆଶିଷ ଦିଗାଲଙ୍କ ସମ୍ପତ୍ତିକୁ ପୋଲିସ ଅଚଳ କରିଥିଲା। ଏବେ ପୁଣି ଜଣେ ଗଞ୍ଜେଇ ଚାଲାଣକାରୀ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡଗଉଡ଼ସାହି ଆଠଗଡପାଟଣାର ଦିଲ୍ଲୀପ ଗୌଡ଼ଙ୍କ ସମ୍ପତ୍ତି ଜବତ କରାଯାଇଛି । ଉକ୍ତ ଘଟଣାରେ ଉଭୟଙ୍କଠାରୁ ପୋଲିସ ନଗଦ ୬ ଲକ୍ଷ ୫୭ ହଜାର ୬୪୦ ଟଙ୍କା, ୩୮ ଲକ୍ଷ ୭୨ ହଜାର ୨୮୯ ଟଙ୍କାର ସୁନା ଅଳଙ୍କାର, ୧ କୋଟି ୪ ଲକ୍ଷ ୩୦ ହଜାର ୨୫୭ ଟଙ୍କା ମୂଲ୍ୟର କାର, ଟ୍ରକ ଆଦି ଜବତ କରିଛି। ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିଶି କହିଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ଫୁଲବାଣୀ ସଦର ଥାନା ରୁଜାଙ୍ଗି ନେଡ଼ିସାହିର ଜତି ଜ୍ୟୋତିଷ ବେହେରା, ଟିକାବାଲି ଥାନା ଲାଇନପଡା ପିପଲାସାହିର ମିଥୁନ ନାୟକ ଓ ଆଶିଷ କୁମାର ଦିଗାଲ। ଏମାନଙ୍କ ନାମରେ ସଦର ଥାନାରେ ୧୪୭/୨୫ରେ ମାମଲା ରୁଜୁ ହୋଇଛି । ସେହିପରି ଗିରଫ ଅନ୍ୟମାନେ ହେଲେ ଗଞ୍ଜାମର ମୁଖ୍ୟ ଗଞ୍ଜେଇ ଚାଲାଣକାରୀ ଦିଲ୍ଲୀପ, ବାଲିଗୁଡ଼ା ଥାନା ସୁନାପାଙ୍ଗା, ବନ୍ଧସାହିର ଡି.ଏନ୍ ଦୀନେଶ, ଗୁଡିମରାସାହିର ଦୀପକ ଓରଫ ସମୀର ଦିଗାଲ, ପଟାମାହାର ସୁନିଲ ମଲ୍ଲିକ, ଚମ୍ପାସାହିର ମହେନ୍ଦ୍ର ମଲ୍ଲିକ ଓ ଗୁଜରାଟ ସୁରତର ବୃନ୍ଦଡ ଆର ଓଝା । ବୃନ୍ଦଡଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରୁଛି । ଏ ନେଇ ବାଲିଗୁଡା ଥାନାରେ ୧୦୪/୨୫ରେ ମାମଲା ରୁଜୁ ହୋଇଛି ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

## ମୋଟ ୮.୨୦ କୋଟି ଟଙ୍କାର ସମ୍ପତ୍ତି ଠାବ

ଆଶିଷଙ୍କ ମୋଟ ସମ୍ପତ୍ତି ୪ କୋଟି ୫୯ ଲକ୍ଷ ୬୭ ହଜାର ୯୫୫ ଟଙ୍କା ହୋଇଥିବା ବେଳେ ଦିଲ୍ଲୀପଙ୍କ ସମ୍ପତ୍ତି ୩ କୋଟି ୬୦ ଲକ୍ଷ ୯୧ ହଜାର ୬୮ ଟଙ୍କା। ଉଭୟଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୮ କୋଟି ୨୦ ଲକ୍ଷ ୫୯ ହଜାର ୩୩ ଟଙ୍କା। ଅଚଳ କରାଯାଇଥିବା ସମ୍ପତ୍ତିକୁ ସେମାନେ ବ୍ୟବହାର କରିପାରିବେ ମାତ୍ର କିଣାବିକା କରିପାରିବେ ନାହିଁ। ବ୍ୟାଙ୍କ ଆକାଉଣ୍ଟରେ କୌଣସି ଟଙ୍କା ଉଠାଣ କି ଟ୍ରାନ୍ସଫର କରିପାରିବେ ନାହିଁ । ସେହିପରି ଜବତ ହୋଇଥିବା କାର, ଟ୍ରକ ଥାନାରେ ରହିବ । ଜବତ ଟଙ୍କା ଏବଂ ସୁନା ଗହଣା କୋର୍ଟ ଜିମାରେ ପ୍ରଦାନ କରାଯିବ। ଏମାନଙ୍କ ବିରୋଧରେ ଚାଲିଥିବା ମାମଲାର ତଦନ୍ତ ଶେଷ ହୋଇନି। ସେମାନଙ୍କର ଆହୁରି ସମ୍ପତ୍ତି ଠାବ ହୋଇପାରେ । ଯେଉଁମାନେ ବେଆଇନ ଗଞ୍ଜେଇ କାରବାର କରି ସମ୍ପତ୍ତି ଠୁଳ କରିଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବିଶି ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଏଏସ୍‌ପି ରମେନ୍ଦ୍ର ପ୍ରସାଦ, ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଡିଏସ୍‌ପି ମାନସ ରଞ୍ଜନ ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଶିଷଙ୍କ ଉପରେ ତଥ୍ୟଭିତ୍ତିକ ଖବର ଗତ ୯ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା।

# ଶର୍ଟ ସର୍କିଟ: ଝାରସୁଗୁଡ଼ା ରେଳଷ୍ଟେସନରେ ନିଆଁ

**ଝାରସୁଗୁଡ଼ା,୧୩ା୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ମୁଖ୍ୟ ରେଳୱେ ଷ୍ଟେସନରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଟେଲିକମ ସେକ୍ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହେବା ଯୋଗୁ ରେଳଷ୍ଟେସନରେ ନିଆଁ ଲାଗିଯାଇଥିଲା। ଏଥିରେ କୌଣସି ଜୀବନ ହାନି ହୋଇ ନ ଥିବାବେଳେ ବହୁ ମୂଲ୍ୟବାନ ସାମଗ୍ରୀ ସହିତ କାଗଜପତ୍ର ପୋଡ଼ି ଯାଇଥିବା ଜଣାପଡ଼ିଛି। ପୂର୍ବାହ୍ନ ୧୧ଟାରେ ଝାରସୁଗୁଡ଼ା ମୁଖ୍ୟ ରେଳଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ରେ ଏବଂ ରେଳଷ୍ଟେସନସ୍ଥିତ ଟେଲିକମ ସେକ୍ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ଫଳରେ ପ୍ଲାଟଫର୍ମ ବାହାରେ ଓ ଭିତରେ ଧୂଆଁମୟ ହୋଇଯାଇଥିଲା। ଏହାଦ୍ୱାରା ଉପସ୍ଥିତ ଯାତ୍ରୀ ଓ କର୍ମଚାରୀମାନେ ଭୟଭୀତ ହୋଇ ପାଟି କରିଥିଲେ। ପ୍ରଥମେ ରେଲୱେ ପୋଲିସ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ପ୍ଲାଟଫର୍ମରୁ ଖାଲି କରାଯାଇଥିଲା ଏବଂ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସଙ୍କ ସହ ମିଶି ପ୍ରାୟ ୩ ଘଣ୍ଟା ଧରି ନିଆଁକୁ ଆୟତ୍ତ କରିଥିଲେ। ଜିଲ୍ଲା ଅଗ୍ନିଶମ ଅଧିକାରୀ ଅରୁଣ ଟପ୍ପୋଙ୍କ କହିବା ଅନୁଯାୟୀ, ରେଲୱେ ଷ୍ଟେସନର ଟେଲିକମ ସେକ୍ସନରୁ ହିଁ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିଲା। ଏ ନେଇ ଝାରସୁଗୁଡ଼ା ରେଳ ଷ୍ଟେସନ ମାଷ୍ଟରଙ୍କୁ ପଚାରିବାରୁ ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ଘଟି ନ ଥିବା ବେଳେ କିଛି କାଗଜପତ୍ର ଏବଂ ଫାଇଲ ତା'ର ପୋଡ଼ି ଯାଇଛି ବୋଲି କହିଛନ୍ତି। ତେବେ ରେଲୱେ ଷ୍ଟେସନରେ ନିଆଁ ଲାଗିବାରୁ ରେଳ ଚଳାଚଳ ଓ ରେଲୱେ ବିଭାଗର ବିଭିନ୍ନ କାର୍ଯ୍ୟ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା।




ଅଗ୍ନିକାଣ୍ଡ ଯୋଗୁ ଝାରସୁଗୁଡ଼ା ରେଳଷ୍ଟେସନ ଧୂଆଁମୟ ହୋଇଯାଇଛି।

# ଧାନମଣ୍ଡି ଅବ୍ୟବସ୍ଥା: ନବରଙ୍ଗପୁରରେ ୧୨ ଘଣ୍ଟିଆ ବନ୍ଦ



ନବରଙ୍ଗପୁର ୨୬ ନଂ. ଜାତୀୟ ରାଜପଥରେ ବିଜେଡି ନେତା, କର୍ମୀ ଓ ଚାଷୀଙ୍କ ସହ ଲୋକେ ଧାରଣାରେ ବସିଛନ୍ତି।

**ନବରଙ୍ଗପୁର,୧୩ା୧ (ସଦାଶିବ ପ୍ରହରାଜ)**

ମଣ୍ଡିରେ ଧାନ କ୍ରୟ ଆରମ୍ଭରୁ ଅବ୍ୟବସ୍ଥା। ଚାଷୀଙ୍କୁ ଟୋକନ ପ୍ରଦାନରେ ଅହେତୁକ ବିଳମ୍ବ, ସାଙ୍ଗକୁ କଟ୍ନି ଛଟ୍ନି ବାହାନାରେ ଶୋଷଣ। ସାମାନ୍ୟ ବିଳମ୍ବରେ ଧାନମଣ୍ଡିରେ ପହଞ୍ଚିଲେ ଫେରସ୍ତ ସହ ସାଧାରଣ ମୌଳିକ ସୁବିଧା ଯୋଗାଇଦେବାରେ ସରକାର ବିଫଳ। ସାଟେଲାଇଟ୍ ଜମି ସର୍ଭେରେ ତ୍ରୁଟି ଯୋଗୁ ବହୁ ଚାଷୀ ଧାନ ବିକ୍ରି ସୁଯୋଗରୁ ବଞ୍ଚିତ ହେଉଥିବା ଏଭଳି ଅଭିଯୋଗକରି ବିଜେଡି ରାସ୍ତାକୁ ଓହ୍ଲାଇଛି। ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ପୂର୍ବତନ ଏମ୍ପି ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲ୍ଲାର ୭ ବ୍ଲକ୍‌ରେ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ସମୟରେ ଜିଲ୍ଲାରେ ଚକ ଅଖ ବନ୍ଦ ଥିଲା। ଶତାଧିକ ବିଜେଡି ନେତା ଓ କର୍ମୀଙ୍କ ସମେତ ହଜାର ହଜାର ଚାଷୀ ଆନ୍ଦୋଳନକୁ ସମର୍ଥନକରି ଏଥିରେ ସାମିଲ ହୋଇଥିଲେ। କିନ୍ତୁ ଅତ୍ୟାବଶ୍ୟକ ପରିବହନ ବ୍ୟବସ୍ଥା ଚାଲିଥିଲା। ସେହିଭଳି ଦୋକାନ, ବଜାର ଓ ସାପ୍ତାହିକ ହାଟକୁ ବନ୍ଦରୁ ବାଦ୍ ଦିଆଯାଇଥିଲା କାରଣରୁ ବଜାରରେ କାରବାର ସ୍ୱାଭାବିକ ଥିଲା। ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ ପରିସଭୁକ୍ତ କରାଯାଇ ନ ଥିବାରୁ ସେସବୁ ସ୍ୱାଭାବିକ ଭାବେ ଖୋଲା ରହିଥିଲା।

ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ରନ୍ଧାରୀ, ପୂର୍ବତନ ଏମ୍ପି ମାଝୀଙ୍କ ସମେତ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଉମରକୋଟ ବିଧାୟକ ସୁବାସ ଗଣ୍ଡ, ବିଧାୟିକା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ଓ ନବୀନ ନାୟକ, ବଡ଼ିନାରାୟଣ ସିଂ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ପୌରାଧକ୍ଷା ସୌମ୍ୟା ମହାପାତ୍ର, ଅବିଭକ୍ତ କୋରାପୁଟ ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଭୀମ ହରିଜନ ଓ ସରୋଜ ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଓ ଶତାଧିକ ଦଳୀୟ ନେତା ଓ କର୍ମୀ ୨୬ ନମ୍ବର ଜାତୀୟ ରାଜପଥର ମାଝୀଗୁଡ଼ା, ଚାଉରିଆଗୁଡ଼ା ଓ ମା' ଭଣ୍ଡାରଘରଣୀ ମନ୍ଦିର ସମ୍ମୁଖରେ ଧାରଣାରେ ବସିଥିଲେ। ସେହିଭଳି ଅପରାହ୍ନ ୧ଟାରେ ଦଳୀୟ ନେତା ଓ କର୍ମୀ ବିରାଟ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଭାଜପା ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଲିଖିତ ଭାବେ ଆନ୍ଦୋଳନକାରୀଙ୍କୁ ଜଣାଇଲେ, ସୋସାଇଟିକୁ ମିଲ୍ ମାଲିକମାନେ ଅଖାବସ୍ତା ଯୋଗାଇ ଦେବେ। ଚାଷୀମାନେ ଅଖା ନେବେ ଓ ଏଫ୍‌ଏକ୍ୟୁ ଧାନ ଦେଲେ କଟ୍ନିଛଟ୍ନି ହେବ ନାହିଁ। ପ୍ରତିଦିନ ୪ ହଜାର କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବ। ଏଥିସହ ଚାଷୀଙ୍କୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କଡ଼ାକଡ଼ି କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି। ମହିଳା, ଯୁବ, ଛାତ୍ର ଓ କୃଷକ ସଙ୍ଗଠନ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ବିଜେଡି ନେତା ଉତ୍ତମ ତ୍ରିପାଠୀ, ସୁମିତ ପାଳ, ଦିଲ୍ଲୁ ପଣ୍ଡା, ସୀମାଞ୍ଚଳ ପାଢ଼ୀ, ସଞ୍ଜୟ ନାୟକ, ନଗର ସଭାପତି ପ୍ରମୋଦ ରଥ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଦୟାନିଧି ବିଷୋୟୀ, ପ୍ରଣତୀ ତ୍ରିପାଠୀ, କାମିନୀ ପାଢ଼ୀ, ନୀଳମାଧବ ପାତ୍ର ପ୍ରମୁଖ ସାମିଲଥିଲେ।

# ହାତୀ ଶାବକ ମୃତଦେହ ଠାବ

**ବଣାଇଁ,୧୩ା୧ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବନଖଣ୍ଡ ଉର୍ତ୍ତା ବନାଞ୍ଚଳ ଅନ୍ତର୍ଗତ କେଲୋ ସଂରକ୍ଷିତ ଜଙ୍ଗଲରେ ସୋମବାର ଅପରାହ୍ନରେ ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ବଣାଇଁ ଡିଏଫ୍‌ଓ ଦାୟିତ୍ୱରେ ଥିବା ଦେଓଗଡ଼ ଡିଏଫ୍‌ଓ ରଶ୍ମୀ ଜିଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ବନ ଅଧିକାରୀ, ଗୁରୁଣ୍ଡିଆ ପ୍ରାଣୀଧନ ଚିକିତ୍ସକ ଓ ପାରା ଉଦ୍ଧାରକାରୀ ଦଳ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଜନ୍ମ ସମୟରେ ହାତୀ ଶାବକଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହର ବିଭିନ୍ନ ଅଂଶର ନମୁନା ସଂଗ୍ରହକରି ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଛି।




ମୃତ ହାତୀ ଶାବକ


## GOVERNMENT OF ODISHA
No.B-944

## e-Procurement Notice, ANGUL (R&B) DIVISION
**Bid Identification No.59 of 2025-26**
e-mail ID- angulrbdivision@yahoo.co.in

1. Number of Works : 01 (One) number of Building work
2. Approximate estimated cost : 99.58 Lakh
3. Period of completion : 03 (Three) Calendar months
4. Date & Time of availability of bid document in the portal : **Dt.13.01.2026 at 10.00 A.M.**
5. Last date / Time for receipt of bid in the portal : **Dt.19.01.2026 up to 5.00 P.M.**
6. Date of opening Bid : **Dt. 20.01.2026 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in.

**Sd./- Superintending Engineer**
**Angul (R&B) Division**
OIPR-



## OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION, ODISHA, TAMANDO, BHUBANESWAR-28
NO.115/DT. 09.01.2026

### TENDER CALL NOTICE
**No.TT-15** : Sealed tenders are invited from authorised suppliers/dealers and registered firms having valid PAN, GST Registration and GST Clearance Certificate for supply of sports uniforms for use of the students of Government College of Physical Education, Tamando, Bhubaneswar for the academic session 2025-2027.

Further, the Government College of Physical Education, Tamando, Bhubaneswar invites bids from reputed firms/ agencies through Request for Proposal (RFP) for "Supply of Uniforms for Government College of Physical Education, Tamando, Bhubaneswar, Odisha."

The detailed tender/RFP document may be downloaded only from the official college website **https://gcpebhubaneswar.in** during the period from 13.01.2026 to 06.02.2026.

Interested firms/parties / agencies are advised to carefully study the RFP document before submitting their bids.

Important Dates & Information
- Place of Submission & Opening: Office of the Principal, Government College of Physical Education, Tamando, Bhubaneswar - 751028
- Last Date & Time of Submission: 06.02.2026 by 05:00 P.M. (All documents related to the Tender / RFP, including the sealed tender, must be sent **only through Speed Post** to the above-mentioned address)
- The Earnest Money Deposit (EMD) amount shall be submitted **only throuh Demand Draft (DD)** drawn in favour of **"Principal, Government College of Physical Education, Bhubaneswar"** payable at Bhubaneswar.
- Date & Time of Opening of Tender: 07.02.2026 at 11:30 A.M at the Office of the Principal, Government College of Physical Education, Tamando, Bhubaneswar 751028.

The undersigned reserves the right to accept or reject any or all tenders fully or partly without assigning any reason thereof.

**Sd./- Principal**
**GCPE, Tamando, Bhubaneswar**
OIPR-



## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
## Office of the Jaleswar Municipality, Jaleswar
Dist. : Balasore, Odisha-756032
Ph : (06781) 222407, Email : jaleswarmunicipality@gmail.com
No. 144 Date : 12.01.2026

### Short Quotation Call Notice
**No.C-2066** : Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of **(1) 3.3 KW capacity Elec. Vehicle Charging Station (2) 4.4 KW Panel Capacity solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage (3) Electri Semi High Mas Light / equipment** as specification mentioned (list & Terms & Condition can be seen at Office). Available of documents from **13.01.2026 to 21.01.2026** up to 01.00 P.M. (in office hours). The quotation should reach to the undersigned on or before **22.01.2026 at 03.00 P.M.** through Speed Post/Registered Post/Courier/by hand. The Quotation will be opened on dt **22.01.2026 at 04.00 P.M.** in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

**Sd./- Executive Officer**
**Jaleswar Municipality**
OIPR -



## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST.-NUAPADA, ODISHA
E-mail : eeroads.khr@rediffmail.com
Letter No.142 Date : 07.01.2026

**1st Corrigendum to**
**Bid Identification No. SER&BKHR - 19/2025-26**

**B-964** : The following changes are being made for E-Procurement Notice - 19, Bid Identification No.SER&BKHR - 19/2025-26 vide letter no.31 dated 02.01.2026 in the above Tender Call Notice.
1. The Date & time of availability of bid documents in the portal from 10.00 hours of 13.01.2026 to 17.00 Hours of 27.01.2026 has extended from 10.00 hours of 28.01.2026 to 17.00 Hours of 12.02.2026.,
2. The date & time of opening of bid documents in the portal from 11.00 hours on 28.01.2026 has extended to 11.00 AM on date 13.02.2026 respectively.
3. All other terms and conditions remain unchanged.

**Sd./- Superintending Engineer**
**Khariar (R&B) Division**
OIPR-



## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
### OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-2990

No.-CHEP/TW-332/186 Date: 12.01.2026

### TENDER CALL NOTICE NO.-CHEP-52/2025-26
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Distributors meeting Eligibility Criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply, Testing & Commissioning of Numerical Feeder Protection Relays in 33KV Feeders of CHEP, Chiplima | Rs.7,080/- (Rs.6,000/- + GST @18%) | 10,500/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** **from dtd.16.01.2026 up to 12:30 PM of dtd.29.01.2026**.

OIPR- **Sd/- C & P Head, CHEP, Chiplima**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK
ee_rwbdk2@yahoo.co.in
**"e" Procurement Notice for Road Works**
**Identification Online Tender025/RWD/BDK-II/2025-26, Dtd.06.01.2026**

**No.O-1997:**1. Name of the Work : Road Works as per Annexure, 2. Total Number of Works: 1 No., 3. Approximate Estimated Cost: Rs.55.08 Lakhs. 4. Class of Contractor: "B" Class. 5. Period of Completion:As per Annexure, 6. Type of Tender: Double Cover. 7.Other details: The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seek-ing tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Bhadrak | 25 | 12.01.26 At 11.00 P.M. | 19.01.26 upto 5.00 P.M. | 19.01.26 upto 3.00 P.M. | 20.01.26 at 11.00 AM | Will be intimated later |

8. **Further details can be seen from the e-Procurement portal "https://www.tendersorissa.gov.in"**
9. Any other changes/ Corrigendum may be seen only in website www.tendersorissa.gov.in

OIPR- **Sd./- Superintending Engineer, R.W.Division-II, Bhadrak**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR
Phone No.06671-224074, e-mail: eerwkhariar@gmail.com
**e-Procurement Notice**
**BID IDENTIFICATION NO.RWKHR-07/2025-26 (Online)**

**No.O-2002:**Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Name of the Work: Roads & Building Works. 2. Total No. of Works: 7 Nos. 3. Estimated Cost: 3.26 to 55.48 Lakhs. 4. Period of Completion: 1 (One) Calendar & 2 (Two) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & time of seeking ten-der clarification | Date & Time of Opening of Technical Bid | Date & Time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division, Khariar | RWKHR- 07/ 2025-26 (Online) | 13.01.2026 At 10.00 AM | 27.01.2026 Upto 5.00 PM | 27.01.2026 Upto 11.00 AM | 28.01.2026 at 11.00 AM | 31.01.2026 at 11.00 AM |

Further details can be seen from the website www.tendersodisha.gov.in.

OIPR- **Sd./- Superintending Engineer, Rural Works Division, Khariar**



## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–14
No.RR- ଇ–ମେଲ୍: directorateofculture@gmail.com

### ''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ ''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ । ସମ୍ମାନସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକା, ସାହିତ୍ୟିକଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥରାଶି ସହିତ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ । ଏହି ସମ୍ମାନ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ ।

୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକା/ସାହିତ୍ୟିକଙ୍କ ସାମଗ୍ରିକ ସାହିତ୍ୟକୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ ।

(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ । ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ, ଉକ୍ତ ଅନୁଷ୍ଠାନକୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ ।

୩. ଏଥିପାଇଁ ସାହିତ୍ୟିକା/ସାହିତ୍ୟିକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ ।

୪. ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ ।

୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।

୬. ଏହି ସମ୍ମାନ ପାଇଁ ଦୈନିକ ସମ୍ବାଦପତ୍ରରେ ବିଜ୍ଞାପନ ଜରିଆରେ ପ୍ରସ୍ତାବ ଆହ୍ୱାନ କରାଯିବ । ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ପ୍ରସ୍ତାବ ଦାଖଲ କରିପାରିବେ । ଏକ ତିନିଜଣିଆ ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତାବଗୁଡ଼ିକୁ ତନଖି କରାଯିବା ପରେ ଯୋଗ୍ୟତାଭିତ୍ତିରେ ସର୍ବସମ୍ମତିକ୍ରମେ କିମ୍ବା ସଂଖ୍ୟାଧିକ ସଦସ୍ୟଙ୍କ ମତାମତ ଅନୁଯାୟୀ ଏହି ସମ୍ମାନ ନିମନ୍ତେ ପ୍ରାର୍ଥୀ ଚୟନ କରାଯିବ ।

୭. ସାହିତ୍ୟିକ/ସାହିତ୍ୟିକାଙ୍କ ନିମନ୍ତେ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ସାମଗ୍ରିକ ସାହିତ୍ୟ କୃତି, ବୟସ, ଖ୍ୟାତି, ଯୋଗ୍ୟତା ଏବଂ ସାହିତ୍ୟ କ୍ଷେତ୍ରରେ ବରିଷ୍ଠତା ଓ ଓଡ଼ିଆ ସାହିତ୍ୟ ପାଇଁ ଅବଦାନକୁ ବିଚାରକୁ ନେଇ ଚୟନ ପ୍ରକ୍ରିୟା ସମାହିତ ହେବ । ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ନିଷ୍ଠାପର ଓ ନିରନ୍ତର ସାରସ୍ୱତ କାର୍ଯ୍ୟଧାରାକୁ ବିଚାର ପରିସରଭୁକ୍ତ କରାଯିବ । ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କିତ ସାହିତ୍ୟିକ କାର୍ଯ୍ୟଧାରାକୁ ଗୁରୁତ୍ୱ ପ୍ରଦାନ କରାଯିବ ।

୮. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇନଥିବେ ।

୯. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ।

୧୦. ଯେଉଁ ବର୍ଷ ଏ ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ହେବେ ନାହିଁ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।

୧୧. ନିଜେ ଆବେଦନକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଆବେଦକଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନଫର୍ମ ସଠିକ ଭାବେ ପୂରଣ କରି ତା.୨୭/୦୧/୨୦୨୬ ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୧୪ରେ ଦାଖଲ କରିପାରିବେ । ଲଫାପା ଉପରେ କେଉଁ ବର୍ଷର ସମ୍ମାନ ପାଇଁ ଆବେଦନ କରିଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ଅନୁରୋଧ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବନାହିଁ ।

୧୨. ଆବେଦନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର Web-site: https://culture.odisha.gov.in ରେ ମଧ୍ୟ ଉପଲବ୍ଧ ଅଛି ।

ସ୍ୱା./–ନିର୍ଦ୍ଦେଶକ ତଥା ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-



## OFFICE OF THE CHIEF ENGINEER, MEGALIFT, BHUBANESWAR
Plot No. : A-8/2, 1st Floor, Bhoi Nagar, Bhubaneswar - 751022 (Odisha)
ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବୃହତ୍ ଉଠା ଜଳସେଚନ, ଭୁବନେଶ୍ୱର
ପ୍ଲଟ ନଂ : ଏ-୮/୨, ପ୍ରଥମ ମହଲା, ଭୋଇ ନଗର, ଭୁବନେଶ୍ୱର - ୭୫୧୦୨୨ (ଓଡ଼ିଶା)
E-mail : cemlpwr.od@gmail.com ☎ - 91-0674-2567252
Fax -91-0674-2567258

No. 286/Dated. 09.01.2026
### Tender Cancellation Notice
Bid Identification No.5ML/2025-26

**No.A-1265** : The tender for the work "Execution of 03 Nos. of Lift Irrigation Schemes with intake points on Kanpur Main Canal, Ardei Nadi & Balisudra River having Command area between 500 Ha. to 2000 Ha. in Cluster No.XXXVIII in the district of Keonjhar & Mayurbhanj including its distribution network, up to 1 Ha Chak having total planned Culturable Command Area of 4,280 Ha. on "EPC-Turn Key" basis including power system connectivity and Operation & Maintenance of complete commissioned schemes for fifteen years "invited vide Bid Identification No. 5ML/2025-26 is hereby cancelled due to administrative reasons.

**Sd./- Chief Engineer, Megalift**
**Bhubaneswar**
OIPR-



## OFFICE OF THE DIVISIONAL FOREST OFFICER: PURI (WL) DIVISION
Phone No.06752-228281 (Office) Email:dfo.puriwl@odisha.gov.in
Notice No.01/4F/BMC/12/2025, Dated 05th January, 2026
No.MM-476:
### NOTICE
**CANCELLATION OF EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA**

The Notice No.02/2025-26 dt.06.12.2025 inviting the **EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA** is hereby cancelled due to administrative reasons.

**Sd./- Divisional Forest Officer**
**Puri (WL) Division, Puri**
OIPR-



## District Mineral Foundation Trust
Angul, Odisha, PIN-759122
Tele : 06764-230745 / E-mail : dmfangul@gmail.com
Notice No.-82 Date : 12.01.2026

### Corrigendum Notice
**Ref.: EoI No.1099/DMFT dated 20.12.2025.**

**No:CAD-2993** : The details of the corrigendum / revision made in the terms & conditions of the EoI for **"Empanelment of Central/ State Public Sector Undertakings (PSUs) for carrying out various civil works executed by District Administration, Angul under DMFT Angul"** have been issued. Interested PSUs are requested to download the EoI documents and corrigendum notice from the website: www.angul.odisha.gov.in. The last date for receipt of the bid document is 10.02.2026 (05.30 P.M.). Documents are to be submitted through Speed Post/ Registered Post (India Post) only.

**Sd./- Collector & Chairperson - cum-Managing Trustee, DMFT, Angul**
OIPR-



## OFFICE OF THE MUNICIPALITY, NABARANGPUR
NABARANGPUR (ODISHA), PIN- 764059
E-mail-muncipalityngpr@gmail.com
No. 136 Date. 12.01.2026

### Quotation Call Notice
**No.C-2071** : Sealed Quotations are invited from the intending Agency / Firm/ Suppliers /Manufactures having MSME certificate/GSTN clearance certificate, PAN Card & dealership Certificate etc. for Supply of Water Pump Set having reputed brand /company for Nabarangpur Municipality. The quotation is to be received by the undersigned on or before 5.00 P.M on dated 22.01.2026 through registered post/ speed post / hand delivery At- Nabarangpur Municipality, Po/ PS-Nabarangpur, Dist- Nabarangpur and PIN-764059 within the working hour from 10.00 A.M to 5.00 P.M(dated. 15.01.2026 to 22.01.2026). The rate should be inclusive of all taxes. The quotation will be opened on dt.27.01.2026 at 11.00 A.M in the office premises in presence of the Bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotation may contact to the Nabarangpur Municipality Office within the official working hour (Mobile No.8249255900). Details may accessed and quotation details can be downloaded from the website : https://www.nawarangpurm.in/ and https://www.nabarangpur.odisha.gov.in/en/tender.

**Sd./- Executive Officer,**
**Nabarangpur Municipality**
OIPR-



## OFFICE OF THE MUNICIPAL COUNCIL, BHADRAK
No.C-2054
Tel. No.06784-251519 (O) & No.06784-251221
e-mail : bhadrakm.hud@od.gov.in & eobdkmunicipality@gmail.com
No.67 Dt.09.01.2026

### QUOTATION CALL NOTICE
1. Name of the work : Supply of Animal Rescue Vehicle with Hydraulic Lifting facility to Bhdrak Mnunicipality
2. Date of sale/download of bid document : From 03.30 P.M. of dtd.13.01.2026 up to 1.00 P.M. of dt.28.01.2026
3. Last date & time of receipt of bid documents : Up to 4.00 P.M. of dt.29.01.2026
4. Date and time of opening of bid documents : At 4.00 P.M. of dt.30.01.2026
5. Mode of deposit towards cost of : Rs.6000.00 (In shape of DD in favour of the Executive Officer, Bhadrak Municipality to be drawn at Bhdrak should be attached with Bid document)
6. Mode of deposit towards EMD : Rs.25,000.00 (In shape of Fixed Deposit Receipt pledged in favour of the Executive Officer, Bhdrak Municipality should be attached with Bid document)
7. Name and address of the Officer Inviting quotation : Executive Officer, Bhadrak Municipality

Further details can be had from the website of Bhadrak District Website www.Bhadrak.odisha.gov.in & website of Bhdrak Municipality www.bhadrakmunicipality.nic.in from 03.30 PM of dtd.12.01.2026 up to 1.00 P.M. of dt.28.01.2026

**Sd./- Executive Officer**
**Bhadrak Municipality**
OIPR-



## OFFICE OF THE MUNICIPAL COUNCIL, TALCHER
DIST :- ANGUL
Phone No.- (06760) 240259 E-Mail ID: e.o.talcher@gmail.com
No. 166 / Date.12.01.2026

### QUOTATION FOR AUCTION CALL NOTICE
**No.C-2069** : The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending local registered firms / authorized dealers / distributors / suppliers and contractors for **"Auction sale of Municipality Old Vehicle & other scrapped items under Talcher Municipality"**. The prescribed auction schedule can be obtained from the Cash Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash in favour of the Executive Officer, Talcher Municipality from date **13.01.2026** to date **22.01.2026** up to **04.00 PM.** during office hour except holidays.


The auction paper along with all documents should reach the undersigned by Regd. Post /Speed Post/Courier service or by person on or before date **27.01.2026** up to **01.30 PM.** and this office will in no way, be responsible for any delay in receipt of the auction documents. The auction will be opened on the **same date** at **03.30 PM** in presence of the auctioneer or their authorized representative if any. The auction paper received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the auction without assigning any reason thereof.

**Sd./- Executive Officer**
**Talcher Municipality**
OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଦ୍‌ରେ ଅଟଳ ବାଂଲାଦେଶ

**ନୂଆଦିଲ୍ଲୀ, ୧୩।୧**

ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦିଆଯିବା ପରେ ଆରମ୍ଭ ହୋଇଥିବା ବିବାଦ କାରଣରୁ ଦୁଇ ପଡ଼ୋଶୀ ଦେଶର ପାରସ୍ପାରିକ ସମ୍ପର୍କରେ ତିକ୍ତତା ଆସିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ପକ୍ଷରୁ ଭାରତରେ

## ଭେନ୍ୟୁ ପରିବର୍ତ୍ତନ ବିବାଦ

ସୁରକ୍ଷାକୁ ନେଇ ଆଶ୍ୱାସନା ଦିଆଯିବା ସତ୍ତ୍ୱେ ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ବାଂଲାଦେଶ ଦଳ ଭାରତ ଟ୍ରାଭେଲ କରିବାକୁ ରାଜି ନ ଥିବା ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପ୍ରକାଶ କରିଛି। ଏହି ବିବାଦର ସମାଧାନ ଲାଗି ମଙ୍ଗଳବାର ଅପରାହ୍ନରେ ଆଇସିସି ଓ ବିସିବି ମଧ୍ୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ବୈଠକ ବସିଥିଲା।

ଏହି ଭିଡିଓ କନ୍‌ଫରେନ୍ସରେ ବିସିବି ପକ୍ଷରୁ ସଭାପତି ଅମିନୁଲ ଇସ୍ଲାମ, ଉପସଭାପତି ଶେଖାଓ୍ୱତ୍ ହୋସେନ ଓ ଫାରୁକି ଅହମଦ, କ୍ରିକେଟ ଅପରେସନ୍ସ କମିଟିର ଚେୟାରମ୍ୟାନ ଓ ଡାଇରେକ୍ଟର ନଜମୁଲ ଆବେଦିନ ଓ ସିଇଓ ନିଜମ ଉଦ୍ଦିନ ଚୌଧୁରୀ ସାମିଲ ଥିଲେ। ଆଲୋଚନା ବେଳେ ସୁରକ୍ଷାଗତ କାରଣରୁ ଭାରତ ଟ୍ରାଭେଲ କରିବା ସମ୍ପର୍କରେ ନିଜର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବନାହିଁ ବିସିବି ଦୋହରାଇଥିଲା। ଏଥିସହିତ ବାଂଲାଦେଶର ମ୍ୟାଚ୍‌କୁ ଭାରତ ବାହାରକୁ ନେବା ପାଇଁ ଆଇସିସି ନିକଟରେ ପୁଣିଥରେ ଅନୁରୋଧ କରିଥିଲା। ହେଲେ ଟୁର୍ନାମେଣ୍ଟ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଥିବାରୁ ବିସିବିକୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଆଇସିସି ପକ୍ଷରୁ କୁହାଯାଇଥିଲା। ଶେଷରେ ଉଭୟ ପକ୍ଷ ସମ୍ଭାବ୍ୟ ସମାଧାନ ଲାଗି ଆଲୋଚନା ଜାରି ରଖିବାକୁ ରାଜି ହୋଇଥିବା ନେଇ ବିସିବି ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିସିବି ଉପସଭାପତି ଶେଖାଓ୍ୱତ୍ କହିଛନ୍ତି, ଭେନ୍ୟୁ ସ୍ଥାନାନ୍ତରକୁ ନେଇ ହୋଇଥିବା ନିଷ୍ପତ୍ତିରେ ଆମେ ଅଟଳ ରହିଛୁ। ଆମେ ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବୁ ନାହିଁ। ଆମେ ଭାରତ ଯାଉନାହୁଁ। ଆମେ ଆମ ପକ୍ଷ ରଖିସାରିଛୁ ଏବଂ ସେମାନେ ବିକଳ୍ପ ଖୋଜୁଛନ୍ତି। ଏବେ ବି ଆଲୋଚନା ଲାଗି ବାଟ ଖୋଲାରହିଛି। ଆମେ ଏକ ସକାରାତ୍ମକ ଫଳାଫଳ ଲାଗି ଆଶାବାଦୀ। ଟୁର୍ନାମେଣ୍ଟକୁ ଅଧିକ ସମୟ ନାହିଁ। ଏଣୁ ଖୁବ୍‌ଶୀଘ୍ର କିଛି ବ୍ୟବସ୍ଥା କରାଯିବ।

# ଭାରତ ବିପକ୍ଷ ସିରିଜ୍ ପରେ ଅବସର ନେବେ ହିଲି

**ସିଡ୍‌ନୀ, ୧୩।୧(ପି.ଟି.)**

ଅଷ୍ଟ୍ରେଲିଆ ମହିଳା କ୍ରିକେଟର ଏଲିସା ହିଲି ମାର୍ଚ୍ଚରେ ଭାରତ ବିପକ୍ଷ ଘରୋଇ ସିରିଜ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ଏହି ୩୫ ବର୍ଷୀୟା କ୍ରିକେଟର ଶେଷଥର ପାଇଁ ପର୍ଥଠାରେ ଏକମାତ୍ର ମହିଳା ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ୟୁକେରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଉ ନ ଥିବାରୁ ସେ ଭାରତ ବିପକ୍ଷ ଟି୨୦ରେ ଖେଳିବେ ନାହିଁ।



କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୬ରୁ ୨୧ ପର୍ଯ୍ୟନ୍ତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଗଜପତି, ଢେଙ୍କାନାଳ, ମାଲକାନଗିରି, ମୟୂରଭଞ୍ଜ ବିଜୟୀ

**ଭୁବନେଶ୍ୱର, ୧୩।୧ (ବିଜୟ ରଣା)**

## ଆନ୍ତଃ ଜିଲା ସ୍କୁଲ କ୍ରିକେଟ

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଗଜପତି, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ମାଲକାନଗିରି ଓ ମୟୂରଭଞ୍ଜ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଗଜପତି ୧୩ ରନରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ୪୨.୧ ଓଭରରେ ୨୬୫ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମ୍ସ ଲିମା ୮୦ ଓ ତନିଶ ମଲିକ ୫୬ ରନ କରିଥିଲେ। ବିପକ୍ଷ ଦଳର ଶ୍ରେୟାଂଶ ପୂଜାରୀ ୩ ଓ ଯୁବରାଜ ସିଂ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୩.୨ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଓ୍ୱାସିଲ ଖାନ୍ ୯୭ ରନ କରିଥିଲେ। ଗଜପତି ପକ୍ଷରୁ କୋଲି ଭିଗେଶ ଓ ଜେମ୍ସ ଲିମା ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜେମ୍ସ ଲିମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୁରାଙ୍ଗ ଶାସନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବରଗଡ଼ ବିପକ୍ଷରେ ଢେଙ୍କାନାଳ ୪ଉଇକେଟରେ ବିଜୟ ଲାଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ୩୫ ଓଭରରେ ୧୧୮ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶିତେସ ବନ୍‌ଜାରା ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର କ୍ରୁଶାନ୍ତ ବେହେରା ୫ ଓ ସୁରଜ ତରାଇ ୪ଉଇକେଟ ଅକ୍ତିଆର କରିଥିଲେ। ଢେଙ୍କାନାଳ ୨୭.୫ ଓଭରରେ ୬ ଉଇକେଟ ବିନିମୟରେ ୧୧୯ ରନ କରି ମ୍ୟାଚ ଜିତିନେଇଥିଲା। ଟପ୍ ସ୍କୋରର ଯଶରାଜ ପଟ୍ଟନାୟକ ୩୩ ରନ କରିଥିଲେ। ସେହିପରି ଖୋର୍ଦ୍ଧାର ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୮୧ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଶୁଭାଦିତ୍ୟ ପଣ୍ଡାଙ୍କ ଅପରାଜିତ ୮୯ରନ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୭ଉଇକେଟ ବିନିମୟରେ ୧୯୧ ରନ କରିଥିଲା। ଜବାବରେ ସମ୍ବଲପୁର 'ଏ' ୨୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ କରିଥିଲେ। ଏଥିରେ ଶୁଭାଦିତ୍ୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୂଳାପଡ଼ିଆ (ଟାଉନ କ୍ଲବ)ଠାରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ବିପକ୍ଷରେ ପୁରୀ ୮ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩୪ ଓଭରରେ ୧୨୬ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ ପୁରୀ ୧୭.୫ ଓଭରରେ ୨ ଉଇକେଟ ବିନିମୟରେ ୧୨୭ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ସୋଆ କ୍ରିକେଟ ଗ୍ରାଉଣ୍ଡରେ ମାଲକାନଗିରି ୨୫ ରନରେ କିଟ୍‌କୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମାଲକାନଗିରି ୩୨.୪ ଓଭରରେ ୧୧୦ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ କିଟ୍ ୩୫.୫ ଓଭରରେ ମାତ୍ର ୮୫ ରନ କରି ଅଲଆଉଟ ହୋଇଯାଇଥିଲା। ଗଡିରାଉତ ପାଟଣାଠାରେ ଖେଳାଯାଇଥିବା ମ୍ୟାଚରେ ଦେଓଗଡ଼ ବିପକ୍ଷରେ ମୟୂରଭଞ୍ଜ ୮୨ରନରେ ବିଜୟ ହାସଲ କରିଛି। ମୟୂରଭଞ୍ଜ ୩୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୫ରନ କରିଥିଲା। ଜବାବରେ ଦେଓଗଡ଼ ୩୧.୩ ଓଭରରେ ୧୧୩ରନ କରି ଅଲଆଉଟ ହୋଇଯାଇଥିଲା।

# ମିଲୋସ ରାଓନିକ୍‌ଙ୍କ ଅବସର

**ଓଟାଓ୍ୱା, ୧୩।୧(ଏପି)**



ପୂର୍ବତନ ଓ୍ୱିମ୍ବଲଡନ ଫାଇନାଲିଷ୍ଟ ମିଲୋସ ରାଓନିକ୍ ଟେନିସ୍‌ରୁ ଅବସର ନେଇଛନ୍ତି। ରାଓନିକ୍ କାନାଡାର ପ୍ରଥମ ଖେଳାଳି ଭାବେ ୨୦୧୬ ଓ୍ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସେ ରୋଜର ଫେଡେରରଙ୍କୁ ୬-୩, ୬-୭, ୪-୬, ୭-୫, ୬-୩ରେ ହରାଇ ଦେଇଥିଲେ। ଫାଇନାଲରେ ସେ ଆଣ୍ଡି ମୁରେଙ୍କଠାରୁ ପରାଜିତ ହୋଇଥିଲେ। ସେହିବର୍ଷ ସେ ଆହୁରି ମଧ୍ୟ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ପ୍ରଥମଥର ପାଇଁ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିବର୍ଷ ସେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର୍‍ୟାଙ୍କିଙ୍ଗ୍‌କୁ ଉନ୍ନୀତ ହୋଇପାରିଥିଲେ। ଲମ୍ବା ସର୍ଭିସ୍ କରିପାରୁଥିବା ରାଓନିକ୍ ତାଙ୍କ ସମର୍ଥକଙ୍କ ନିକଟରେ 'ମିଜାଇଲ' ନାମରେ ପରିଚିତ ଥିଲେ। ୨୦୧୧ରେ ପ୍ରଫେସନାଲ ଖେଳାଳି ଭାବେ ପରିଣତ ହେବାପରେ ୮ ଏଟିପି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ।

# ବଧିର ଦିନିକିଆ ଟ୍ରାଇ ସିରିଜ୍: ଓଡ଼ିଶା ରନରଅପ୍



ରନରଅପ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

ଓଡ଼ିଶା ଡିଫ୍ କ୍ରିକେଟ୍ ଆସୋସିଏଶନ (ଓଡିସିଏ) ଆନୁକୂଲ୍ୟରେ ଅନୁଗୋଳର ଓଏଫ୍‌ଆର୍‌ସି ଷ୍ଟାଡିୟମରେ ଦିନିକିଆ ଟ୍ରାଇ ସିରିଜ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ଚାମ୍ପିୟନ ଏବଂ ଓଡ଼ିଶା ରନରଅପ୍ ହୋଇଛି। ଅଂଶଗ୍ରହଣ କରିଥିବା ତୃତୀୟ ଦଳ ହେଲା ଆନ୍ଧ୍ରପ୍ରଦେଶ। ୪୦ ଓଭରବିଶିଷ୍ଟ ଫାଇନାଲରେ ଉତ୍ତରପ୍ରଦେଶ ୯ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ଓଡ଼ିଶା ଦଳ ୩୨ ଓଭରରେ ୧୬୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦୀପକ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ୍, ସିରିଜ୍ ଓ ଶ୍ରେଷ୍ଠ ବୋଲର ଏବଂ ଗଜରାଜ ସ୍ୱାମୀ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଏସ୍‌ଏସ୍‌ଓ(ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର) ତ୍ରିଭିଶେଷ ଦଳବେହେରା ମୁଖ୍ୟ ଅତିଥି, ଜିନ୍ଦଲ ଫାଉଣ୍ଡେଶନ ଜିଏମ୍ ସିଏସ୍‌ଆର ଜୟନ୍ତ ମହାନ୍ତି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଏବଂ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର ଆଶୁତୋଷ ମିଶ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡିସିଏ ସାଧାରଣ ସମ୍ପାଦକ ତଥା ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଉପସଭାପତି ସାଗରକାନ୍ତ ସେନାପତି, ସିଇଓ ଶର୍ମିଳା ସୁବ୍ରମଣ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ସିରିଜ୍ ଅନୁଷ୍ଠିତ ହୋଇଥିଲା।

# ଇଣ୍ଡିଆ ଓପନ କଣ୍ଡିଶନକୁ ବ୍ଲିଚଫିଲ୍ଟଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୧୩।୧**

ଗତ ବର୍ଷ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନର ପ୍ଲେଇଂ କଣ୍ଡିଶନକୁ ନେଇ ବିବାଦ ସୃଷ୍ଟି କରିଥିବା ଡେନମାର୍କ ଶଟଲର ମିଆ ବ୍ଲିଚଫିଲ୍ଟ ପୁଣି ଥରେ ପରିବେଶକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏପରିକି ଭେନ୍ୟୁରେ ପରିବର୍ତ୍ତନ ସତ୍ତ୍ୱେ ଖେଳାଳିଙ୍କ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଉଛି। ଆସନ୍ତା ଅଗଷ୍ଟରେ ହେବାକୁ ଥିବା ଓ୍ୱାର୍ଲ୍ଡ ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି ଭେନ୍ୟୁ ପରିବର୍ତ୍ତନ କରାଯାଇଛି।

ଅନ୍ୟ ହଲଠାରୁ ମ୍ୟାଚ୍ ଖେଳାଯାଉଥିବା ହଲ ଖୁବ ଭଲ ହେବ ବୋଲି ଆଶା ରଖିଥିଲି। କିନ୍ତୁ ଖେଳାଳିଙ୍କ ପ୍ଲେଇଂ କଣ୍ଡିସନରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ମୋ ମତରେ ଏଠାକାର ପରିବେଶ ସମସ୍ତ ଖେଳାଳିଙ୍କ ପାଇଁ ଅସ୍ୱାସ୍ଥ୍ୟକର। ସମସ୍ତ ଖେଳାଳି ଏଠାରେ ଦୁଇଟି ପ୍ୟାଣ୍ଟ, ଓ୍ୱିଣ୍ଟର ଜ୍ୟାକେଟ, ଗ୍ଲୋଭ୍ସ ଓ ଟୋପି ସହ ଓ୍ୱାର୍ମଅପ କରୁଛନ୍ତି। ଅତ୍ୟଧିକ ଥଣ୍ଡା କାରଣରୁ ଖେଳାଳିଙ୍କ ଲାଗି ପ୍ରସ୍ତୁତି କରିବା କଷ୍ଟକର ହୋଇ ପଡ଼ିଛି ବୋଲି ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ବ୍ଲିଚଫିଲ୍ଟ କହିଛନ୍ତି।

# ପ୍ରଥମ ରାଉଣ୍ଡରେ ଭେନସ୍ ପରାଜିତ

**ହୋବାର୍ଟ (ଅଷ୍ଟ୍ରେଲିଆ), ୧୩।୧(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଆରମ୍ଭ ହେବାକୁ ଏକ ସପ୍ତାହରୁ କମ୍ ସମୟ ଥିବା ବେଳେ ମଙ୍ଗଳବାର ହୋବାର୍ଟ ଇଣ୍ଟରନ୍ୟାଶନାଲରେ ଭେନସ୍ ଓ୍ୱିଲିୟମ୍ସ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି। ତାତ୍‌ଜାନା ମାରିଆ ତାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୪୫ ବର୍ଷୀୟା ଭେନସ୍‌ଙ୍କୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଲାଗି ଏକ ଓ୍ୱାଇଲ୍ଡ କାର୍ଡ ମିଳିଛି। ତାଙ୍କୁ ହୋବାର୍ଟରେ ଖେଳିବା ଲାଗି ମଧ୍ୟ ଓ୍ୱାଇଲ୍ଡ କାର୍ଡ ମିଳିଥିଲା, ଯେଉଁଠାରେ କି ସେ ମାରିଆଙ୍କ ବିପକ୍ଷ ମ୍ୟାଚ୍ ଦେଢ଼ଘଣ୍ଟାରେ ହାରିଯାଇଥିଲେ। ଭେନସ୍ ଗତ ସପ୍ତାହରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡଠାରେ ମଧ୍ୟ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଥିଲେ।


# Classified Everyday

**0674-2580101, 9692975378**



MATRIMONIAL

**GROOM WANTED**


ବୟସ 29, Bankରେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-3080



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

GROUND FLOOR 2BHK 1000SQFT BOTHSIDE ROAD AT CHINTAMANISWAR NEAR TEMPLE WALKABLE DISTANCE TO CUTTACK ROAD RAIL BHUBANESWAR. FOR OFFICE, OFFICE CUM RESIDENCE, GODOWN FOR LIGHT GOODS. 6370087588/ 7008211947. D-3074





All types of physiotherapy and massage. Contact: 9556924059/ 7656969134. D-3075

**LOST**

Extract of GD No. 021 dated 11.01.2026 of Sunabeda Police Station, I, Geeta Tripathy (50), wife of Pranaya Tripathy, resident of Kakigan Road, P.S.- Sunabeda, District- Koraput declare that my sale deed relating to Kakigan Mauza, Plot Nos. 1359/1517/1483, Khata Nos. 130/1373, is not traceable. Matter is entered in GD for future reference. D-3096

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, Date- 08.01.2026, I, Soumyaranjan Barik, At- Bariksahi, P.O.- Dharmadaspur, VTC- Gunupur, Sub District- Mahanga, Dist.- Cuttack, PIN- 754204, Odisha, India declare that I have changed the name of my daughter from PUJA BARIK to PRITIMANJARI BARIK. Henceforth, she shall be known as PRITIMANJARI BARIK for all purposes.
Soumyaranjan Barik
D-3097

I, Pranati Rout, W/o. Late Suresh Kumar Rout, At/P.O.- Kanapura, P.S.- Kamakhyanagar, Dist.- Dhenkanal solemnly declare that by the affidavit before the Executive Magistrate, Dhenkanal, my surname has been changed from Pranati Samal to Pranati Rout. Henceforth, I shall be known as PRANATI ROUT for official & all other purposes. D-3098

I hitherto known as Sunita Bhanja, D/o. Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunitha Bhanjdeo. D-3099

I hitherto known as Sunil Kumar Bhanja, S/o Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunil K Bhanjdeo. D-3100

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai, 71 yrs, S/o.- Late Jogendra Ghadai, At- Apartipur, P.O.- Matipaka, P.S.- Naikanidihi, Dist.- Bhadrak do hereby solemnly declare that as per my Aadhaar Card my name is Narayan Ghadai which is wrongly mentioned as Narayan Chandra Ghadai in my son Krushna Chandra Ghadai's Passport. I declare that Narayan Ghadai and Narayan Chandra Ghadai is one and same person. D-3101


By virtue of an affidavit sworn before in the Court of Executive Magistrate, Pipili, dated- 26.11.2025 I, Digbijaya Behera, S/o.- Dibakar Behera, At/P.O.- Laxminarayanpur, P.S.- Pipili, Dist.- Puri, Odisha- 752104 declare that I have changed my name from Digbijay Behera to Digbijaya Behera. Henceforth, I shall be known as Digbijaya Behera for all purposes.
Digbijaya Behera
D-3102

**LEGAL NOTICE**

IN THE COURT OF THE JUDGE, FAMILY COURT, BALANGIR
C.P. (MAT) NO.10 OF 2025
Rajkishor Pani ......Petitioner
VERSUS
Geetanjali Pani .....Respondent
NOTICE UNDER ORDER 5 RULE 20(1) OF CPC
To
Geetanjali Pani, W/o. Rajkishor Pani, D/o. Prasanna Kumar Mishra, aged about 39 years, Occupation: Private Teacher, resident of Indra Nagar, Balangir Town, P.O.- Balangir, P.S./Civil Judgeship & Dist.- Balangir, PIN- 767001 (Odisha), At Present residing at Village Bagbahali, P.O.- Khari, P.S.- Tarva, Civil Judgeship & Dist.- Subarnapur (Odisha).
Take notice that the petitioner Rajkishor Pani has filed a proceeding under section 13 of Hindu Marriage Act against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 27.01.2026 and in default of your appearance on the day as mentioned, the proceeding will be heard and determined in your absence.
Given under my hand and the seal of court this 23rd day of December 2025.
By order
Sd./- Judge Family Court, Balangir
D-3095

**ମନେ ପଡ଼ନ୍ତି**

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡା. ନଟବର ନାୟକ
(ହୋମିଓପ୍ୟାଥ୍)
ଜଗତ୍‌ସିଂହପୁର
ଆବିର୍ଭାବ- ୦୪।୧୧।୧୯୩୭
ତିରୋଧାନ- ୦୫।୦୨।୨୦୨୪
ଆପଣ ଏକାଧାରାରେ ଜଣେ ସଫଳ ଚିକିତ୍ସକ, ଶିକ୍ଷକ, ଲେଖକ ଓ ସମାଜସେବୀ। ହୋମିଓପ୍ୟାଥ୍ ଚିକିତ୍ସାରେ ମାନବ ସେବା ପାଇଁ ଆପଣ ଓଡ଼ିଶାର ପୁରପଲ୍ଲୀ ତଥା ହୋମିଓପ୍ୟାଥ୍ ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନୀତି ଓ ଆଦର୍ଶକୁ ଝୁରି ହେଉଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:- ବନ୍ଧୁ ଓ ପରିବାରବର୍ଗ
D- 3103


ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଭିରାମ ନାୟକ
ରାଧାରମଣ କଲୋନି, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ- ୧୨।୦୮।୧୯୬୩
ତିରୋଧାନ- ୨୧।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ ଚିରସ୍ମରଣୀୟ ଏବଂ ଅନୁକରଣୀୟ ହୋଇ ରହିବ। ଚଳିତ ମାଘ ମାସ ତା.୧୪।୦୧।୨୦୨୬ ବୁଧବାର ମକର ସଂକ୍ରାନ୍ତି ଦିନ ଆପଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ଅକ୍ଷୟ କୁମାର ନାୟକ, ସଞ୍ଜୁ, ମାମାଲି, ମଳୟ, ସ୍ତ୍ରୀ- ରଞ୍ଜିତା, ପୁତ୍ର- ଆକାଶ, କପିଳା ଓ ଆତ୍ମୀୟସ୍ୱଜନ।
D- 3102

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ରଜନୀଗନ୍ଧାର ଉନ୍ନତ କିସମ



ରଜନୀଗନ୍ଧା ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରାୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ୍ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ପୋଟଳରେ ଫୁଲଫଳ ଧରୁଥିଲେ...




ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

# ମାଣ୍ଡିଆରେ ସାର ପ୍ରୟୋଗ...



ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।

# ଗୋବନ୍ଧ୍ୟା ନିରାକରଣ



ଡା.ବୀରକିଶୋର ପରିଡ଼ା

"ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରି ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷଣ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ।"



ସାଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା - ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା - ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ :** ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି।

**ଅସ୍ଥାୟୀ ବନ୍ଧ୍ୟାଦୋଷ :** ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା - ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମକରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି। ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣକରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ। କିନ୍ତୁ ଦ୍ୱିତୀୟ ଅବସ୍ଥା - ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା - ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରି ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ। ଏହାର କେତୋଟି ମୁଖ୍ୟ କାରଣ ହେଲା -

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା।
- ଶରୀର ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା - ଯକ୍ଷ୍ମା, ଫାଟୁଆ, ଛେରାରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ। ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି। କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

**ଗାଈ ବା ଛଡ଼ାର ଏପରି ବନ୍ଧ୍ୟାଦୋଷ କିପରି ଜାଣିବ**

ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି। ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ମାସରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ। ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି। ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରିଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ। ଗୋପାଳକମାନେ ମନେ ରଖିବା ଉଚତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।


**କେଉଁ କେଉଁ ଜାତୀୟ ଗାଈଙ୍କଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି। ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ବର୍ଷ ବ୍ୟବଧାନରେ ବାଛୁରି ଜନ୍ମ କରନ୍ତି। ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ। ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା:** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। (କ୍ରମଶଃ..)

-ସହକାରୀ ଅଧାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...

### ସୋରିଷ



ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ସୂର୍ଯ୍ୟମୁଖୀ



ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

### ଶାଗ

ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

### କୋବି



କୋବିଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିଟିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ଏକ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ।

### ତରଭୁଜ



ବିହନ ବିଶୋଧନକରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।

# ମାଛ ଯାଆଁଳ ଛାଡୁଥିଲେ...



ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବହୁ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ରୁ ୪୦ ମି.ମି.) ଛାଡ଼ିବାକୁ ହେବ।

# ପନିପରିବାରେ ରୋଗପୋକ ଦମନ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି .ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।

# ଧାନ ସଂରକ୍ଷଣ



ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ Bhubaneswar, Wednesday, January 14/ 2026

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ


ଭାରତୀୟ ଦଳର ଟ୍ରେନିଂ ଅବସରରେ ଅଧିନାୟକ ଶୁବମନ ଗିଲ୍।

**ରାଜକୋଟ,୧୩।୧(ପି.ଟି.)**

ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭଦୋଦରାରେ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୪ ଉଇକେଟରେ ଜିତିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌କୁ ଆଗୁଆ ଦଖଲ ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ମାଇକେଲ ବ୍ରେସ୍‌ୱେଲଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଜବରଦସ୍ତ ଫର୍ମରେ ଥିବା ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ଏବେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ସିରିଜ୍‌ରୁ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବର୍ତ୍ତମାନ ପଦାର୍ପଣ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ନାହିଁ। ସୁନ୍ଦରଙ୍କ ବଦଳରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରିପାରେ। କାରଣ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ବହୁମୁଖୀ ପ୍ରତିଭା ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ସୁନ୍ଦରଙ୍କ ସ୍ଥାନରେ ଦଳ ସ୍ପେଶାଲିଷ୍ଟ ବ୍ୟାଟରଙ୍କୁ ଦଳରେ ସାମିଲ କରିବାକୁ ଚାହେଁ, ତେବେ ଧ୍ରୁବ ଜୁରେଲଙ୍କ ଭଳି ବିକଳ୍ପ ରହିଛନ୍ତି। ଏହା ବ୍ୟତୀତ ଦଳୀୟ କମ୍ବିନେଶନକୁ ନେଇ ବିଶେଷ କୌଣସି ସମସ୍ୟା ନାହିଁ।

ଭଦୋଦରାଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କୋହଲି ଅଳ୍ପକେ କ୍ୟାରିୟରର ୫୪ତମ ଦିନିକିଆ ଶତକ ହାତଛଡ଼ା କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ମିଡଲ ଅର୍ଡର କୋଲାପ୍ସ କରିଥିଲା। ଶେଷଆଡ଼କୁ ଲୋକେଶ ରାହୁଲ ଦାୟିତ୍ୱ ସମ୍ଭାଳିଥିଲେ। ମ୍ୟାଚ୍‌ରେ ଅଧିନାୟକ ଗିଲ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଉପଅଧିନାୟକ ଶ୍ରେୟସ ଆୟାର ୧ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ରୋହିତ ଏହି ମ୍ୟାଚ୍‌ରେ ଛୋଟିଆ ଇନିଂସ୍ ଖେଳିଥିଲେ ମଧ୍ୟ ସେ ଲୟରେ ନଜର ଆସିଥିଲେ। ଏଣୁ ମ୍ୟାଚ୍‌ରେ ରୋହିତ୍‌ଙ୍କଠାରୁ ମଧ୍ୟ ଭଲ ଇନିଂସ୍‌ର ଆଶା କରାଯାଉଛି। କିନ୍ତୁ ଭାରତୀୟ ବୋଲିଂ ବିଭାଗର ପ୍ରଦର୍ଶନରେ ଖୁବ୍ ସୁଧାରର ଆବଶ୍ୟକତା ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍ପିନରମାନେ ଦଳକୁ ଉଇକେଟ ପ୍ରଦାନ କରିବାରେ ସଂଘର୍ଷ କରିଥିଲେ। କେବଳ ଯୁବ ପେସରମାନେ ଦଳକୁ ଆବଶ୍ୟକ ସମୟରେ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ। କୋଟ୍‌ଲା ପିଚ୍‌ରେ ସ୍ପିନରଙ୍କୁ ଅଧିକ ସହାୟତା ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଅଳ୍ପକେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଲାଗି ଅନେକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ଡେଭନ କନ୍‌ୱେ ଓ ହେନରୀ ନିକୋଲାସ ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିବା ବେଳେ ନଂ-୪ ଡାର୍ଲି ମିଚେଲ ବିସ୍ଫୋରକ ୮୪ ରନ୍‌ର ଇନିଂସ ଖେଳିଥିଲେ, ଯାହାଫଳରେ ଦଳ ୩୦୦ ରନ୍ ସ୍କୋର କରିପାରିଥିଲା। ମିଚେଲ ହେ ଓ କ୍ରିଷ୍ଟିଆନ କ୍ଲାର୍କ ଦଳକୁ ବିସ୍ଫୋରକ ଫିନିଶିଂ ପ୍ରଦାନ କରିଥିଲେ। ବୋଲିଂରେ କାଏଲ ଜେମିସନ ୪ ଉଇକେଟ ନେଇ ଏକଦା ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର (ଉପଅଧିନାୟକ), ଲୋକେଶ ରାହୁଲ (ଉଇକେଟ୍‌କିପର), ଧ୍ରୁବ ଜୁରେଲ/ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମୟ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ରେକର୍ଡ ଅପେକ୍ଷାରେ ବିରାଟ କୋହଲି

**ରାଜକୋଟ,୧୩।୧:** ଫର୍ମରେ ଥିବା ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇପାରନ୍ତି। କୋହଲି ଗତ ୫ ମ୍ୟାଚ୍‌ରେ ୫ ଥର ୫୦ରୁ ଅଧିକ ସ୍କୋର କରିଛନ୍ତି। ଏଥିସହ ସେ ଏବେ ଲଗାତର ୫ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ରନ କରିଥିବା ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ସହିତ ମିଳିତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଯଦି ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଅର୍ଦ୍ଧଶତକ କରନ୍ତି, ତେବେ ସେ କେନ ୱିଲିଅମସନ, ଶାଇ ହୋପ, ବାବର ଆଜାମ, ପଲ ଷ୍ଟିର୍ଲିଂ, ରସ ଟେଲର ଓ କ୍ରିସ ଗେଲଙ୍କ ସମକକ୍ଷ ହେବେ।

## ମହାବୀର ୱାରିୟର୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଅଲ୍ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ମା'ମଙ୍ଗଳା ଦଳକୁ ୩୩-୩୩(୬-୪)ରେ ହରାଇ ମହାବୀର ୱାରିୟର୍ସ ଚାମ୍ପିୟନ ହୋଇଛି।

**ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍**

ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୁଶାନ୍ତ ରାଉତ ଓ ସାରଦା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡ଼ା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ପାତ୍ର, ରିଙ୍କୁ ବଡ଼ଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିକି ନାୟକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥର ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେଇଥିଲେ। ଆଗାମୀ ସଂସ୍କରଣରେ ଉଭୟ ମହିଳା ଓ ପୁରୁଷ କବାଡ଼ି ଲିଗ୍ ଆୟୋଜନ କରାଯିବ ବୋଲି କ୍ଲବ୍ ସଭାପତି ସୁବାସ ପରିଡ଼ା ପ୍ରକାଶ କରିଛନ୍ତି।



ଚାମ୍ପିୟନ ମହାବୀର ୱାରିୟର୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ